

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୯ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 09 MARCH 2021
Vol.No. 32 ■ No. 65 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରତି ମାଆ ଭିତରେ ରହିଛି ନେତୃତ୍ୱ ନେବାର କ୍ଷମତା : ମୁଖ୍ୟମନ୍ତ୍ରୀ

### ମାହାଙ୍ଗାରେ ମହିଳା ସମାବେଶ କରି ସରକାରଙ୍କୁ ଟାର୍ଗେଟ କଲା ବିଜେପି

ଭୁବନେଶ୍ୱର,୦୮/୦୩ (ନି.ପ୍ର): ମହିଳା ଦିବସକୁ ହାତଛଡ଼ା କରିନାହାନ୍ତି ରାଜନୈତିକ ଦଳ । କାରଣ ରାଜ୍ୟ ରାଜନୀତିରେ ନିର୍ଣ୍ଣାୟକ ହୋଇଆସିଛି ମହିଳାଙ୍କ ଭୋଟ । ବିଜେଡି କାର୍ଯ୍ୟାଳୟରେ ଆୟୋଜିତ ମହିଳା ସମାବେଶକୁ ମୁଖ୍ୟମନ୍ତ୍ରୀ ସମ୍ବୋଧିତ କରିଥିବା ବେଳେ ମାହାଙ୍ଗାରେ ଅନୁଷ୍ଠିତ ବିଜେପି ମହିଳା ସମାବେଶରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ଦଳର ପ୍ରଭାରୀ ପୁରନ୍ଦେଶ୍ୱରୀ । ଏପଟେ ମହିଳା କଂଗ୍ରେସ ପାଳନ କରିଛି କଳାଦିବସ । ମୁଖ୍ୟମନ୍ତ୍ରୀ କହିଛନ୍ତି, ପ୍ରତ୍ୟେକ ମାଆ ଭିତରେ ରହିଛି ନେତୃତ୍ୱ ନେବାର କ୍ଷମତା । ମହିଳା ଆଗେଇଲେ, ଦେଶ ଆଗେଇବ । ବିଜେଡି ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ସମାବେଶରେ ମହିଳା



ସ୍ଥାନ ସଂରକ୍ଷଣ ଠାରୁ ଆରମ୍ଭ କରି ମିସନ୍ ଶକ୍ତିକୁ ସ୍ୱତନ୍ତ୍ର ବିଭାଗ ଘୋଷଣା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବଡ଼ ବଡ଼ ପଦକ୍ଷେପକୁ ବଖାଣିଥିଲେ ଦଳର ବରିଷ୍ଠ ନେତ୍ରୀ । ସେପଟେ ରାଜ୍ୟ ବିଜେପି ପକ୍ଷରୁ କଟକ ମାହାଙ୍ଗାରେ ଅନୁଷ୍ଠିତ ମହିଳା ସମାବେଶରେ ଦଳର ରାଜ୍ୟ ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ, ରାଜ୍ୟସ୍ତରୀୟ ନେତୃବୃନ୍ଦ ସାମିଲ ହୋଇଥିଲେ । ନାରୀ ନିର୍ଯାତନା, ଅପରାଧ ଓ ଦୁର୍ନୀତି ଆଦି ପ୍ରସଙ୍ଗକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ପୁରନ୍ଦେଶ୍ୱରୀ । ଏପଟେ ଭୁବନେଶ୍ୱରରେ ରାଲି କରି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା । ସେହିପରି ମହିଳା ଦିବସକୁ କଳା ଦିବସ ଭାବେ ପାଳନ କରିଛି ମହିଳା କଂଗ୍ରେସ । ନାରୀ ନିର୍ଯାତନା ବଢ଼ୁଥିବା ଅଭିଯୋଗ କରି ମୁହଁରେ କଳା ପଟି ବାନ୍ଧି ଭୁବନେଶ୍ୱର ଲୋୟର ପିଏମଜି ଠାରେ ଧାରଣାରେ ବସିଥିଲେ ଦଳୀୟ କର୍ମୀ । ରାଜ୍ୟରେ ମୋଟ ୩ କୋଟି ୧୮ ଲକ୍ଷରୁ ଅଧିକ ଭୋଟର ଥିବା ବେଳେ ୧ କୋଟି ୫୪ ଲକ୍ଷରୁ ଅଧିକ ହେଉଛନ୍ତି ମହିଳା ଭୋଟର । ବିଗତ ନିର୍ବାଚନଗୁଡ଼ିକରେ ମହିଳାର ଭୋଟ ଯେଉଁ ଦଳକୁ ଯାଇଛି, ବିଜୟ ତିଳକ ସେହି ଦଳ ପିନ୍ଧିଛି । ରାଜ୍ୟ ରାଜନୀତିରେ ମହିଳା ଭୋଟ ନିର୍ଣ୍ଣାୟକ ଭୂମିକା ତୁଲାଇ ଆସୁଥିବାର ସବୁ ଦଳର ଫୋକସରେ ରହିଛନ୍ତି ମହିଳା ।

## ନିଆଁ ଲିଭାଇବାକୁ ନିୟୋଜିତ ହେବେ ଓଡ୍ରାଫ ଟିମ

### ରାଜ୍ୟର ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁ ଲିଭାଇବ ଓଡ୍ରାଫ

ଭୁବନେଶ୍ୱର,୦୮/୦୩ (ନି.ପ୍ର): ଜଙ୍ଗଲ ନିଆଁ ଲିଭାଇବାକୁ ନିୟୋଜିତ ହେବେ ଓଡ୍ରାଫ ଟିମ । ରାଜ୍ୟର ବିଭିନ୍ନ ଜଙ୍ଗଲରେ ଲାଗିଥିବା ନିଆଁ ଲିଭାଇବ ଓଡ୍ରାଫ । ଟାସ୍କ ଫୋର୍ସ ଟିମର ଅଧ୍ୟକ୍ଷ ସନ୍ଦୀପ ତ୍ରିପାଠୀଙ୍କ ସୂଚନା । ସେହିପରି ଜଙ୍ଗଲ ନିଆଁକୁ ଲିଭାଇବାକୁ ରାଜ୍ୟ ସରକାର ୯ ଜଣିଆ ଟାସ୍କ ଫୋର୍ସ ଟିମ ମଧ୍ୟ ଗଠନ କରିଛନ୍ତି । ଗତ କିଛି ଦିନ ହେବ ମୟୂରଭଞ୍ଜର ଶିମିଳିପାଳ ଜଙ୍ଗଲରେ ନିଆଁ ଲାଗିଯାଇଥିଲା । ବର୍ତ୍ତମାନ ଏହି ନିଆଁ ଭୟଙ୍କର ହେବାରେ ଲାଗିଛି । ନିଆଁ ଧିରେ ଧିରେ ବ୍ୟାପିବାରେ ଲାଗିଛି ।



ଅଗ୍ନିଶମ ବାହିନୀ ନିଆଁ ଲିଭାଇବା କାମରେ ନିୟୋଜିତ ଅଛନ୍ତି । ବର୍ତ୍ତମାନ ନିଆଁ ଲିଭାଇବା କାମକୁ ଏବେ ବ୍ୟାପକ କରିବାକୁ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର । କେବଳ ଶିମିଳିପାଳ ନୁହେଁ ବଲାଙ୍ଗିର, ନୟାଗଡ, ଢେଙ୍କାନାଳ, ଚନ୍ଦକା ଜଙ୍ଗଲ ଆଦି ପ୍ରମୁଖ ଜଙ୍ଗଲ ଗୁଡିକରେ ନିଆଁ ଲାଗିଛି । ଏହି ନିଆଁକୁ ଲିଭାଇବାକୁ ଏବେ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ।

## କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ଋଷର ମସ୍କୋ ଠାରେ ଭାରତର ପ୍ରଥମ ଉର୍ଜା କାର୍ଯ୍ୟାଳୟ ଉଦ୍‌ଘାଟିତ




ନୂଆଦିଲ୍ଲୀ/ଭୁବନେଶ୍ୱର,୦୮/୦୩ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଥମ କଳ୍ପନା ଓ ପ୍ରଚେଷ୍ଟାରେ ମସ୍କୋ ଠାରେ ଭାରତର ପ୍ରଥମ ଉର୍ଜା କାର୍ଯ୍ୟାଳୟ ଭାରତର ପେଟ୍ରୋଲିୟମ ମନ୍ତ୍ରଣାଳୟର ସଚିବ ଏବଂ ଋଷର ଡେପୁଟି ଉର୍ଜା ମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ତୈଳ ରାଷ୍ଟ୍ରାୟତ ଉଦ୍ୟୋଗ ଯଥା ଇଣ୍ଡିଆନ ଅଏଲ, ଓଏନଜିସି ବିଦେଶ, ଗେଲ୍, ଅଏଲ ଇଣ୍ଡିଆ ଏବଂ ନବରତ୍ନ କମ୍ପାନୀ ଇଆଇଲର ମିଳିତ ସହଯୋଗରେ ଏହି ଉର୍ଜା କାର୍ଯ୍ୟାଳୟ ପ୍ରତିଷ୍ଠା କରାଯାଇଛି। ପ୍ରତ୍ୟେକ ରାଷ୍ଟ୍ରାୟତ ଉଦ୍ୟୋଗ ବ୍ୟବସାୟିକ ସୁଯୋଗ ପାଇବା ନିମନ୍ତେ କାର୍ଯ୍ୟ କରିବା ପାଇଁ ମସ୍କୋରେ ଜଣେ ଲେଖାଏଁ ବରିଷ୍ଠ ଅଧିକାରୀଙ୍କୁ ନିଯୁକ୍ତି କରିଛନ୍ତି। ଉଲ୍ଲେଖଯୋଗ୍ୟ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ମସ୍କୋରେ ଉର୍ଜା କାର୍ଯ୍ୟାଳୟର ସ୍ଥାପନା କରିବା ଦିଗରେ ପ୍ରଥମେ ଗୁରୁତ୍ୱାରୋପ କରିଥିଲେ। ଋଷର ବିଶାଳ ଉର୍ଜା କ୍ଷେତ୍ରରେ ଅଧିକ ସୁଯୋଗର ଅନ୍ୱେଷଣ ▶▶ପୃଷ୍ଠା ୭

## ସୌମେନ୍ଦ୍ର ପ୍ରିୟଦର୍ଶୀ ହେଲେ ନୂଆ କମିଶନର



ଭୁବନେଶ୍ୱର,୦୮/୦୩ (ନି.ପ୍ର): ରାଜ୍ୟ ସରକାର ବରିଷ୍ଠ ଆଇପିଏସ୍ କ୍ୟାଡରରେ ଏକ ଛୋଟ ଧରଣର ଅଦଳ ବଦଳ କରିଛନ୍ତି। ସରକାରୀ ବିଜ୍ଞପ୍ତି ଅନୁଯାୟୀ ଭୁବନେଶ୍ୱର-କଟକ ଦ୍ୱୈତ ନଗରୀ ପୋଲିସ୍ କମିଶନର ପଦବୀରେ ଥିବା ସୁଧାଂଶୁ ମୋହନ ଷଡ଼ଙ୍ଗୀଙ୍କୁ ପୋଲିସ୍ ଗୃହ ନିର୍ମାଣ ନିଗମର ଅଧ୍ୟକ୍ଷ ଭାବେ ବଦଳି କରାଯାଇଛି। ଏଥିପୂର୍ବରୁ ଶ୍ରୀ ଷଡ଼ଙ୍ଗୀ ଏହି ପଦବୀରେ ରହିଥିଲେ। ପୁନର୍ବାର ତାଙ୍କୁ ସେହି ପଦବୀରେ ଅବସ୍ଥାପିତ କରାଯାଇଛି। ଏହାବ୍ୟତୀତ ଏମ୍. ଅକ୍ଷୟଙ୍କୁ ଅଗ୍ନିଶମ ଓ ହୋମ୍‌ଗାର୍ଡ଼ ଡିଜି ଭାବେ ଅବସ୍ଥାପିତ କରାଯାଇଥିଲାବେଳେ କ୍ରାଇମବ୍ରାଂଚ ଏଡିଜି ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ଦ୍ୱୈତନଗରୀ ନୂଆ ପୋଲିସ୍ କମିଶନର ଭାବେ ଅବସ୍ଥାପିତ କରାଯାଇଛି।

## ଶିମିଳିପାଳ ନିଆଁକୁ ନେଇ କଥା ଗୋଟିଏ, କାମ ଆଉ ଗୋଟିଏ

### ମନ୍ତ୍ରୀ କହିଲେ ଅଗ୍ନିଋତୁରେ ନିଆଁ ଲାଗେ, ଅନ୍ୟପଟେ ନିଆଁ ଲିଭାଇବା ପାଇଁ ଗଠନ ହେଲା ଟାସ୍କଫୋର୍ସ

ଭୁବନେଶ୍ୱର,୦୮/୦୩ (ନି.ପ୍ର): ରବିବାର ରାତିରେ ଶିମିଳିପାଳର ଭୟଙ୍କର ଚିତ୍ର ଦେଖିଲେ ସେଠାରେ ନିଆଁ ନିୟନ୍ତ୍ରଣରେ ଅଛି ବୋଲି କହିବା ଛଳନା ବ୍ୟତୀତ ଆଉ କିଛି ହୋଇନପାରେ । ଘନ ଅନ୍ଧାରକୁ ଆଲୋକିତ କରି ଦେଉଥିବା ନିଆଁର ବହ୍ନି ଭିତରେ ବାଜି ଲାଗିଛି, ଜଙ୍ଗଲି ଜନ୍ତୁଙ୍କ ଜୀବନ ଓ ଦେଶର ଅନ୍ୟତମ ପ୍ରମୁଖ ଜୈବ ବିବିଧତାର ପେଣ୍ଠସ୍ଥଳୀ । ପୋଡ଼ାଡିହା ଓ ଭଞ୍ଜବସା ରେଞ୍ଜରେ କିଲୋମିଟର୍ କିଲୋମିଟର୍ ଧରି ବ୍ୟାପିଛି ନିଆଁ । ବଡ଼ କଥା ହେଉଛି, ଭଞ୍ଜବସା ରେଞ୍ଜ ଶିମିଳିପାଳ ଅଭୟାରଣ୍ୟର କୋର ଅଂଚଳରେ ଆସୁଛି । ଯେଉଁ ଜଙ୍ଗଲର ନିଆଁ ସମସ୍ତଙ୍କୁ ବିବ୍ରତ କରୁଛି, ତାକୁ କିନ୍ତୁ ହାଲୁକା ଭାବେ ନେଇଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ । ଜଙ୍ଗଲର ନିଆଁକୁ ଘୋଡାଇବା ପାଇଁ ଏକ ନୂଆ ଋତୁର ଆବିଷ୍କାର କରିଛନ୍ତି ମନ୍ତ୍ରୀ । ଯାହାର ନାଁ ଦେଇଛନ୍ତି ଅଗ୍ନିଋତୁ । ଜାନୁୟାରୀ ୧୫ରୁ ଜୁନ ୧୫ ତାରିଖ ଯାଏଁ ଅଗ୍ନିଋତୁ ରହିଥାଏ, ଏହି ସମୟରେ ନିଆଁ ଲାଗିବା ସ୍ୱାଭାବିକ ବୋଲି କହିବାକୁ ଚାହୁଁଛନ୍ତି ମନ୍ତ୍ରୀ । ମନ୍ତ୍ରୀଙ୍କ କଥାକୁ ଏଭଳି ମଧ୍ୟ ତର୍ଜମା କରାଯାଇପାରେ ଯେ, ନିଆଁ ଲାଗିଛି ଆପେ ଆପେ ଲିଭିଯିବ । କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହାକୁ ଗମ୍ଭୀରତାର ସହ ବିଚାର କରିବାର ଆବଶ୍ୟକତା ରହିଛି । ଏପଟେ ଜଙ୍ଗଲ ନିଆଁ ଲିଭା କାମକୁ ଅନୁଧ୍ୟାନ କରିବା ସହ ନିଆଁ ଲିଭା କାମକୁ ତ୍ୱରାନ୍ୱିତ କରିବା ପାଇଁ ଏକ ରାଜ୍ୟସ୍ତରୀୟ ଟାସ୍କଫୋର୍ସ କମିଟି ଗଠନ କରାଯାଇଛି । ପୂର୍ବତନ ପିସିସିଏଫ ସନ୍ଦୀପ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ୯ ଜଣିଆ ଟାସ୍କଫୋର୍ସ ଗଠନ ହୋଇଛି । ▶▶ପୃଷ୍ଠା ୭

## ଗହୀରମଥା ଉପକୂଳରେ ବିରଳ ଅଲିଭରିଡଲେ କଇଁଛଙ୍କ ଭିଡ

ଭୁବନେଶ୍ୱର,୦୮/୦୩ (ନି.ପ୍ର): ଗହୀରମଥା ଉପକୂଳରେ ବିରଳ ଅଲିଭ୍ରିଡ୍ଲେ କଇଁଛଙ୍କ ଭିଡ । ସାମୁଦ୍ରିକ ଅଭୟାରଣ୍ୟର ବାବୁବାଲି, ଅଗରନାଶୀ-୧, ନାସୀ-୨, ହବାଲିଖଟି, ବରୁଣେଇ, ସାତଭାୟା, ପେଣ୍ଠ ସଂଲଗ୍ନ ଗଭୀର ସମୁଦ୍ରରେ ଅଲିଭ୍ରିଡ୍ଲେ କଇଁଛଙ୍କ ସମାଗମ ହେଉଛି । ସୁଦୂର ଶ୍ରୀଲଙ୍କାର ଜାଫ୍ନା ଉପକୂଳରୁ ହଜାର ହଜାର ମାଇଲି ଅତିକ୍ରମ କରି ଓଡିଶା ଉପକୂଳ ଗହୀରମଥାରେ ବିରଳ ପ୍ରଜାତିର ଅଲିଭ୍ରିଡ୍ଲେ କଇଁଛ ଭିଡ ଜମାଉଛନ୍ତି । ▶▶ପୃଷ୍ଠା ୭

## ବାଟଲା ହାଉସ ଏନକାଉଂଟର ମାମଲାରେ ଦୋଷୀ ସବ୍ୟସ୍ତ ହେଲେ ଆରିଜ ଖାନ

### ଦିଲ୍ଲୀର ସାକେତ କୋର୍ଟ ମାର୍ଚ୍ଚ ୧୫ରେ ଦଣ୍ଡଘୋଷଣା କରିବେ

ନୂଆଦିଲ୍ଲୀ,୦୮/୦୩ (ନି.ପ୍ର): ଦିଲ୍ଲୀର ସାକେତ କୋର୍ଟ ବଟଲା ହାଉସ ଏନକାଉଂଟର ମାମଲାରେ ଅଭିଯୁକ୍ତ ଆରିଜ ଖାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ମାର୍ଚ୍ଚ ୧୫ରେ ଦଣ୍ଡାଦେଶ ଶୁଣାଣି ହେବ । ମାର୍ଚ୍ଚ ୩ରେ କୋର୍ଟ ଏହି ରାୟ ସଂରକ୍ଷଣ କରିଥିଲେ। ଆଡ଼ିସନାଲ ସେସନ୍ସ ଜଜ୍ ସନ୍ଦୀପ ଯାଦବ ଏହି ନିଷ୍ପତି ଶୁଣାଇଛନ୍ତି । ଫେବୃୟାରୀ ୨୦୧୮ରେ ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ ଆରିଜ ଖାନଙ୍କୁ ଭାରତ-ନେପାଳ ସୀମାରୁ ଗିରଫ କରିଥିଲା। ଦିଲ୍ଲୀ, ଅହମ୍ମଦାବାଦ, ୟୁପି ଏବଂ ଜୟପୁରରେ ମଧ୍ୟ ବୋମା ବିସ୍ଫୋରଣ ଅଭିଯୋଗ ହୋଇଛି । ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଦିଲ୍ଲୀରେ ୨୦୦୮ ବଟଲା ହାଉସ ଏନକାଉଂଟର ସମୟରେ ସେ ଯେଉଁ ବିଲଡିଂରେ ଉପସ୍ଥିତ ଥିଲେ, ସେଠାରେ ୪ ଜଣ ଆତଙ୍କବାଦୀ ଉପସ୍ଥିତ ଥିଲେ । ଚାରି ଆତଙ୍କବାଦୀଙ୍କ ମଧ୍ୟରୁ ଆରିଜ ଦୁଇ ଆତଙ୍କବାଦୀଙ୍କୁ ଘଉଡ଼ାଇବାରେ ସାହାଯ୍ୟ କରିଥିଲେ । ଆରିଜଙ୍କ ବିରୋଧରେ ଏନଆଇଏ ୧୫ ଲକ୍ଷ ଟଙ୍କା ପୁରସ୍କାର ରଖିଥିଲେ । ଦିଲ୍ଲୀ ପୋଲିସ ମଧ୍ୟ ତାଙ୍କ ଉପରେ ୫ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲା । ଆରିଜ୍ ୟୁପିର ଆଜାମଗଡ଼ର ବାସିନ୍ଦା । ଏହିମାମଲାରେ ଅଭିଯୁକ୍ତ ଶାହାଜାଦ ଅହମ୍ମଦଙ୍କୁ ୨୦୧୩ରେ ଦଣ୍ଡିତ କରାଯାଇଛି ।

## ମହିଳାଙ୍କୁ ନେଇ ଡିଏମକେର ବଡ ଘୋଷଣା

### ସରକାର ଗଢିଲେ ପ୍ରତି ପରିବାରର ମହିଳାଙ୍କୁ ମାସିକ ଏକ ହଜାର ଟଙ୍କା

ନୂଆଦିଲ୍ଲୀ,୦୮/୦୩ : ବିଧାନସଭା ନିର୍ବାଚନକୁ ନେଇ ତାମିଲନାଡୁରେ ଡିଏମକେର ବଡ ଘୋଷଣା । ରବିବାର ଦଳର ସଂକଳ୍ପ ପତ୍ର ଜାରି କରାଯାଇ ଏକ ବଡ ଘୋଷଣା କରାଯାଇଛି । ଦଳର ମୁଖ୍ୟ ଏମକେ ଷ୍ଟାଲିନ ସାତ ସୂତ୍ରୀ ପ୍ରତିଶ୍ରୁତି ରାଜ୍ୟବାସୀଙ୍କ ଆଗରେ ଉପସ୍ଥାପନ କରିଛନ୍ତି । ଏଥିସହ ଡିଏମକେ ଆଗାମୀ ନିର୍ବାଚନରେ ବିଜୟୀ ହୋଇ ସରକାର ଗଢିଲେ ପ୍ରତି ମାସରେ ରାଜ୍ୟର ସମସ୍ତ ମହିଳାଙ୍କୁ ଏକ ହଜାର ଟଙ୍କା ଲେଖାଏଁ ଦେବାକୁ ଘୋଷଣା କରିଛନ୍ତି । ସମସ୍ତଙ୍କୁ ସାମାଜିକ ନ୍ୟାୟ ଦେବା ପାଇଁ ଡିଏମକେ ପ୍ରତି ପରିବାରର ମହିଳାଙ୍କୁ ଏକ ହଜାର ଟଙ୍କା ଲେଖାଏଁ ମାସିକ ଦେବାକୁ



ପ୍ରତିଶ୍ରୁତି ଦେଇଛି । ଏହାଛଡା ବାର୍ଷିକ ୧୦ଲକ୍ଷ ରୋଜଗାର ସୃଷ୍ଟି କରିବାକୁ ମଧ ରାଜ୍ୟବାସୀଙ୍କୁ ନିର୍ଭର ପ୍ରତିଶ୍ରୁତି ଦେଇଛି ଡିଏମକେ । ସେହିପରି କୃଷି, ବ୍ୟବସାୟ, ଜଳସେଚନ, ରୋଜଗାର, ଶିକ୍ଷ ଉପରେ ବିକାଶର ଏକ ଖସଡା ରଖିଛନ୍ତି ଡିଏମକେ ସୁପ୍ରିମୋ ଏମକେ ଷ୍ଟାଲିନ ।

## ଧାନ ବିକ୍ରି କରିନପାରି ରାସ୍ତାରେ ଚାଷୀ

ଭଣ୍ଡାରିପୋଖରୀ,୦୮/୦୩ (ନି.ପ୍ର): ଧାନ ବିକ୍ର କରି ନପାରି ରାସ୍ତାରେ ଚାଷୀ । ସେବା ସମବାୟ ସମିତିରେ ଟୋକନ ଅବଧି ଭିତରେ ଧାନ ବିକ୍ରି କରି ପାରିଲେ ନାହିଁ ଆଉ ଟୋକନ ଅବଧି ସରିଯିବା ପରେ ରାସ୍ତା ଉପରେ ଧାନ ଗାଡି ରଖି ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ବ୍ଲକ ବିଭିନ୍ନ ପଂଚାୟତର ଚାଷୀ । ସେପଟେ ଟାର୍ଗେଟ ନଥିବା କହି ନିଜ ମୁଣ୍ଡରୁ ▶▶ପୃଷ୍ଠା ୭

## ବିଶ୍ୱ ଆର୍ନ୍ତଜାତିକ ମହିଳା ଦିବସ ପାଳିତ

ବାଲେଶ୍ୱର, ୦୮/୩(ନି.ପ୍ର): ବାଲେଶ୍ୱର ଷ୍ଟେସନରୋଡ୍‌ସ୍ଥିତ ଗୁରୁକୃପା ମହାବିଦ୍ୟାଳୟର +୨ ବିଜ୍ଞାନ ବିଭାଗରେ ଆଇନେକ୍ସ ଏଜୁକେସନାଲ ଟ୍ରଷ୍ଟ ଓ ଉତ୍କଳ କଲଚୁରାଲ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ମମତା କୁଣ୍ଡୁ, ମୁଖ୍ୟବକ୍ତା ଭାବେ ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସାଗରିକା ଓ ଧ୍ୱନିପ୍ରତିଧ୍ୱନିର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗୁରୁକୃପା ମହାବିଦ୍ୟାଳୟର ଚେୟାରମେନ୍ ଇଂ. ଯଦୁନାଥ ସେନାପତି, ଡାଇରେକ୍ଟର ମଞ୍ଜିତ୍ କୁମାର ବିଶ୍ୱାଳ, ଇଷ୍ଟର୍ଣ୍ଣ ପ୍ରଟୋକଲର ମେନେଜିଙ୍ଗ




ଡାଇରେକ୍ଟର ସସ୍ମିତା ଦୀକ୍ଷିତ୍ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଉତ୍କଳ କଲଚୁରାଲ ଏକାଡେମୀର ମୁଖ୍ୟ ବିକ୍ରମ ବାରିକ ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଂପାଦନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ସହ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବେଷ୍ଟ ଅଙ୍ଗନୱାଡ଼ି ୱାର୍‌କର୍ ସୁନେତ୍ରା ଦଉଙ୍କୁ "ବିପଦର ବନ୍ଧୁ" ସମ୍ମାନ, ବେଷ୍ଟ ଅଙ୍ଗନୱାଡ଼ି ହେଲ୍‌ପର୍ ସଞ୍ଜୁଲତା ନାୟକଙ୍କୁ "ମାତୃତ୍ୱ ବନ୍ଧନ" ସମ୍ମାନ, ଖେଳ ପାଇଁ କ୍ରୀଡ଼ାବିତ୍ ସମ୍ମାନରେ ଶୁଭଲକ୍ଷ୍ମୀ ପରିଡ଼ା, ନୃତ୍ୟ ପାଇଁ ନୃତ୍ୟଶିଳ୍ପୀ ସମ୍ମାନରେ ତୃପ୍ତୀମୟୀ ବେହେରାଙ୍କୁ ମାନପତ୍ର ସହିତ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୁରୁକୃପା ମହାବିଦ୍ୟାଳୟ ଉମେଶ ଆଚାର୍ଯ୍ୟ, ସୁଧାଂଶୁ ଦ୍ୱିବେଦୀ, ଚନ୍ଦ୍ର ମୋହନ ମାଝୀ, ରୋଜିସ୍ମିତା ବାରିକ୍, ପ୍ରଣତି ପାଣିଗ୍ରାହୀ, ସନ୍ତୋଷ ସାମଲ, ଲିପିପୁଷ୍ପା ଦଳେଇ, ସପନ କୁମାର ବେହେରା ଦିଲ୍ଲିପ ପତି, ଜୀବନ ଜେନା, ରମେଶ ସାମନ୍ତରାୟ, ଉମାକାନ୍ତ ଦାଶ, ମୃତ୍ୟୁଞ୍ଜୟ ବେହେରା, ସତ୍ୟରଞ୍ଜନ ପରିଡ଼ା ଓ ଅନ୍ୟମାନେ ସହଯୋଗ କରିଥିଲେ । ଆଇନେକ୍ସ ଏଜୁକେସନାଲ ଟ୍ରଷ୍ଟ ଓ ଉତ୍କଳ କଲଚୁରାଲ ଏକାଡେମୀର ମୁଖ୍ୟ ରାଜକିଶୋର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ କରୋନା ଆକ୍ରାନ୍ତ

ଭୁବନେଶ୍ୱର,୦୮/୦୩ (ନି.ପ୍ର): ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ କରୋନା ସଂକ୍ରମିତ ହୋଇଛନ୍ତି । ସେ ନିଜେ ସୋସିଆଲ ମିଡିଆ ଜରିଆରେ ଏହି ସୂଚନା ଦେଇଛନ୍ତି। ଶ୍ରୀ ରାୟ ଟ୍ୱିଟ କରି କହିଛନ୍ତି ଯେ କୋଭିଡ୍-୧୯ର ପ୍ରାରମ୍ଭିକ ଲକ୍ଷଣ ଜଣାପଡ଼ିବା ପରେ ସେ ପରୀକ୍ଷା କରାଇଲେ ଏବଂ ତାହା ପଜିଟିଭ୍ ଆସିଥିବା ସେ ଗତକାଲି ମିଳିଥିବା ରିପୋର୍ଟରୁ ଜାଣଲେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ଥିବାରୁ ଏହା ବିଶେଷ ଚିନ୍ତାର ବିଷୟ ନୁହେଁ। କିନ୍ତୁ ସେ ଅନୁରୋଧ କରିଛନ୍ତି ଯେ କେହି ଏ ଭୂତାଣୁ ସଂକ୍ରମଣକୁ ଖାମଖିଆଲି ଭାବେ ଗ୍ରହଣ କରନ୍ତୁ ନାହିଁ। ମହାମାରୀ ସଂକ୍ରମଣର ପ୍ରାରମ୍ଭିକ ସମୟରୁ ମାସ୍କ ପିନ୍ଧିବା, ସାମାଜିକ ଦୂରତ୍ୱ ବଜାୟ ରଖିବା ସମେତ ଅନ୍ୟାନ୍ୟ



ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ପଦକ୍ଷେପ, ଅଦା-ରସୁଣ ପାଣି ପିଇବା ଭଳି ଅନେକ ସତର୍କତାମୂଳକ ପଦକ୍ଷେପ ନେଇଥିଲି। କିନ୍ତୁ, ସମୟକ୍ରମେ ମୁଁ ଏହି ଭୂତାଣୁଜନିତ ବିପଦ ପ୍ରତି ବେପରୁଆ ହୋଇ ଯାଇଥିବା କାରଣରୁ ସମ୍ଭବତଃ ତାଙ୍କୁ ତାହାର ପ୍ରତିଫଳ ଭୋଗିବାକୁ ପଡ଼ିଛି ବୋଲି ସେ କହିଛନ୍ତି ।

# ମୁଖ୍ୟ ସଚିବଙ୍କ ଯାଜପୁର ଜିଲ୍ଲା ଗସ୍ତ ଓ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସମୀକ୍ଷା

ଭୁବନେଶ୍ୱର,୮।୩ (ନି.ପ୍ର): ଯାଜପୁର ଜିଲ୍ଲାର ବିକାଶକୁ ତ୍ୱରାନ୍ୱିତ କରାଯାଉଛି । ବିଭିନ୍ନ ମେଗା ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରାଯିବା ସହ ତାହାର ସୁଫଳ ଲୋକମାନଙ୍କୁ ଯଥାଶିଘ୍ର ମିଳିବା ଉପରେ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର । ରବିବାର ପୁର୍ବାହ୍ନରେ ଯାଜପୁର ଜିଲାକୁ ଦିନିକିଆ ଗସ୍ତରେ ଆସି ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କୁ ଦର୍ଶନ କରିଥିଲେ । ପରେ ମନ୍ଦିର ଚତୁଃପାଶ୍ୱ ପରିଦର୍ଶନ କରିବା ସହ ମନ୍ଦିରର ଉନ୍ନୟନ ପାଇଁ ୬କୋଟି ୫୦ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ଦେଇଥିଲେ । ମା'ଙ୍କ ମନ୍ଦିରର ଉନ୍ନୟନ ଓ ଉନ୍ନତିକରଣ କାର୍ଯ୍ୟ ଶିଘ୍ର ଆରମ୍ଭ କରିବାକୁ ଶ୍ରୀ ମହାପାତ୍ର ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ । ପରେ କୁସୁମା ପୋଖରୀ ପରିଦର୍ଶନ ସହ ତାହାର ଉନ୍ନତି କରଣ ପାଇଁ ବିଭିନ୍ନ ପରାମର୍ଶ ମୁଖ୍ୟ ସଚିବ ଦେଇଥିଲେ । ପରେ ପରେ ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ପ୍ରସାରିତ ନିର୍ମାଣ କାର୍ଯ୍ୟକୁ ପରିଦର୍ଶନ କରିବା ସହ ପ୍ରକଳ୍ପ ସାରିବାକୁ ଧାର୍ଯ୍ୟ ହୋଇଥିବା ଦେଢ଼ ବର୍ଷ ସମୟସୀମା ମଧ୍ୟରେ ଏହା ଯେପରି ଲୋକଙ୍କ ସେବାରେ ଲାଗେ ସେ ସମ୍ପର୍କରେ ନିର୍ଦ୍ଦେଶ ଦେଇଥିଲେ । ଏହା ପରେ ଜିଲା ସ୍କୁଲର ସ୍ମାର୍ଟ କ୍ଲାସକୁ ମୁଖ୍ୟ ସଚିବ ଅନୁଧାନ କରିବା ସହ ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ଆଲୋଚନା କରିଥିଲେ । ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ଓ ହେବାକୁ ଥିବା ବିଭିନ୍ନ ମେଗା ପ୍ରକଳ୍ପ ସମ୍ପର୍କରେ ମୁଖ୍ୟ ସଚିବ ସମୀକ୍ଷା କରିଥିଲେ । ଯାଜପୁର ଟାଉନ୍, ବ୍ୟାସନଗର, କଳିଙ୍ଗନଗର ଓ ଜିଲାର ଅନ୍ୟାନ୍ୟ ଅଂଚଳ ଗୁଡ଼ିକର ଉନ୍ନୟନ ପାଇଁ ପ୍ରସ୍ତୁତ ହୋଇଥିବା ଯୋଜନା ଗୁଡ଼ିକୁ ସେ ଅନୁଧାନ କରିଥିଲେ । ଏହାକୁ ଆଗାମୀ ଦିନରେ କାର୍ଯ୍ୟକାରୀ କରାଯିବ ଏବଂ ଏହାକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ । ସେହିପରି ଡ଼ିଏମ୍ଏଫ୍ ଓ ଓମ୍ବାର୍ଡ଼ସି ସହାୟତାରେ ଚାଲୁଥିବା କାର୍ଯ୍ୟ ଓ ପ୍ରସ୍ତୁତ ହୋଇଥିବା ଯୋଜନା କାର୍ଯ୍ୟକୁ ମଧ ଶ୍ରୀ ମହାପାତ୍ର ସମୀକ୍ଷା କରିଥିଲେ । ଜିଲାର ବିକାଶ ଓ ଉନ୍ନୟନ କାର୍ଯ୍ୟ ଅଗ୍ରାଧିକାର ଭିତ୍ତିରେ କରାଯାଉଛି । ୪୦ ଏକର ଜମିରେ ପ୍ରଶାସନିକ ଭବନ ନିର୍ମାଣ ହେଉଛି । ସମସ୍ତ ସ୍କୁଲ ମାନଙ୍କର ପିଲାମାନେ ଯେପରି ବେଷ୍ଟ ଏଜୁକେଶନ ପାଇପାରିବେ ତାହାପ୍ରତି ମଧ ଧ୍ୟାନ ଦିଆଯାଉଛି । ଜୀବିକା ମିଶନ ମାଧମରେ ଲୋକମାନଙ୍କୁ କର୍ମନିଯୁକ୍ତି ମଧ ଯୋଗାଇ ଦିଆଯାଉଛି ବୋଲି ଶ୍ରୀ ମାପାତ୍ର କହିଥିଲେ । ବ୍ୟାସନଗର ଓ କଳିଙ୍ଗ ନଗରରେ ମଧ ଏକାଧିକ ପ୍ରକଳ୍ପ ଚାଲୁ ରହିଛି । ଆଗକୁ ଏହାର ଉନ୍ନତିକରଣ ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ ହୋଇଛି ବୋଲି ମୁଖ୍ୟ ସଚିବ କହିବା ସହ ସଠିପୁର, ବ୍ୟାସନଗର ଓ କଳିଙ୍ଗନଗର ଇତ୍ୟାଦି ଅଂଚଳକୁ କ୍ଷେତ୍ର ପରିଦର୍ଶନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲାପାଳ ଚକ୍ରବର୍ତ୍ତି ସିଂ ରାଠୋର, ଆଇଏଏସ୍ ପ୍ରୋବେସନର ସଚିନ୍ ପାୱାର, ଅତିରିକ୍ତ ଜିଲାପାଳ ରାଜସ୍ୱ ଅକ୍ଷୟ କୁମାର ମଲିକ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ଜ୍ୟୋତି ଶଙ୍କର ମହାପାତ୍ର ପ୍ରମୁଖ ଏହି ଗସ୍ତ ସମୟରେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ରାଠୋର ପାୱାର ପଏଂଟ ପ୍ରେଜେଂଟେସନ୍ ମାଧ୍ୟମରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ଓ ହେବାକୁ ଥିବା ଯୋଜନା ଗୁଡ଼ିକର ନୀଳ ନକ୍ସା ପ୍ରଦର୍ଶନ କରିଥିଲେ ।

# ଇନଟ୍ରାକ୍ଲବ ଜୁନିଅର କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ : ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ବିଜୟୀ

ବୌଦ୍ଧ,୮।୩ (ନି.ପ୍ର): ଓଡିଶା କ୍ରିକେଟ ଆସୋସିଏସନ ଦ୍ୱାରା ପ୍ରାୟୋଜିତ ଏବଂ ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ବୌଦ୍ଧରେ ଆରମ୍ଭ ହୋଇଥିବା ଇନଟ୍ରାକ୍ଲବ ଜୁନିଅର କ୍ରିକେଟ ଟୁର୍ଣ୍ଣାମେଂଟ ଆଜି ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ବୌଦ୍ଧ ଓ ପ୍ରଗତି କ୍ଲବ କଂଟାମାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇ ନିର୍ଦ୍ଧାରିତ ୩୫ ଓଭରରେ ୧୯୭ ରନ୍ ସଂଗ୍ରହ କରିଥିଲା । ଏହି ରନ୍‌କୁ ପିଛାକରି ପ୍ରଗତି କ୍ଲବ କଂଟାମାଳ ସମସ୍ତ ୱିକେଟ ହରାଇ ୧୭୮ରନ୍ କରିପାରିଥିଲା । ଫଳରେ ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ଚଂପିଆନ ହେବାସହ ଚଳିତ ବର୍ଷର ସିଲଭର ଟ୍ରଫି ହାସଲ କରିଥିଲା । ଡିଷ୍ଟ୍ରିକ୍ଟ ସ୍ପୋର୍ଟିଂ ତରଫରୁ କ୍ରୀଷ୍ଣାକାନ୍ତ ଅଗ୍ରୱାଲା ୧୧୨ ବଲରେ ସର୍ବାଧିକ ୯୦ ରନ୍ କରି ଶ୍ରେଷ୍ଠ ବ୍ୟାଟସମ୍ୟାନ ଭାବେ ପୁରସ୍କୃତ ହୋଇଥିବା ବେଳେ ପ୍ରଗତି କଂଟାମାଳର ଅନୁରାଗ ତ୍ରିପାଠୀ ୬ଓଭରରେ ୩୪ରନ୍ କରି ୩ଟି ୱିକେଟ ହାସଲ କରି ଶ୍ରେଷ୍ଠ ବୋଲର ଭାବେ ପୁରସ୍କୃତ ହୋଇଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ଯୁଗଳ କିଶୋର ସାମଲ, ସମ୍ମାନୀତ ଅତିଥିଭାବେ ଲମ୍ବୋଦର ପୁରୋହିତ ଓ ପ୍ରଦୀପ କୁମାର ଡାଙ୍ଗ ଉପସ୍ଥିତରହି ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ । ମ୍ୟାଚକୁ ଓସିଏ ଦ୍ୱାରା ନିୟୋଜିତ ଦେବାନନ୍ଦ ଭୋଇ ପରିଚାଳନା କରିଥିବାବେଳେ ଦେବାନନ୍ଦ କ୍ଷେତୀ ତାଙ୍କୁ ସହଯୋଗ କରିଥିଲେ । ଅମ୍ପାୟାର ଭାବେ ବିଭୂତି ଭୂଷଣ ବେହେରା, ରତିରଞ୍ଜନ ବାରିକ, ରଜନୀଶ ଯାଦବ ଏବଂ ରାମକୃଷ୍ଣ ପାଳ ମ୍ୟାଚ ପରିଚାଳନା କରିଥିଲେ ।

# ବରିଷ୍ଠ ନାଗରିକଙ୍କ ସେବା ଏକ ରାଷ୍ଟ୍ରୀୟ କର୍ତ୍ତବ୍ୟ ହେଉ

ଭୁବନେଶ୍ୱର,୮।୩ (ନି.ପ୍ର): ଓଡ଼ିଶା ଇଂଟରନ୍ୟାସନାଲ ସେଂଟର ପକ୍ଷରୁ ଆଜି ସକାଳୁ ସ୍ଥାନୀୟ ଜୟଦେବ ଭବନଠାରେ ବରିଷ୍ଠ ନାଗରିକ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ୨୫ଜଣ ବରିଷ୍ଠ ନାଗରିକ ଯେଉଁମାନଙ୍କର ବୟସ ୭୦ ବର୍ଷରୁ ଅଧିକ, ସେମାନଙ୍କୁ ମାନପତ୍ର, ପୁଷ୍ପମାଲ୍ୟ ଓ ସାଲ୍ ଦେଇ ସମ୍ବର୍ଦ୍ଧନା କରାଯାଇଛି । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥା ଉଦଘାଟକ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବରିଷ୍ଠ ଅବସରପ୍ରାପ୍ତ ଆଇ.ପି.ଏସ୍. ଅଫିସର ଶ୍ରୀ ଅରୂପ ପଟ୍ଟନାୟକ, ଡକ୍ଟର ଗିରିଶ ଚନ୍ଦ୍ର ଶତପଥି, ସମାଜସେବୀ ରୁଦ୍ର ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶା ଇଂଟରନ୍ୟାସନାଲ ସେଂଟର ପକ୍ଷରୁ ପ୍ରତିବର୍ଷ ୧୦୦ ଜଣ ବରିଷ୍ଠ ନାଗରିକଙ୍କୁ ଭୁବନେଶ୍ୱର, କଟକ ଓ ପୁରୀଠାରେ ସମ୍ବର୍ଦ୍ଧିତ କରାଯାଏ । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସୂର୍ଯ୍ୟ ନାରାୟଣ ପାତ୍ର ବରିଷ୍ଠ ନାଗରିକଙ୍କ ସେବା ଏକ ରାଷ୍ଟ୍ରୀୟ କର୍ତବ୍ୟ ବୋଲି ମତ ଦେଇଥିଲେ । ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ନାମକରଣ ଆନନ୍ଦ ମହୋତ୍ସବ ହୋଇଥିବାରୁ ସେ ଖୁସି ପ୍ରକାଶ କରିଥିଲେ । ବରିଷ୍ଠ ନାଗରିକଙ୍କର ସେବା କଲେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଈଶ୍ୱରଙ୍କ ଆଶୀର୍ବାଦ ମିଳିବ ବୋଲି ସେ କହିଥିଲେ । ଆଜିର କାର୍ଯ୍ୟକ୍ରମରେ ରୋଟାରିଆନ ଓ ବିଶିଷ୍ଟ ଉଦ୍ୟୋଗପତି ତାରିଣୀ ପ୍ରତାପ ମହାନ୍ତିଙ୍କୁ "ଜାତୀୟ ସଂହତି" ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶ୍ରୀ ଅରୂପ ପଟ୍ଟନାୟକ ଓଡ଼ିଶା ଇଂଟରନ୍ୟାସନାଲ ସେଂଟରର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରି କହିଥିଲେ ବରିଷ୍ଠ ନାଗରିକ ସେବା ସର୍ବାଗ୍ରେ । ଲୋକମାନେ ଆମର ବରିଷ୍ଠ ନାଗରିକମାନଙ୍କୁ ଯଥୋଚିତ ସମ୍ମାନ ଓ ସହାୟତା କରିବା ଆବଶ୍ୟକ । ଡକ୍ଟର ଗିରିଶ ଚନ୍ଦ୍ର ଶତପଥି ମତ ଦେଇଥିଲେ ବରିଷ୍ଠ ନାଗରିକମାନଙ୍କ ପାଇଁ ହସ୍ପିଟାଲ୍, ବସଷ୍ଟାଣ୍ଡ, ବଡ଼ ବଡ଼ ମଲ ଓ ଜନସମାଗମ ସ୍ଥାନରେ ସ୍ୱତନ୍ତ୍ର ସୁବିଧା ମିଳିବା ଆବଶ୍ୟକ । ଆମର ନାଗରିକମାନେ ବରିଷ୍ଠ ନାଗିରିକଙ୍କୁ ଶ୍ରଦ୍ଧା ଓ ସମ୍ମାନ ସ୍ୱତଃପ୍ରବୃତ ଭାବେ କରିବା ଆବଶ୍ୟକ । ଅନ୍ୟତମ ଅତିଥି ସମାଜସେବୀ ରୁଦ୍ର ସାମନ୍ତରାୟ ବରିଷ୍ଠ ନାଗରିକଙ୍କ ପାଇଁ ବହୁବିଧ କାର୍ଯ୍ୟକ୍ରମ କରିବା ପାଇଁ ମତ ଦେଇଥିଲେ । ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଥିଲେ ବିଶିଷ୍ଟ ସଂଗୀତ ଗୁରୁ ଡଃ ଦାମୋଦର ହୋତା, ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ପ୍ରଫୁଲ୍ଲ ରଥ, ବିଶିଷ୍ଟ ବ୍ୟବସାୟୀ ଶ୍ରୀ ବିନୟ ଚୌଧୁରୀ ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ରବି ନାରାୟଣ ଦାସ ଚୌଧୁରୀ ପ୍ରଭୁତିଙ୍କୁ ସମ୍ମାନିତ କରାଯାଇଥିଲା । ବିଶିଷ୍ଟ ଆଇନ୍‌ଜୀବୀ ପ୍ରଶାନ୍ତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହିସଭାରେ ଓଡ଼ିଶା ଇଂଟରନ୍ୟାସ୍‌ନାଲ୍ ସେଂଟର ସଭାପତି ପରେଶ ନାୟକ ଅତିଥିପରିଚୟ ଓ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ଶ୍ରୀମତୀ ସୁନୀତା ମହାପାତ୍ର ବରିଷ୍ଠ ନାଗରିକମାନଙ୍କର ନାମ ଘୋଷଣା କରିଥିଲେ । ଶ୍ରୀ ଭାବଗ୍ରାହୀ ଶାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ସମାଜର ମୁଖ୍ୟ ସ୍ରୋତକୁ ଫେରି ଆସିବାକୁ ମାଓବାଦୀମାନଙ୍କୁ ଆହ୍ୱାନ କଲେ ପୋଲିସ ଡ଼ିଜି

ମାଲକାନଗିରି,୮।୩ (ନି.ପ୍ର): ମାଓ ଦମନ ନେଇ ପୋଲିସର ଆଗାମୀ ରଣନୀତି ଓ ସ୍ଥିତିର ସମୀକ୍ଷା ପାଇଁ ବଣ୍ଡା ଘାଟି ମୁଦୁଲିପଡ଼ାରେ ଆଜି ପହଂଚି ଥିଲେ ପୋଲିସ ଡ଼ିଜି ଅଭୟ । ଡ଼ିଜିପିଙ୍କ ସହ ଏହି ଗସ୍ତରେ ଆଇଜି ଅପରେସନ ଅମିତାଭ ଠାକୁର ମଧ ସାମିଲ୍ ଥିଲେ । ଉଭୟେ ଆଜି ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଆସି ମୁଦୁଲିପଡା ଠାରେ ନିର୍ମିତ ହେଲିପ୍ୟାଡରେ ଅବତରଣ କରିଥିଲେ । ସେଠାରୁ ତାଙ୍କୁ ପାରମ୍ପରିକ ବଣ୍ଡା ନୃତ୍ୟର ତାଳେ ତାଳେ ବିଏସଏଫ କ୍ୟାମ୍ପ ନିକଟକୁ ପାଛୋଟି ନେଇଥିଲେ ବଣ୍ଡା ରମଣୀ ମାନେ । ଏହି ପରିପ୍ରେକ୍ଷୀରେ ବିଏସଏଫ ଯବାନ ଓ ଅଧିକାରୀଙ୍କ ସହିତ ବଣ୍ଡାଘାଟି ଅଂଚଳ ତଥା କୋରାପୁଟ ଜିଲ୍ଲା ସୀମାକୁ ରହିଥିବା ଅଂଚଳ ଗୁଡିକରେ ମାଓ ଦମନ ସହ ଲୋକଙ୍କୁ ସୁରକ୍ଷା କିପରି ଯୋଗାଇ ଦିଆଯିବ ସେ ନେଇ ଆଲୋଚନା କରିଥିଲେ । ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଡ଼ିଜିପି ଅଭୟ ଆଗାମୀ ଦିନରେ ମାଓ ଦମନ ନେଇ ପୋଲିସର ରଣନୀତି, ବର୍ତମାନର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ । ଏଥି ସହିତ ସେ ମାଓବାଦୀଙ୍କୁ ଅସ୍ତ୍ର ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତକୁ ଫେରିଆସିବାକୁ ଆହ୍ୱାନ କରିଥିଲେ । ସମାଜର ମୁଖ୍ୟ ସ୍ରୋତକୁ ଫେରି ଆସ, ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ସେ ମାଓବାଦୀ ମାନଙ୍କୁ ଆହ୍ୱାନ କରି କହିଥିଲେ । ଆହୁରି ମଧ ୯୨ ମସିହା ପରେ ପୁନଶ୍ଚ ବଣ୍ଡାଘାଟି ଯାଇଥିବାରୁ ଖୁସି ଥିବା କହିଛନ୍ତି ଡ଼ିଜିପି । ୯୨ ମସିହାରେ ସେ ମାଲକାନଗିରି ଏସପି ଥିବା ସମୟରେ ବଣ୍ଡା ଘାଟି ଆସିଥିବା କହିଥିଲେ । ଏହି ଅବସରରେ ପୋଲିସ ଡ଼ିଜି ଅଭୟ ଗରିବ ଓ ଅସହାୟ ମାନଙ୍କୁ କମ୍ବଳ ଓ ପିଲାଙ୍କୁ ଖେଳ ଉପକରଣ ବଂଟନ କରିଥିଲେ । ଅଂଚଳର ଲୋକଙ୍କ ସହିତ ସେମାନଙ୍କ ସମସ୍ୟା ବାବଦରେ ପଚାରି ବୁଝିଥିଲେ । ପୋଲିସ ଡ଼ିଜି ଅଭୟଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବଣ୍ଡା ଘାଟିରେ ପୋଲିସ ଛାଉଣି ଦେଖିବାକୁ ମିଳିଥିଲା । ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡି. ଋଷିକେଶ ଖିଲାରୀ ଓ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ଆଇଡବ୍ଲୁସିର ଗ୍ଲୋବାଲ ଆମ୍ବାସଡ଼ାର ଭାବରେ ନିଯୁକ୍ତି ପାଇଲେ ସୁଟର ଗୌରୀ
## ସାଉଥ ଆମେରିକାର ଇକ୍ୱାଡୋରର ପୂର୍ବ ରାଷ୍ଟ୍ରପତି ଘୋଷଣା କଲେ ନାମ

ହରିଆନା, ୦୭ ମାର୍ଚ୍ଚ (ହି.ସ ) – ଆନ୍ତର୍ଜାତୀୟ ସୁଟର ଗୌରୀ ସୋରେନ୍‌ଙ୍କୁ ଆନ୍ତର୍ଜାତୀୟ ମହିଳା କ୍ଲବ (ଆଇ.ଡବ୍ଲୁ.ସି)ର ଗ୍ଲୋବାଲ ଆମ୍ବାସଡ଼ାର ଭାବରେ ନିଯୁକ୍ତ କରାଯାଇଛି । ଦକ୍ଷିଣ ଆମେରିକାର ଇକ୍ୱାଡୋର ଦେଶର ପୂର୍ବତନ ରାଷ୍ଟ୍ରପତି ରୋସାଲିଆ ଆର୍ଟିଗା ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଗୌରୀ ସୋରେନଙ୍କ ନିଯୁକ୍ତି ଘୋଷଣା କରିଛନ୍ତି । ଆଇଡବ୍ଲୁସି ମୁଖ୍ୟାଳୟ ଫ୍ରାନ୍ସର ପ୍ୟାରିସରେ ଅବସ୍ଥିତ ଏବଂ ମହିଳା କ୍ଲବ ମଧ୍ୟ ସ୍ୱିଜରଲାଣ୍ଡ, କାନାଡ଼ା ଏବଂ ଇଂଲଣ୍ଡରୁ ସମର୍ଥନ ଗ୍ରହଣ କରିଥାଏ । ମହିଳା ଦିବସ ଅବସରରେରେ ରବିବାର ଦିନ ନୂଆଦିଲ୍ଲୀରେ ଚେକ ଗଣତନ୍ତ୍ରର ଦୂତାବାସ ସହଯୋଗରେ ଆନ୍ତର୍ଜାତୀୟ ମହିଳା ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ଗୌରୀ ସୋରେନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ନିକଟରେ ଗୌରୀ ବିଶ୍ୱ ବିଦ୍ୟାଳୟ ଚାମ୍ପିଅନସିପ ଏବଂ ଦକ୍ଷିଣ ଏସିଆ ବିଶ୍ୱକପ୍‌ରେ ସୁଟିଂରେ ସ୍ୱର୍ଣ୍ଣପଦକ ଜିତିଥିଲେ । ଗୌରୀ ଏ ପର୍ଯ୍ୟନ୍ତ ୩୫ଟି ଆନ୍ତର୍ଜାତୀୟ ସୁଟିଂ ଚାମ୍ପିଅନସିପରେ ଭାଗ ନେଇଛନ୍ତି ଏବଂ ୨୬ଟି ପଦକ ଜିତିଛନ୍ତି । ଗୌରୀଙ୍କ ସଫଳତାକୁ ଦୃଷ୍ଟିରେ ରଖବ ହରିୟାଣା ସରକାର ତାଙ୍କୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ହରିୟାନାରେ ଜାତୀୟ ଶିଶୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ବ୍ରାଣ୍ଡ ଆମ୍ବାସଡ଼ାର ଭାବେ ନିଯୁକ୍ତି ଦେଇଛନ୍ତି । ଗୌରୀଙ୍କ ପିତା ଜଗଦୀପ ସିଂ ହରିୟାଣା ସରକାରରେ ଜଣେ ଆଇଏଏସ୍ । ବର୍ତମାନ ସେ ଅର୍ଥ ବିଭାଗରେ ସଚିବ ପଦରେ କାର୍ଯ୍ୟ କରୁଛନ୍ତି । ଜଗଦୀପ ସିଂ ହରିୟାଣାର କ୍ରୀଡ଼ା ଏବଂ ଯୁବ ବ୍ୟାପାର ବିଭାଗର ନିର୍ଦ୍ଦେଶକ ମଧ୍ୟ ରହିଛନ୍ତି । ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱ ବିଦ୍ୟାଳୟର କ୍ରୀଡ଼ା ପରିଷଦର ସଦସ୍ୟ ଗୌର ସୋରେନ୍ ସାମ୍ବାଦିକତାରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି ।

# ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କଲା ସମାଜ ଦର୍ପଣ ହେଲ୍ପ ଗ୍ରୁପ

କୋରାଇ,୮।୩ (ନି.ପ୍ର): ସମାଜ ଦର୍ପଣ ହେଲ୍ପ ଗ୍ରୁପ ପକ୍ଷରୁ ମିଶନ ଆତ୍ମନିର୍ଭରଶୀଳ ଯୋଜନାରେ ଆଜି ଜଣେ ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ ହେବାର ସୁଯୋଗ ସୃଷ୍ଟି କରାଯାଇଛି । ଯାଜପୁର ଜିଲ୍ଲା କୋରାଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତର ଗାନ୍ଧୀ ପୀଠ ନିକଟରେ ଏକ ଭଙ୍ଗା ଚାଳିଆରେ ସାଇକେଲ ମରାମତି ଦୋକାନ କରି ପରିବାର ପ୍ରତିପୋଷଣ କରୁଥିବା କରଦା ଗ୍ରାମର ଭିନ୍ନକ୍ଷମ ବୃନ୍ଦାବନ ସାହୁଙ୍କୁ ପ୍ରାୟ ୨୦ ହଜାର ଟଙ୍କାର ସାଇକେଲ ଯନ୍ତ୍ରାଂଶ ଯୋଗାଇ ଦିଆଯାଇ ତାଙ୍କୁ ସ୍ୱାବଲମ୍ବୀ ହେବାର ସୁଯୋଗ ଦିଆଯାଇଛି । ଗରିବ, ଅସହାୟ ଓ ସମାଜ କଲ୍ୟାଣ ପାଇଁ ସର୍ବଦା ଜାଗ୍ରତ ଥିବା ସମାଜ ଦର୍ପଣ ହେଲ୍ପ ଗ୍ରୁପର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଥିବା ବେଳେ ଶ୍ରୀ ସାହୁ ସପରିବାରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପାଣିକୋଇଲି ଥାନାଧିକାରୀ ଚକ୍ରପତି କହଁର ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିବା ବେଳେ ଅତିଥି ଭାବେ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ସୁବାସ ଧଳ, କରଦା ସରପଂଚ ଗଣେଷ ସାହୁ ପ୍ରମୁଖ ଯୋଗଦେଇଥିଲେ । ସମାଜ ଦର୍ପଣ ହେଲ୍ପ ଗ୍ରୁପର ସଭାପତି ପ୍ରଶାନ୍ତ ସେନାପତି, ବିକାଶ ଚନ୍ଦ୍ର ମଲ୍ଲିକ, ପ୍ରତିମା ସାହୁ, ବିଭୂତି ବେହେରା, ମନୋଜ ଦାସ, ଚିଂଟୁ ବେହେରା, ଅଭିଷେକ ଦାସ, ଚନ୍ଦ୍ରମଣି ସ୍ୱାଇଁ, ରଜତ ବାରିକ, ଜ୍ୟୋତି ଦଳାଇ, ବାବାଜି ଦାସ, ବେଣୁଧର ପ୍ରଧାନ, କିଶୋର କୁମାର, ଶୁସିଲ କୁମାର ବେହେରା, ସୁଧାଶଙ୍କର ବିଶ୍ୱାଳ, ଅଶୋକ କୁମାର ବେହେରା, ସୁଦାମ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ମୃତିସଭା

କେନ୍ଦ୍ରାପଡ଼ା, ୦୭ ମାର୍ଚ୍ଚ (ହି.ସ.) – କେନ୍ଦ୍ରାପଡା ପୌରାଂଚଳର ଗୋପଗ୍ରାମ ସ୍ଥିତ ଗୋପ ବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ପ୍ରଧାନଙ୍କ ବାର୍ଷିକ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି । ଗୋପ ଶ୍ରୀରାମ ମନ୍ଦିର ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ କାଉନସିଲର ପ୍ରକାଶ ଚନ୍ଦ୍ର ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅବସର ପ୍ରାପ୍ତ ରାଜସ୍ୱ ଅଧିକାରୀ ନିରଞ୍ଜନ ପରିଡାଙ୍କ ସମେତ ବିଭୂତି ଭୂଷଣ ମହାନ୍ତି, ମାଧୁରୀ ପ୍ରଧାନ, ଭାଗ୍ୟଲକ୍ଷ୍ମୀ ମହାନ୍ତି, ଶୁଭଲକ୍ଷ୍ମୀ ମହାନ୍ତି, ଉର୍ମିଳା ପ୍ରଧାନ, ରାଜଲକ୍ଷ୍ମୀ ମହାନ୍ତି ପ୍ରମୁଖ ବହୁ ମହିଳା ମଣ୍ଡଳର ସଦସ୍ୟାମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସ୍ମୃତିଚାରଣ କରିଥିଲେ ।

# ଭରତପୁରରେ ଗୋଷ୍ଠୀ ସଂଘର୍ଷ ଘଟଣା : ୧୯ ଜଣ କୋର୍ଟ ଚାଲାଣ

ଧର୍ମଶାଳା,୭ମାର୍ଚ୍ଚ(ହି.ସ.) - ଯାଜପୁର ଜିଲା ବଡଚଣା ବ୍ଲକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭରତପୁର ପଂଚାୟତସ୍ଥ ପଣସୁଧା ଗ୍ରାମ ମାତାମଠ ନିକଟରେ ଗୋବରୀ ସେତୁ ଉପରେ ଗତ କାଲି ରାତିରେ ପ୍ରମୁଖ ରାଜେନୈତିକ ଦଳର ୨ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା । ଫଳରେ ଏହି ଘଟଣା ଉଗ୍ର ରୂପ ନେଇଥିଲା । ଫଳରେ ଗୋଟିଏ ଗୋଷ୍ଠୀ ପକ୍ଷକୁ ପୋଲିସ ସମର୍ଥନ କରୁଥିବା ନେଇ ଅନ୍ୟ ଏକ ଗୋଷ୍ଠୀ ବିରୋଧ କରିବା ସହ ନିରପେକ୍ଷ ତଦନ୍ତ ପାଇଁ ଦାବି କରିଥିଲେ । ହେଲେ ପୋଲିସ ସେପରି କିଛି ପଦକ୍ଷେପ ନ ନେବାରୁ ଉତ୍ୟକ୍ତ ଲୋକେ ୨ଟି ପୋଲିସ ଗାଡି ( ଓଡି୦୫କିୟୁ୭୬୮୬ ଓ ଓଆର୦୫ଏଏ୧୦୮୨)ରେ ନିଆଁ ଲଗାଇ ଦେଇଥିଲେ । ଫଳରେ ସ୍ଥାନୀୟ ଅଂଚଳରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ଫଳରେ ବିଳମ୍ବିତ ରାତିରେ ଘଟଣାକୁ ନିୟନ୍ତ୍ରଣ ଆଣିବା ନିମନ୍ତେ ଘଟଣାସ୍ଥଳରେ ଯାଜପୁର ଏସଡିପିଓ ଚିନ୍ମୟ ନାୟକ ପଂହଚି ଘଟଣା ଉପରେ ନଜର ରଖିଥିବା ବେଳେ ପରେ ଜିଲା ଆରକ୍ଷୀ ଅଧିକ୍ଷକ ରାହୁଲ ପିଆର ପଂହଚି ଘଟଣା ସମ୍ପର୍କରେ ଆଲୋଚନା କରି ଫରିଥିଲେ । ।ତେବେ ଆଜି ସକାଳେ ଡିଆଇଜି ଜୟ ନାରାୟଣ ପଙ୍କଜ ଆଜି ଏହି ପଂଚାୟତରେ ପଂହଚି ତଦନ୍ତ କରି ଫେରିଥିବା ଜଣାପଡିଛି । ଏବଂ ଏହି ଘଟଣାରେ ଉଭୟ ଗୋଷ୍ଠୀ ପକ୍ଷରୁ ୧୯ ଜଣଙ୍କୁ ବିଭିନ୍ନ ସ୍ଥାନରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ନେଇ ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସୁକାନ୍ତ ପାତ୍ର ସୂଚନା ଦେଇଛନ୍ତି । ଏମାନଙ୍କ ମଧ୍ୟରୁ ୨ ଜଣ ମହିଳା ଥିବା ଜଣାପଡିଛି । ଏବେ ଏହି ଘଟଣା ଶାନ୍ତ ପଡିଥିବା ଜଣାପଡିଛି । ଏହି ଘଟଣାରେ ଜଣେ ପୋଲିସ କର୍ମଚାରୀ ଆହତ ହୋଇଥିବା ବେଳେ ଉଭୟ ପକ୍ଷରୁ ହାତ ଗଣତି କିଛି ଲୋକ ଆହତ ହୋଇଥିବା ଜଣାପଡିଛି । ଏଭଳି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଦୃଢ ନିନ୍ଦା କରାଯାଇଛି ।

# ରୋଷେଇ ବେଳେ ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ: ୧୦ ବଖରା ଜଳିଗଲା

ଖୋର୍ଦ୍ଧା,୮।୩ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ଅନ୍ତର୍ଗତ ସାନନଇରି ଗାଁରେ ରୋଷେଇ ବେଳେ ଗ୍ୟାସ୍ ଲିକ୍ ରୁ ଅଗ୍ନିକାଣ୍ଡ ଘଟିଛି । ଫଳରେ ତିନୋଟି ପରିବାରର ୧୦ ବଖରା ଘର ଜଳିପୋଡି ଛାରଖାର ହୋଇଯାଇଛି । ନିଆଁ ଲିଭାଇବାକୁ ଯାଇ ଜଣେ ଆହତ ହୋଇଥିବା ସୂଚନା ମିଳିଛି ।

# ଓଡିଆ ବିଭାଗର ଅଲୋଚନା ଚକ୍ର ଉଦ୍‌ଯାପିତ

କେନ୍ଦ୍ରାପଡ଼ା,୮।୩ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଓଡିଆ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଦୁଇ ଦିନିଆ ଆଲୋଚନା ଚକ୍ର ଉଦ୍‌ଯାପିତ ହୋଇ ଯାଇଛି । ଅଧକ୍ଷ ଡ଼ଃ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀଙ୍କ ଅଧକ୍ଷତାରେ ୧୯୮୦ ପରବର୍ତୀ ଓଡିଆ ସାହିତ୍ୟରେ କାବ୍ୟ କବିତା, ନାଟକ-ଏକାଙ୍କିକା, କଥା ସାହିତ୍ୟ ଓ ପ୍ରବନ୍ଧ ସମାଲୋଚନା ଉପରେ ବିଭିନ୍ନ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଅନ୍ତିମ ଦିବସରେ ପ୍ରଫେସର କରଷ୍ଟଚନ୍ଦ୍ର ପ୍ରଧାନଙ୍କ ଅଧକ୍ଷତାରେ କଥା ସାହିତ୍ୟ ଉପରେ ଆଲୋଚନା ସହ ବକ୍ତବ୍ୟ ରଖିଥିଲେ ଡ଼ଃ ରବିନ୍ଦ୍ର କୁମାର ଦାସ, ଡ଼ଃ ଗିରିଶ ଚନ୍ଦ୍ର ସାହୁ, ଡ଼ଃ ଭୁବନାନନ୍ଦ ସାହୁ ଓ ପ୍ରବନ୍ଧ ଉପସ୍ଥାପନା କରିଥିଲେ ଡ଼ଃ ସଂଘମିତ୍ରା ଭଞ୍ଜ ଓ ଦିପ୍ତିମୟୀ ସାହୁ । ଲେଫ୍ଟନାଣ୍ଟ ସୀମା ମହାନ୍ତି ଏହାକୁ ସଂଯୋଜନା କରିଥିଲେ । ପ୍ରବନ୍ଧ ସମାଲୋଚନା ଆଲୋଚନା ଚକ୍ରରେ ଅଧକ୍ଷତା କରିଥିଲେ ପ୍ରଫେସର ନଟବର ଶତପଥୀ ଓ ଆଲୋଚକ ଭାବେ ଯୋଗ ଦେଇଥିଲେ ଦେବେନ୍ଦ୍ର କୁମାର ଦାସ ଓ ପ୍ରବନ୍ଧ ଉପସ୍ଥାପନା କରିଥିଲେ ଡ଼ଃ ସୁକାନ୍ତ କୁମାର ପ୍ରଧାନ, ଡ଼ଃ ପ୍ରଭାତ କୁମାର ସାହୁ ଓ ଭାରତୀ ମୁଦୁଲି । ଅଧାପକ ଶ୍ରୀକାନ୍ତ କୁମାର ଚାନ୍ଦ୍ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ । ଓଡିଆ ବିଭାଗର ପ୍ରାକ୍ତନ ମୁଖ୍ୟ ଡ଼ଃ କାର୍ତିକେଶ୍ୱର ସାହୁ ଉଦ୍‌ଯାପକ ଭାବେ ଯୋଗ ଦେଇଥିବାବେଳେ ସମସ୍ତ ଅଧିବେଶନର ସମୀକ୍ଷା କରିଥିଲେ ।

**AFFIDAVIT**

By virtue of an affidavit before notary, Balasore. I, Smt. Pritilata Giri, Age- 34, W/o Sanjay kumar Giri, At-Mansingbazar, Po-Motiganj, P.S.- Town, Dist-Balasore do hereby declare that prior to my marriage name was Pritilata sahoo D/o- Brahmananda sahoo. That I married to Sanjay kumar Giri S/o Late Bimbadhara Giri as per Hindu law and rightuals and customes in the year 2004. That in my some documents my name is mentioned as Pritilata Sahoo. I have declared that Pritilata Giri and Pritilata Sahoo is a same and one person i.e. me and no person is alike same name and same style except me. That, Henceforth I shall be known as Pritilata Giri in all spares.

- Pritilata Giri

# ବୌଦ୍ଧରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନ ଔଷଧି ପରିଯୋଜନା ସଚେତନତା ଉତ୍ସବ

ବୌଦ୍ଧ,୮।୩ (ନି.ପ୍ର): କେନ୍ଦ୍ରର ମୋଦି ସରକାରଙ୍କ ଦ୍ୱାରା ଗରିବ ଜନସାଧାରଣଙ୍କ ହିତ ଉଦେଶ୍ୟରେ ଦେଶରେ ଭାରତୀୟ ଜନଔଷଧି ପରିଯୋଜନା ମାଧମରେ ଶସ୍ତା ଦରରେ ଉଚ୍ଚମାନର ଔଷଧ ଯୋଗାଇ ଦିଆଯାଉଅଛି । ଆଜି ଦେଶ ସାରା ଭାରତୀୟ ଜନଔଷଧି ଦିବସ ପାଳନ କରାଯାଉଥିବା ବେଳେ ବୌଦ୍ଧ ଠାରେ ମଧ ଏକ ଉତ୍ସବର ଆୟୋଜନ କରାଯାଇ ସାଧାରଣ ଲୋକଙ୍କ ମଧରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା । ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଭାରତୀୟ ଜନଔଷଧି ଦିବସ ଅବସରରେ ଦିଆଯାଇଥିବା ଉଦ୍‌ବୋଧନ ଓ ବାର୍ତାକୁ ଉତ୍ସବରେ ସାଧାରଣ ଲୋକେ ଦେଖି ଓ ଶୁଣି ପାରିଥିଲେ । ଫାର୍ମାସ୍ୟୁଟିକାଲ ବିଭାଗ ପକ୍ଷରୁ ବୌଦ୍ଧଜିଲ୍ଲାରେ ଜନ ଔଷଧି କେନ୍ଦ୍ର ଖୋଲଯାଇଛି । ଏହି କେନ୍ଦ୍ରରେ ବଜାରରେ ବିକ୍ରୀ ହେଉଥିବା ସମାନ ଔଷଧର ମୁଲ୍ୟଠାରୁ ୫୦ ରୁ ୯୦ ପ୍ରତିଶତ କମ୍ ମୁଲ୍ୟରେ ବିକ୍ରୀ ହେଉଅଛି । ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ତ୍ରିଲୋଚନ ପ୍ରଧାନ ଯୋଗଦେଇ ଜନ ଔଷଧିରେ ମିଳୁଥିବା ଔଷଧ ବିଷୟରେ ଆଲୋଚନା କରିଥିଲେ । ଅଶୋକ ଅଗ୍ରଓ୍ୱାଲାଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ସମ୍ମାନୀତ ଅତିଥି ଭାବେ ଏ.ଏନ୍.ଏମ୍. ପ୍ରଶିକ୍ଷଣ କେନ୍ଦ୍ର ଅଧକ୍ଷା ରିତାଞ୍ଜଳୀ ସ୍ୱାଇଁ ଯୋଗଦେଇଥିଲେ ।

# ଭୁବନେଶ୍ୱର ମ୍ୟୁନିସ୍‌ପାଲଟି ଦ୍ୱାରା ବଳପୂର୍ବକ ଆଦାୟ କରାଯାଉଥିବା ହୋଲଡିଂ ଟ୍ୟାକ୍ସ ବେଆଇନ : କଂଗ୍ରେସ

ଭୁବନେଶ୍ୱର ,୮।୩ (ନି.ପ୍ର): ଭୁବନେଶ୍ୱର ମ୍ୟୁନିସପାଲଟି ଏବେ ଭୁବନେଶ୍ୱର ସହରାଂଚଳରେ ବସବାସ କରୁଥିବା ଘର ମାଲିକ ମାନଙ୍କ ପାଖରୁ ଯେଉଁ ହୋଲଡିଂ ଟ୍ୟାକ୍ସ ଆଦାୟ କରାଯାଉଛି । ତାହା ସଂପୂର୍ଣ୍ଣଭାବେ ବେଆଇନ ଏବଂ ମ୍ୟୁନିସ୍‌ପାଲଟି ଅଧିକାରୀମାନଙ୍କର ସ୍ୱେଚ୍ଛାଚାରୀ ନିଷ୍ପତି ଏହି ନିଷ୍ପତି ସ୍ୱଷ୍ଟ ଭାବରେ ଓଡ଼ିଶା ମ୍ୟୁନିସ୍‌ପାଲ ଆଇନ -୨୦୦୩ର ବିଭିନ୍ନ ନିୟମାବାଳିକୁ ଉଲଙ୍ଘନ କରୁଛି । ମୁଷ୍ଟିମେୟ ଅଣଓଡ଼ିଆ ବାବୁ ମାନଙ୍କର ସ୍ୱେଛାଚାରୀ ନିଷ୍ପତି ଯୋଗୁଁ ଆଜି ଏପରି ଏକ ବିବାବଦିୟ ପରିସ୍ଥିତି ସୃଷ୍ଟି ହୋଇଛି । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଦ୍ୱାରା ଆହୁତ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ଅର୍ଥ ମନ୍ତ୍ରୀ ଶ୍ରୀ ପଂଚାନନ କାନୁନଗୋ ଏହା କହିଛନ୍ତି । ସେ କହିଛନ୍ତି ଯେ ଏହି ନିଷ୍ପତି ବଳ ପୂର୍ବକ ଭୁବନେଶ୍ୱର ବାସିନ୍ଦାଙ୍କ ଉପରେ ଲଦି ଦିଆଯାଇଛି । ପୂର୍ବରୁ ଭୁବନେଶ୍ୱର ମହାନଗର ନିଗମ ଯେଉଁ ହୋଲଡିଂ ଟ୍ୟାକ୍ସ ଆଦାୟ କରୁଥିଲା ଏବେ ସେହି ହୋଲଡିଂ ଟ୍ୟାକ୍ସର ୧୦ ରୁ ୨୦ ଗୁଣା ବୃଦ୍ଧି ଘଟିଛି । ଏଭଳି ବୃଦ୍ଧି ଘଟିବାର କାରଣ ହେଉଛି କିଛି ଅଣଓଡ଼ିଆ ସରକାରୀ ବାବୁ ମାନଙ୍କର ବେପାରୁଆ ମନୋଭାବ ଏବଂ ଆଇନକୁ କଣଠେସା କରି ନିଷ୍ପତି ଲାଗୁ କରିବା ଯୋଗୁଁ ସୃଷ୍ଟି ହୋଇଛି । ଏହା ପୂର୍ବରୁ ମହାନଗର ନିଗମ ଭୁବନେଶ୍ୱର ବାସିନ୍ଦାଙ୍କ ପାଖରୁ ତାଙ୍କର ଘରର ଆକାର ଏବଂ ଘର ହୋଇଥିବା ଯାଗାର ଆକାର ଉପରେ ହୋଲଂଡି ଟ୍ୟାକ୍ସ ଆଦାୟ କରାଯାଉଥିଲା । ଏହି ହୋଲଡିଂ ଟ୍ୟାକ୍ସରେ ମହାନଗର ନିଗମ ବାସୀମାନେ ସହରାଂଚଳରେ ଆଲୁଅ ବ୍ୟବସ୍ଥା ପାଇଁ ଅଳିଆ ଆର୍ବଜନା ଓ ପରିସ୍କାର କରିବା ପାଇଁ ନାଳ ନର୍ଦ୍ଦମା ସଫା ଓ ପରିସ୍କାର କରିବା ପାଇଁ ତଥା ରାସ୍ତାଘାଟକୁ ପରିସ୍କାର ଏବଂ ନୂତନ ରାସ୍ତା ତିଆରି କରିବା ପାଇଁ କର ଦେଇଥାନ୍ତି । ସାଧାରଣତଃ ଭୁବନେଶ୍ୱର ମହାନଗର ନିଗମ ୫୬ ପ୍ରକାର କର ଆଦାୟ କରିଥାନ୍ତି । ଟ୍ୟାକ୍ସ, ଟୋଲ, ସରଚାର୍ଜ, ୟୁଜର ଚାର୍ଯେସ, ଫାଇନ ଫି କରିଥାନ୍ତି । କିନ୍ତୁ ଏବେ ଭୁବନେଶ୍ୱର ମହାନଗର ନିଗମ ଅଧିକାରୀ ପୂର୍ବ ନିୟମକୁ ମୋଡ଼ି ମକଚି ଦେଇ ବିଭିନ୍ନ ଅଂଚଳରେ ଜମିର ବେଂଚମାର୍କ ଦାମରେ ଟ୍ୟାକ୍ସ ଆଦାୟ କରୁଛନ୍ତି । ଅର୍ଥାତ ଯଦି ସହିଦ ନଗର ଅଂଚଳର ଜମିର ବେଂଚମାର୍କ ରେଟ ଏକର ପିଛା କୋଡିଏ କୋଟି ହୋଇଥାଏ ଯଦି ସହିଦନଗର ଜଣେ ବାସିନ୍ଦାଙ୍କ ପାଖରେ ୫ ହଜାର ସ୍କୋୟାରଫୁଟର ଅଛି ଏବଂ ଯଦି ସିଏ ଏଥିରେ ଦୁଇହଜାର ବର୍ଗ ଫୁଟର ଘର କରୁଛନ୍ତି ବାକି ୩ ହଜାର ସ୍କୋୟାରଫୁଟରେ ବଗିଚା ବା ଖାଲି ପଡ଼ିଛି ତାହାଲେ ଏବେ ୫ ହଜାର ବର୍ଗ ଫୁଟର ବେଂଚମାର୍କ ମୂଲ୍ୟାୟନ ଅନୁସାରେ ଅଧିକ .୫% ହୋଲଡିଂ ଟ୍ୟାକ୍ସ ଆଦାୟ କରାଯାଉଛି । କିନ୍ତୁ ଓଡ଼ିଶା ମ୍ୟୁନିସ୍‌ପାଲ କର୍ପୋରେସନ ୨୦୦୩ ନିୟମ ଅନୁସାରେ ଏହା ବେଚଂମାର୍କ ଭେଲୁଏସନ ଉପରେ ହୋଲିଡିଂ ଟ୍ୟାକ୍ସ ଆଦାୟ କରାନଯାଇ ଏହା ସେହି ଅଂଚଳର ୟୁନଟି ଭେଲୁ ଅନୁସାରେ ହେବା କଥା । ଏଥିପାଇଁ ମ୍ୟୁନିସିପାଲଟି ଧାରା – ୨୦୫ ଅନୁସାରେ କରିବାକୁ ହୁଏ ଏବଂ ଧାରା ୨୧୫ ଅନୁସାରେ ମୂଲ୍ୟ ଧାର୍ଯ୍ୟ କରାଯାଏ । ଧାରା ୨୧୬ ଅନୁସାରେ ସବସାଧାରଣଙ୍କୁ ଏହି ମୂଲ୍ୟବାବଦରେ ଅବଗତ କରାଯାଇଥାଏ । ଧାରା ୨୧୭ ଅନୁସାରେ ଯଦି ନିର୍ଦ୍ଦିଷ୍ଟ ଅଂଳଚର ଅଧିବାସୀମାନଙ୍କର ଏଥିପାଇଁ କୌଣସି ଅଭିଯୋଗ ଆସିଥାଏ ତାହାକୁ ଶୁଣାଣି କରିବା କଥା ଯଦି ଶୁଣାଣିବେଳେ ମହାନଗର ନିଗମବାସୀଙ୍କର ଦାବିକୁ ଗ୍ରହଣ କରାନଯାଏ ତାହେଲେ ଧାରା ୨୧୮ ଅନୁସାରେ ଏକ ମୂଲ୍ୟାୟନ ଟ୍ରିବୁନାଲ ଗଠନ ହେବାକଥା । ତାହା ମଧ ହୋଇନାହିଁ ଏବଂ କ୍ଷତିସ୍ରସ୍ତ ମହାନଗର ନିଗମ ବାସୀମାନେ ଟ୍ରିବୁନାଲରେ କେସ ଦାୟର କରିବା କଥା ଏବଂ ଧାରା ୨୨୫ ଅନୁସାରେ ଏହି ଅଭିଯୋଗକୁ ଶୁଣିବା ପାଇଁ କମିଟି ଗଠନ କରିବା କଥା ତାହା ମଧ ହୋଇନାହିଁ । ଧାରା୨୨୬ ଅନୁସାରେ ଜଣଶୁଣାନି ହେବା କଥା ଏସମସ୍ତ କଥା ହେଇଛିକି ଯଦି ହୋଇନାହିଁ କାହିଁକି କାହା ନିର୍ଦ୍ଦେଶରେ ଏ ସମ୍ପତିକର ହୋଲଡିଂଟ୍ୟାକ୍ସ ଆଦାୟ କରାଯାଉଛି ।

# କଙ୍କାଳ ଫୁଲ



ଏପ୍ରିଲ୍-ମେ ମାସରେ ଜାପାନର ଶୀତଳ ପାହାଡ଼ିଆ ଇଲାକାରେ ଏକ ପ୍ରଜାତିର ଜଙ୍ଗଲୀ ଫୁଲ ଫୁଟେ। ଫୁଲର ରଙ୍ଗ ଧଳା। ହଠାତ୍ ଦେଖିଲେ, ସେ ଭଳି କୌଣସି ବିଶେଷତ୍ୱ ଆଖିରେ ପଡ଼େନାହିଁ। ତେବେ, ଏହାର ମୁଖ୍ୟ ବିଶେଷତ୍ୱ ହେଉଛି, ଜଳ ସମ୍ସ୍ପର୍ଶରେ ଆସିଲେ, ଏହା ରଙ୍ଗ ହରାଏ। ଏହାର ପ୍ରାକୃତିକ ଧଳା ରଙ୍ଗ ଚାଲିଯାଏ ଏବଂ ଅର୍ଦ୍ଧ-ସ୍ୱଚ୍ଛ ଦିଶେ। ବର୍ଷା ପଡ଼ିଲେ ରଙ୍ଗ ହରାଉଥିବା ଏହି ଫୁଲର ନାମ 'କଙ୍କାଳ ଫୁଲ'। କାରଣ, ରଙ୍ଗ ହରାଇବା ପରେ କେବଳ ଏହାର ପାଖୁଡ଼ାରେ ଥିବା ଶିରାଗୁଡ଼ିକ ଦିଶିଥାଏ। ବର୍ଷା ବନ୍ଦ ହୋଇଯିବା ପରେ, ପବନ ବାଜି ଶୁଖିଗଲେ, ମୂଳ ଧଳା ରଙ୍ଗ ଫେରିପାଏ। ରଂଜକ ସହ ଏହି ପରିବର୍ତ୍ତନର କୌଣସି ସମ୍ପର୍କ ନାହିଁ। କୋଷଗୁଡ଼ିକ ମଧ୍ୟରେ ଅଧିକ ବ୍ୟବଧାନ, ଏହାର କାରଣ ବୋଲି ଉଦ୍ଭିଦ ବିଜ୍ଞାନୀଙ୍କ ମତ।

# ପ୍ରାକୃତିକ ଉପାୟରେ କଳା ଓ ଶୁଷ୍କ ଓଠକୁ କୁହନ୍ତୁ ବାଏ ବାଏ

ସୁନ୍ଦର ଦେଖାଯିବାକୁ ସମସ୍ତେ ପସନ୍ଦ କରନ୍ତି। ଆଉ ସୌନ୍ଦର୍ଯ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ ଗୋଲାପି ଓଠ। କିନ୍ତୁ ଯଦି ଆପଣଙ୍କ ଓଠ କଳା ପଡ଼ିଯାଉଛି, ତା'ହେଲେ ଏହା ଆପଣଙ୍କ ଚାନ୍ଦପରି ସୁନ୍ଦର ମୁହଁରେ ଗ୍ରହଣ ଭଳି ଲାଗେ। ବିଶେଷ କରି ଶୀତ ଦିନରେ ଲୋକଙ୍କର ଓଠ ଶୁଖିଲା ଓ କଳା ପଡ଼ିଯାଏ। ତେବେ ଚିନ୍ତା କରିବାର କିଛି ନାହିଁ। ଆମେ କିଛି ଘରୋଇ ଉପଚାର ବିଷୟରେ କହିବୁ, ଯାହା ମାଧ୍ୟମରେ ଆପଣ ଓଠର ପ୍ରାକୃତିକ ଚମକ ଫେରାଇ ଆଣିପାରିବେ।

★ **ଆଲୋଭେରା:** ଆଲୋଭେରା ଆପଣଙ୍କ ଓଠକୁ ପୂର୍ବାବସ୍ଥାକୁ ଫେରାଇ ଆଣିବାରେ ବେଶ୍ ସହାୟକ ହୋଇଥାଏ। କାରଣ ଏଥିରେ ଭିଟାମିନ୍, ମିନେରାଲ୍ସ, ଆଣ୍ଟି ଅକ୍ସିଡାଣ୍ଟ୍ ଓ ଆଣ୍ଟି ଇନ୍‌ଫ୍ଲାମେଟୋରି ତତ୍ତ୍ୱ ଭରପୂର ପରିମାଣରେ ରହିଛି। ତେଣୁ ଏହାକୁ ଓଠରେ ଲଗାନ୍ତୁ।

★ **ନଡ଼ିଆ ତେଲ:** ଶୋଇବା ପୂର୍ବରୁ ବୁନ୍ଦେ ନଡ଼ିଆ ତେଲ ନେଇ ଓଠରେ ଲଗାନ୍ତୁ। କିଛି ଦିନ ଏମିତି କରିବା ଦ୍ୱାରା ଦେଖିବେ ଆପଣଙ୍କ ଓଠର ରଙ୍ଗ ଗୋଲାପି ହୋଇଯିବ।

★ **ମହୁ:** ମହୁରେ ପ୍ରଚୁର ପରିମାଣରେ ମଶ୍ଚରାଇଜର ରହିଛି। ଏହାବ୍ୟତୀତ ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଓ ଆଣ୍ଟି ବ୍ୟାକ୍ଟେରିଆଲ୍ ତତ୍ତ୍ୱ ରହିଛି, ଯାହା ଓଠକୁ ଇନ୍‌ଫେକ୍ସନ୍‌ରୁ ରକ୍ଷା କରିବା ସହ ଏହାକୁ ଶୁଖିଲା ହେବାକୁ କିମ୍ବା



କଳା ପଡ଼ିବାକୁ ଦିଏ ନାହିଁ। ତେଣୁ ପ୍ରତିଦିନ ଓଠରେ ମହୁ ଲଗାନ୍ତୁ।

★ **କାକୁଡ଼ି:** ଏଥିରେ ମଧ୍ୟ ଅନେକ ଭିଟାମିନ୍ ଓ ମିନେରାଲ୍ସ ରହିଛି, ଯାହ ଆପଣଙ୍କ ଓଠକୁ କଳା ହେବରୁ ରକ୍ଷା କରିବ ଓ ଗୋଲାପି କରିବାରେ ସାହାଯ୍ୟ କରିବ। ତା' ସହିତ ଏହା ଓଠରୁ ଶୁଷ୍କପଣ ଦୂର କରିବ।

★ **ଗ୍ରୀନ୍ ଟି:** ଏଥିରେ ମଧ୍ୟ ଆଣ୍ଟି ଅକ୍ସିଡାଣ୍ଟ ଓ ମିନେରାଲ୍ସ ଭରପୂର ମାତ୍ରାରେ ରହିଛି। ଏଥିରେ ଥିବା ପଲିଫେନଲ୍ସ ଇନ୍‌ଫେକ୍ସନ୍‌କୁ ଦୂର କରିଥାଏ। ଉଷୁମ ପାଣିରେ ଏକ ଗ୍ରୀନ୍ ଟି ବ୍ୟାଗ୍ ବୁଡ଼ାଇ ଏହାକୁ ଓଠରେ ଧୀରେ ଧୀରେ ଘଷନ୍ତୁ। ଏହା ଦ୍ୱାରା ଓଠ ଶୁଷ୍କ ରହିବ ନାହିଁ ଏବଂ ସବୁବେଳେ ଚମକ ବଜାୟ ରହିବ ଓ ଗୋଲାପି ଦେଖାଯିବ।

**କିଛି ଘରୋଇ ସ୍କ୍ରବ୍? ମଧ୍ୟ ବ୍ୟବହାର କରିପାରିବେ**

★ କ୍ଷୀର ଓ ହଳଦୀକୁ ଗୋଳାଇ ଓଠରେ ଲଗାନ୍ତୁ। ଏହାକୁ ୨ରୁ ୩ ମିନିଟ୍ ଶୁଖିବାକୁ ଛାଡ଼ିଦିଅନ୍ତୁ। ଶୁଖିଗଲା ପରେ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଧୋଇ ସାରିବା ପରେ ଏକ ଭଲ ଲିପ୍‌ବାମ୍ ଲଗାଇବାକୁ ଭୁଲିବେ ନାହିଁ।

★ ଚିନିରେ କିଛି ଲେମ୍ବୁ ରସ ମିଶାଇ ସ୍କ୍ରବ୍ ପ୍ରସ୍ତୁତ କରନ୍ତୁ। ଏହାକୁ ହାଲକା ଭାବେ ଓଠରେ ଘଷନ୍ତୁ। ସପ୍ତାହରେ ଏଭଳି ଦୁଇ ଥର କରନ୍ତୁ। ଦେଖିବେ ଆପଣଙ୍କ ଓଠ ଧୀରେ ଧୀରେ ଗୋଲାପି ଦିଶିବ।

★ କିଛି ଗୋଲାପ ପାଖୁଡ଼ାକୁ ପାଣିରେ ରାତିସାରା ବତୁରାଇ ରଖନ୍ତୁ। ପରଦିନ ସକାଳେ ଏହି ପାଖୁଡ଼ା ଗୁଡ଼ିକୁ କିଛି କ୍ଷୀର ଦେଇ ଗ୍ରାଇଣ୍ଡିଂ କରିଦିଅନ୍ତୁ। ବର୍ତ୍ତମାନ ଏହି ରୋଜ୍ ପ୍ୟାକ୍‌କୁ ଓଠରେ ଲଗାନ୍ତୁ। ଆପଣ ଯଦି ଏହି ପ୍ୟାକ୍‌କୁ ଓଠରେ ଲଗାଇ ରାତିସାରା ଛାଡ଼ିଦେବେ, ତା'ହେଲେ ଏହା ଅଧିକ କାମ ଦେବ।

# ଘରେ ପ୍ରସ୍ତୁତ କରନ୍ତୁ ବାମ୍ବୋ ଚିକେନ୍ ରାଇସ୍

**ଆବଶ୍ୟକ ସାମଗ୍ରୀ:** ବାଉଁଶ ଖଣ୍ଡ, ଆଲମୁନିୟମ ପେପର ଫଏଲ୍, ଚିକେନ୍, ଅରୁଆ ଚାଉଳ, ପିଆଜ, ଅଦା,ରସୁଣ, ଲୁଣ, ହଳଦୀ ଗୁଣ୍ଡ ଓ ଲଙ୍କା ଗୁଣ୍ଡ, ତେଜପତ୍ର, ଗୁଜୁରାତି, ଲବଙ୍ଗ, ଗୋଲମରିଚ, ଅଳେଇଚ, ଗରମ ମସଲା ଓ ରିଫାଇନ ତେଲ, ଅଟା।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବାଉଁଶ ଖଣ୍ଡକୁ ଭଲ ଭାବେ ଧୋଇ ଆଲମୁନିୟମ ପେପର ଫଏଲ୍‌ରେ ଗୁଡ଼ାଇ ଦିଅନ୍ତୁ। ଚିକେନ୍‌ରେ ଲୁଣହଳଦୀ ପକାଇ ମ୍ୟାରିନେଟ୍ କରି ରଖିବା ସହ ଅରୁଆ ଚାଉଳକୁ ପାଣିରେ ଭିଜାଇ ଦିଅନ୍ତୁ। ଚାଉଳକୁ ଛାଣି ମ୍ୟାରିନେଟ୍ ଚିକେନ୍, କଟା ପିଆଜ, ଅଦାରସୁଣ ବଟା, ଲୁଣ, ହଳଦୀ ଗୁଣ୍ଡ ଓ ଲଙ୍କା ଗୁଣ୍ଡ ପକେଇ ଗୋଳାନ୍ତୁ। ତା' ପରେ ସେଥିରେ ପିଆଜ ଭଜା, ତେଜପତ୍ର, ଗୁଜୁରାତି, ଲବଙ୍ଗ, ଗୋଲମରିଚ, ଅଳେଇଚ ପକାନ୍ତୁ। ଗରମ ମସଲା ଓ ରିଫାଇନ ତେଲ ପକାଇ ଭଲ ଭାବେ ମିଶାନ୍ତୁ। ପ୍ରଥମେ ବାଉଁଶ ନଳି ଭିତରେ ଭଲ ଭାବେ ରିଫାଇନ ତେଲ ମାରି ମସଲା ଗୋଳା ଅରୁଆ ଚାଉଳ ଚିକେନ୍‌କୁ



ପୂରାନ୍ତୁ। ବାଉଁଶ ନଳି ମୁହଁକୁ ଅଟା ଚକଟାରେ ସିଲ୍ କରି ରଡ଼ ନିଆଁରେ ରଖନ୍ତୁ। ପ୍ରାୟ ୩୦ ମିନିଟ୍‌ରେ ଏହା ପ୍ରସ୍ତୁତ ହୋଇଯିବ। ଏବେ ଗରମାଗରମ ବାମ୍ବୋ ଚିକେନ୍ ରାଇସ୍ ପରଷନ୍ତୁ।

# ପାଦରେ କାହିଁକି ସୁନା ପିନ୍ଧିବା ମନା ?

ହିନ୍ଦୁ ଧର୍ମ ଶାସ୍ତ୍ର ଅନୁସାରେ, ସୁନା ଭାଗବାନ ବିଷ୍ଣୁଙ୍କର ବହୁତ ପ୍ରିୟ। କୁହାଯାଏ, ଭକ୍ତ ସୁନା ଗହଣା ଧାରଣ କରିବା ଦ୍ୱାରା ଭଗବାନ ବିଷ୍ଣୁ ପ୍ରସନ୍ନ ହୋଇଥା'ନ୍ତି। କିନ୍ତୁ ବିଧି ଅନୁଯାୟୀ, ସୁନା ଗହଣା ଶରୀରର ନାଭି ତଳକୁ ଧାରଣ କରିବା ଉଚିତ୍? ନୁହେଁ। ଏମିତି କଲେ ଭଗବାନ ବିଷ୍ଣୁ ଅପମାନିତ ହୁଅନ୍ତି ବୋଲି ବିଶ୍ୱାସ ରହିଛି। ଏ ସମ୍ପର୍କରେ ଆଉ ଏକ ବିଶ୍ୱାସ ବି ରହିଛି। ହଳଦିଆ ରଙ୍ଗ ମା' ଲକ୍ଷ୍ମୀଙ୍କର ଖୁବ୍ ପ୍ରିୟ। ସୁନାର ରଙ୍ଗ ହଳଦିଆ ହୋଇଥିବାରୁ ଏହା ମଧ୍ୟ ମା' ଲକ୍ଷ୍ମୀଙ୍କର ପ୍ରିୟ। ପୁଣି ଧନଦାତ୍ରୀ ମା'



ଲକ୍ଷ୍ମୀଙ୍କ କୃପାରୁ ମଣିଷ ଜୀବନରେ ଧନ ପ୍ରାପ୍ତି ହେଉଥିବାର ବିଶ୍ୱାସ ରହିଛି। ତେଣୁ ମା' ଲକ୍ଷ୍ମୀଙ୍କ ସମ୍ମାନାର୍ଥେ ସୁନା ଗହଣା ନାଭି ତଳକୁ ବା ପାଦରେ ପିନ୍ଧିବା କଥା ନୁହେଁ। ଏହା ସହ ଏପରି ବି କୁହାଯାଏ, ପାଦରେ ଚାନ୍ଦିର ଗହଣା ପିନ୍ଧିବା ଭଲ। ଏହା ଶୁଭ ହୋଇଥାଏ। ତା' ସହିତ ଶରୀରକୁ ଶୀତଳତା ପ୍ରଦାନ କରିଥାଏ।

# ରାଉରକେଲାର ଦର୍ଶନୀୟ ସ୍ଥାନ

ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଇସ୍ପାତ ନଗରୀ ରାଉରକେଲା। ରାଉରକେଲାରେ ରହିଛି ଷ୍ଟିଲ୍ ପ୍ଲାଣ୍ଟ, ଅନେକ ଶିକ୍ଷାନୁଷ୍ଠାନ ଓ ଦେବାଳୟ। ପୁଣି ସହରରେ ରହିଛି କେତୋଟି ଛୋଟ ବଡ଼ ପାର୍କ। ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଆଜି ଏହି ସହରରେ ବେଶ୍ ପରିଚିତ। ରାଉରକେଲାକୁ ଇସ୍ପାତ ନଗରୀ ବା ଷ୍ଟିଲ ସିଟି କୁହାଯାଏ। ଏଠାରେ ଇସ୍ପାତ କାରଖାନା ଗଢ଼ି ଉଠିଥିବାରୁ ଦେଶର ବିଭିନ୍ନ କୋଣ ଅନୁକୋଣରୁ ଲୋକେ ଆସି ଏହି ସହରରେ ବସବାସ କରୁଛନ୍ତି। ତେଣୁ ରାଉରକେଲାକୁ ମିନି ଇଣ୍ଡିଆ ମଧ୍ୟ କୁହାଯାଏ। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ରାଉରକେଲାରେ ସ୍ଥାନ ସତନ୍ତ୍ର। ରାଉରକେଲା ସହର ସମେତ ଏହାର ଆଖପାଖରେ ବହୁ ପର୍ଯ୍ୟଟନ ପୀଠ ରହିଛି। ତେଣୁ ପ୍ରତିଦିନ ଏହି ସହରରେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଦର୍ଶନ ପାଇଁ ଶହଶହ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ଜମେ।



## ହନୁମାନ ବାଟିକା :

ରାଉରକେଲାର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ପରିଚିତ ହନୁମାନ ବାଟିକା। ଏଠାରେ ଥିବା ୭୫ ଫୁଟ୍ ଉଚ୍ଚର ହନୁମାନ ମୂର୍ତ୍ତି ଅନନ୍ୟ ଆକର୍ଷଣ। ଏହା ହେଉଛି ଏସିଆର ସବୁଠାରୁ ବଡ଼ ହନୁମାନ ମୂର୍ତ୍ତି। ଯାହାକୁ ଦେଖିବାକୁ ବହୁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଧାଇଁ ଆସିଥାନ୍ତି ଷ୍ଟିଲ୍ ? ସିଟି ରାଉରକେଲାକୁ। ହନୁମାନ ବାଟିକାରେ ଥିବା ଏହି ବିରଳ ହନୁମାନଙ୍କୁ ମୂର୍ତ୍ତିକୁ ଲକ୍ଷ୍ମଣ ସ୍ୱାମୀ ନିର୍ମାଣ କରିଥିଲେ। ହନୁମାନ ବାଟିକାର ବିରଳ ହନୁମାନ ମୂର୍ତ୍ତିକୁ ୧୯୯୪ ମସିହା ଫେବୃଆରୀ ୨୪ ତାରିଖରେ ଓଡ଼ିଶାର ପୂର୍ବତନ ମୂଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଉଦ୍ ?ଘାଟନ କରିଥିଲେ। ହନୁମାନ ବାଟିକାର ମନୋରମ ଶୋଭା ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ହନୁମାନ ବାଟିକା ପରିସରରେ ଆହୁରି ଅନେକ ଦେବଦେବୀ ପୂଜା ପାଆନ୍ତି। ଦେବୀ ମହାଲକ୍ଷ୍ମୀ, ଜଗନ୍ନାଥ, ରାଧାକୃଷ୍ଣ, ଭଗବାନ ସୋମନାଥ, ମା' ସନ୍ତୋଷୀ ଆଦି ଦେବଦେବୀ ନିତ୍ୟ ପୂଜା ପାଉଛନ୍ତି ହନୁମାନ ବାଟିକା ପରିସରରେ। ଦେବଦେବୀଙ୍କ ଦର୍ଶନ ସହିତ ଏହି ପରିବେଶରେ ଶୋଭା ଭକ୍ତ ଓ ପର୍ଯ୍ୟଟକଙ୍କୁ ମନ୍ତ୍ରମୁଗ୍ଧ କରେ।

## ଇନ୍ଦିରା ଗାନ୍ଧୀ ପାର୍କ :

ରାଉରକେଲାର ସହରର ମଧ୍ୟ ଭାଗରେ ଅବସ୍ଥିତ ସୌନ୍ଦର୍ଯ୍ୟମୟୀ ଇନ୍ଦିରା ଗାନ୍ଧୀ ପାର୍କ। ଅବସର ବିନୋଦନ ପାଇଁ ଏକ ଉତ୍କୃଷ୍ଟ ସ୍ଥାନ ହେଉଛି ଏହି ପାର୍କ। ସହରବାସୀ ତଥା ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ମନୋହରଣ କରିଥାଏ ଇନ୍ଦିରା ଗାନ୍ଧୀ ପାର୍କ। ବିଭିନ୍ନ କିସମର ଗଛ, ବହୁ ପ୍ରକାର ଫୁଲ, ଘାସଲତାରେ ପରିପୂର୍ଣ୍ଣ ଏହି ପାର୍କ। ରଙ୍ଗବେରଙ୍ଗ ଫୁଲ ଉପରେ ପ୍ରଜାପତି ବସିଥିବା ଦୃଶ୍ୟ ଅତ୍ୟନ୍ତ ଆରର୍ଷଣୀୟ। ପାର୍କ ଭିତରକୁ ପ୍ରବେଶ କଲେ ଲାଗେ ସତେ ଯେମିକି ପ୍ରକୃତିରାଣୀ ନିଜର ଅପରୂପ ସୌନ୍ଦର୍ଯ୍ୟରେ ସଜେଇ ହୋଇ ଓହ୍ଲେଇଛି ଇନ୍ଦିରା ଗାନ୍ଧୀ ପାର୍କକୁ। କୃତ୍ରିମ ହେଲେ ହେଁ ଏଠାକାର ପ୍ରାକୃତିକ ପରିବେଶ ଅତ୍ୟନ୍ତ ମନୋରମ। ପୁଣି ଉଜ୍ଜ୍ୱଳ ଆଲୋକମାଳାରେ ସୁସଜ୍ଜିତ ଏହି ପାର୍କ। ପ୍ରତିଦିନ ସନ୍ଧ୍ୟା ସମୟରେ ଏହି ପାର୍କରେ ପ୍ରବଳ ଭିଡ଼ ହୁଏ। ଦର୍ଶକଙ୍କୁ ଅଧିକ ଆକୃଷ୍ଟ କରିବା ପାଇଁ ଇନ୍ଦିରାଗାନ୍ଧୀ ପାର୍କ ଭିତରେ ମ୍ୟୁଜିକ୍ ଫାଉଣ୍ଟେନ୍‌ର ବ୍ୟବସ୍ଥା କରାଯାଇଛି। ଏହାର ଭରପୂର ମଜା ଉଠାନ୍ତି ଏଠାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ। ସେହିପରି ଛୋଟଛୋଟ ପିଲାମାନଙ୍କ ପାଇଁ ପାର୍କ ଭିତରେ ଦୋଳି, ଟ୍ରୟ ଟ୍ରେନ୍ ମଧ୍ୟ ରହିଛି। ତେଣୁ ଛୋଟଛୋଟ ପୁଅଝିଅ ପାର୍କରେ ପାଦଦେବା ମାତ୍ରେ ଆନନ୍ଦରେ ନାଚି ଉଠନ୍ତି। କେବଳ ଉଦ୍ୟାନର ପ୍ରାକୃତିକ ଶୋଭା ନୁହେଁ, ଏଠାରେ ରହିଛି ଏକ ଚିଡ଼ିଆଖାନା। ଏହି ଚିଡ଼ିଆଖାନାରେ ବାଘ, ଭାଲୁ, ହରିଣ,କୁଟୁରା, ସମ୍ବର, ମୟୂର ଆଦି ବିଭିନ୍ନ ପ୍ରଜାତିର ପଶୁପକ୍ଷୀ ରହିଛନ୍ତି। ପ୍ରତିଦିନ ପାର୍କ ଆସୁଥିବା ଶହଶହ ଦର୍ଶକଙ୍କ ପାଇଁ ମନୋରଞ୍ଜନର ଖୋରାକ୍ ଯୋଗାଇଥାଏ ଏହି ଚିଡ଼ିଆଖାନାଟି। ରାଉରକେଲାର ଇନ୍ଦିରା ଗାନ୍ଧୀ ପାର୍କର ଉଦ୍ୟାନ ହେଉ କି ଚିଡ଼ିଆଖାନା ଦର୍ଶକମାନଙ୍କ ମନକୁ ବେଶ୍ ଆକର୍ଷିତ କରିଥାଏ।




## ଜଗନ୍ନାଥ ମନ୍ଦିର୍ :



ରାଉରକେଲାର ସେକ୍ଟର -୩ରେ ରହିଛି ଜଗନ୍ନାଥ ମନ୍ଦିର। ବାଇଶି ପାହାଚ ବିଶିଷ୍ଟ ଏହି ମନ୍ଦିରରେ ଜଗନ୍ନାଥ ଭକ୍ତମାନଙ୍କୁ ଟାଣି ଆଣେ। ୧୯୭୫ ମସିହାରେ ଏହି ମନ୍ଦିରଟି ନିର୍ମିତ ହୋଇଥିଲା। ମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନି ଠାକୁର ଅତି ଭକ୍ତି ଓ ଶ୍ରଦ୍ଧାର ସହ ପୂଜା ପାଉଛନ୍ତି। ଏଠାରେ ବହୁ ଆଡ଼ମ୍ବର ସହକାରେ ରଥଯାତ୍ରା ପାଳିତ ହୁଏ।

ସୁନ୍ଦରଗଡ଼ ଜିଲ୍ଲା ତଥା ରାଉରକେଲାର ଆଖପାଖରେ ରହିଛି ଆହୁରି ଅନେକ ଦର୍ଶନୀୟ ସ୍ଥାନ। ରାଉରକେଲାର ମା' ଭଗବତୀ ମନ୍ଦିର, ବେଦବ୍ୟାସ, ବୀରମିତ୍ରପୁର ରାଣୀସତୀ ମନ୍ଦିର ପ୍ରମୁଖ ମନ୍ଦିର ରହିଛି। ଦେବଦେବୀଙ୍କ ପ୍ରତି ଭକ୍ତ ମନର ଭକ୍ତି ଭାବନା ଏହିସବୁ ଆଧାତ୍ମିକ ପୀଠଗୁଡ଼ିକୁ ଟାଣି ଆଣେ। ରାଉରକେଲାକୁ ବୁଲିବାକୁ ଆସୁଥିବା ବାହାର ପର୍ଯ୍ୟଟକମାନଙ୍କ ପାଇଁ ରହିବା, ଖାଇବା ପାଇଁ ସହରରେ ବହୁ ହୋଟେଲ, ସରକାରୀ ଗେଷ୍ଟ ହାଉସ୍ ରହିଛି। ପର୍ଯ୍ୟଟକମାନେ ରାଉରକେଲାରେ ରହି ସହର ତଥା ସହର ଆଖପାଖରେ ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ବୁଲି ଦେଖିପାରିବେ।

## ମା' ବୈଷ୍ଣୋଦେବୀ :

ପାହାଡ଼ ଉପରେ ଅବସ୍ଥିତ ମା' ବୈଷ୍ଣୋଦେବୀ ମନ୍ଦିର। ଅତ୍ୟନ୍ତ ସୁନ୍ଦର ପରିବେଶ ଭିତରେ ପୂଜା ପାଉଛନ୍ତି ମା' ବୈଷ୍ଣୋଦେବୀ। ୨୦୦୩ ମସିହାରେ ନିର୍ମିତ ହୋଇଛି ମା' ବୈଷ୍ଣୋଦେବୀଙ୍କ ଏହି ସୁଦୃଶ୍ୟ ମନ୍ଦିର। ବୈଷ୍ଣୋଦେବୀଙ୍କ ସହିତ ଏହି ମନ୍ଦିରରେ ମା' ସରସ୍ୱତୀ, ମା' କାଳୀ, ମା' ଲକ୍ଷ୍ମୀ ପୂଜା ପାଉଛନ୍ତି। ମନ୍ଦିର ପରିସରରେ ଥିବା ମା' ଦୁର୍ଗାଙ୍କ ମନ୍ଦିର ଏକ ପ୍ରମୁଖ ଆକର୍ଷଣ କେନ୍ଦ୍ର। ପ୍ରତିଦିନ ବୈଷ୍ଣୋଦେବୀଙ୍କ ମନ୍ଦିରରେ ଭକ୍ତଙ୍କ ପୂଜା ପାଇଁ ପ୍ରବଳ ଭିଡ଼ ଲାଗି ରୁହେ। ଦୁର୍ଗା ପୂଜା ସମୟରେ ମନ୍ଦିରରେ ଧୁମ୍‌ଧାମ୍‌ରେ ନବରାତ୍ର ପୂଜାର ଆୟୋଜନ ହୋଇଥାଏ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୯ ମାର୍ଚ୍ଚ ୨୦୨୧, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସରଗରମ ୫ଟି ବିଧାନସଭା ରାଜନୀତି...

ପାଂଚଟି ରାଜ୍ୟ ଓ କେନ୍ଦ୍ରଶାସିତ କ୍ଷେତ୍ର ଲାଗି ବିଧାନସଭା ନିର୍ବାଚନର ଦିନ ଯେତିକି ପାଖେଇ ଆସୁଛି ସେହିସବୁ ରାଜ୍ୟରେ ରାଜନୈତିକ ଉଷ୍ମତା ସେତିକି ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛି। ତେବେ ଏହି ପାଂଚଟି ମଧ୍ୟରୁ ପଶ୍ଚିମବଙ୍ଗ ନିର୍ବାଚନ ଉପରେ ହିଁ ସମସ୍ତଙ୍କ ଦୃଷ୍ଟି ନିବଦ୍ଧ। ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଗସ୍ତରେ ଯାଇ କୋଲକାତାର ବ୍ରିଜଗଡ଼ ପରେଡ ଗ୍ରାଉଣ୍ଡଠାରେ ଏକ ବିରାଟ ଜନସଭାରେ ଉଦ୍‌ବୋଧନ ଦେଇଛନ୍ତି। ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କର ଏହା ପ୍ରଥମ ପଶ୍ଚିମବଙ୍ଗ ଗସ୍ତ। ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ମିଥୁନ ଚକ୍ରବର୍ତ୍ତୀ ବିଜେପି ଦଳରେ ଆନୁଷ୍ଠାନିକ ଭାବେ ସାମିଲ ହୋଇଛନ୍ତି। ଇତିପୂର୍ବରୁ ତୃଣମୂଳ କଂଗ୍ରେସ ଦଳ ଛାଡ଼ି ବହୁ ସାଂସଦ, ବିଧାୟକ ଓ ଅନ୍ୟ ନେତାମାନେ କଂଗ୍ରେସ ଦଳ ଛାଡ଼ି ବହୁ ସାଂସଦ, ବିଧାୟକ ଓ ଅନ୍ୟ ନେତାମାନେ ବିଜେପିରେ ଯୋଗ ଦେଇଥିଲେ। ସେମାନଙ୍କୁ ବିଜେପି ସ୍ୱାଗତ କରିଛି ଓ ଚଳିତ ନିର୍ବାଚନରେ ଦଳୀୟ ପ୍ରାର୍ଥୀ କରାଇବାର ସଂକେତ ଦେଇଛି। ଦଳରୁ ଏଭଳି ନେତୃବର୍ଗଙ୍କ ପ୍ରସ୍ଥାନକୁ ପୂରଣ କରିବା ଲାଗି ଟିଏମସି ପ୍ରମୁଖ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଅନେକ ବିଧାୟକଙ୍କୁ ବାଦ୍ ଦେଇ ନୂଆ ମୁହଁକୁ ପ୍ରାର୍ଥୀ କରିଛନ୍ତି ଓ ସେମାନଙ୍କ ମଧ୍ୟରେ କେତେକ ଅଭିନେତ୍ରୀ ଓ କ୍ରୀଡ଼ା ତାରକା ଅଛନ୍ତି। ଗୋଟିଏ ଦୃଷ୍ଟିରୁ ବିଚାର କଲେ, ଏଥର ନିର୍ବାଚନରେ ଭୋଟରମାନେ ଅନେକ ଅଭିନେତା ଓ କ୍ରୀଡ଼ା ତାରକାଙ୍କୁ ହିଁ ଭେଟିବେ। ତେଣୁ ସଂସ୍କୃତି ସଚେତନ ବଙ୍ଗଳାର ଭୋଟରମାନଙ୍କୁ ବୁଝି ବିଚାରି ଭୋଟ ଦେବାକୁ ପଡ଼ିବ। ଏକଥା ମଧ୍ୟ ଏକ ବାସ୍ତବତା ଯେ, ଏକଦା ପଶ୍ଚିମବଙ୍ଗ ରାଜନୀତିରେ ପ୍ରମୁଖ ଖେଳୁଆଡ଼ ଥିବା କଂଗ୍ରେସ ଓ ବାମପନ୍ଥୀ ଦଳ ଏବେ ପୃଷ୍ଠଭୂମିକୁ ଓହରି ଯାଇଛନ୍ତି। ତେବେ ତୃଣମୂଳ କଂଗ୍ରେସ ସରକାର ରାଜ୍ୟବାସୀଙ୍କୁ କେତେ ମାତ୍ରାରେ ପ୍ରଗତି ପଥରେ ଅଗ୍ରସର କରାଇଛି, ତାହାକୁ ନେଇ ଚଳିତ ନିର୍ବାଚନରେ ମତଦାତାଙ୍କୁ ନିଷ୍ପତ୍ତି ଗ୍ରହଣ କରିବାକୁ ପଡ଼ିବ। ମମତାଙ୍କ ମୁଖ୍ୟମନ୍ତ୍ରିତ୍ୱରେ କଂଗ୍ରେସ, ବିଜେପି, ବାମଦଳ ସମସ୍ତେ କ୍ଷୁବ୍ଧ। ଏପରିକି ଦଳର ବହୁ ବରିଷ୍ଠ ନେତା ଇତି ମଧ୍ୟରେ ଟିଏମସି ଛାଡ଼ି ବିଜେପି ଓ ଅନ୍ୟ ଦଳରେ ସାମିଲ ହୋଇଛନ୍ତି। କିନ୍ତୁ ଚୂଡ଼ାନ୍ତ ନିଷ୍ପତ୍ତି ଭୋଟରଙ୍କ ହାତରେ। ସେମାନେ ଚଳିତ ନିର୍ବାଚନରେ କାହାକୁ ଚାହାଁନ୍ତି ତାହା ମେ' ୨ ତାରିଖରେ ଭୋଟଗଣତି ପରେ ହିଁ ଜଣାପଡ଼ିବ। ଇତିପୂର୍ବରୁ ଅନୁଷ୍ଠିତ ସ୍ଥାନୀୟ ଏବଂ ପୌର ନିର୍ବାଚନର ଫଳାଫଳ ସୂଚିତ କରେ ଯେ, ବିଜେପି ପ୍ରତି ରାଜ୍ୟର ମତଦାତାଙ୍କ ମାତ୍ରା ବୃଦ୍ଧି ପାଇଛି। ତେଣୁ ଚଳିତ ନିର୍ବାଚନରେ ବିଜେପି ତାହା ସରକାର ଗଢ଼ିବା ଭଳି ସଂଖ୍ୟାଗରିଷ୍ଠତା ହାସଲ କରିପାରିବ କି ନାହିଁ ତାହା ସବୁଠାରୁ ବଡ଼ ପ୍ରଶ୍ନ। ଇତିମଧ୍ୟରେ ବିଜେପିର ବହୁ ବରିଷ୍ଠ ନେତା ପଶ୍ଚିମବଙ୍ଗ ଗସ୍ତ କରି ନିର୍ବାଚନୀ ପ୍ରଚାର, ସାଂଗଠନିକ ବିଚାର ବିମର୍ଶ ଓ ର୍‍ୟାଲି ଆଦି କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ମୋଦି ହେଉଛନ୍ତି ଟ୍ରମ୍ପ କାର୍ଡ଼। ତାଙ୍କ ଉପସ୍ଥିତି ଓ ପ୍ରଚାର ଦଳକୁ କେବଳ ଜାତୀୟ ନିର୍ବାଚନରେ ନୁହେଁ, ଅନେକ ରାଜ୍ୟ ନିର୍ବାଚନରେ ସୁଦ୍ଧା ସଂଖ୍ୟାଗରିଷ୍ଠତା ଦେଇଛି। ଏହା କେବଳ ପଶ୍ଚିମବଙ୍ଗ ପାଇଁ ନୁହେଁ, ତାମିଲନାଡୁ, କେରଳ, ଆସାମ ଓ ପୁଡୁଚେରୀ ପାଇଁ ମଧ୍ୟ ପ୍ରଯୁଜ୍ୟ। ଏହିସବୁ ରାଜ୍ୟରେ ପ୍ରଧାନମନ୍ତ୍ରୀ ଅବଶ୍ୟ ଦଳ ପାଇଁ ନିର୍ବାଚନୀ ପ୍ରଚାର କରିବେ। ତାମିଲନାଡୁରେ କ୍ଷମତାସୀନ ଏଆଇଏଡିଏମକେ ଏବଂ ପିଏମକେ ସହ ମେଂଟ କରି ବିଜେପି, ପ୍ରତିଦ୍ୱନ୍ଦ୍ୱିତା କରୁଛି। ଆସାମରେ ଆସାମ ଗଣପରିଷଦ ପ୍ରମୁଖ ଦଳ ଭାବେ ବିଜେପି ସହ ହାତ ମିଳାଇଛି। କେରଳରେ ଦଳ ଏକାକୀ ଲଢ଼ିବାକୁ ମନସ୍ଥ କରିଛି। ପୁଡୁଚେରୀରେ ମଧ୍ୟ ଅନୁରୂପ ସ୍ଥିତି ରହିଛି। ନିର୍ବାଚନ ପରବର୍ତ୍ତୀ ସ୍ଥିତିକୁ ଦେଖି ଦଳ ହୁଏତ ଅନ୍ୟ ଦଳଙ୍କ ସହ ମେଂଟ କରିବ। ଦିନକୁ ଦିନ ଭାରତୀୟ ରାଜନୀତିରେ ମେଂଟ ସରକାର ଗଠନ ବାସ୍ତବତାରେ ପରିଣତ ହୋଇ ଚାଲିଥିବା ଦୃଷ୍ଟିରୁ, ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ ସକାଶେ ପ୍ରମୁଖ ରାଜନୈତିକ ଦଳ ଆଗ୍ରହୀ। କାରଣ, ମେଂଟରୁ ଇସ୍ତଫା ଓ ଦଳ ବଦଳ ସମୟାନ୍ତରେ ସରକାର ପତନର କାରଣ ପାଲଟୁଛି। ଏହି ପୃଷ୍ଠଭୂମିରେ ଓ କରୋନା କାଳରେ ଜନମାନସ କେଉଁ ଦଳ ସପକ୍ଷରେ ଯାଉଛି ତାହା ଲକ୍ଷ୍ୟ କରିବା କଥା।






## ମନ ପକ୍ଷୀ ...

କୁନା ସେଠୀ

ମନ ପକ୍ଷୀ ଡେଣା ଝାଡି
ଉଡ଼େ ଆକାଶରେ
କେତେଦୂର ଯିବ ସିଏ
କଳନା ନ କରେ ।

ସୀମା ହୀନ ଆକାଶରେ
ସୀମାହିନ ପଥ
ଅତିକ୍ରମ କରି ସିଏ
ଚଲାଏ ତା ରଥ ।

ବନ୍ଧୁରତା ବାଧେ ନାହିଁ
ନାହିଁ ଆଗ ପଛ
ଉଡ଼ିଚାଲେ ସବୁ ଦିଗେ
ସବୁ ମାନି ତୁଚ୍ଛ ।

ଆକାଶର ଚାନ୍ଦ ଧରି
ଆସିବାକୁ ଇଚ୍ଛା
ଆଖିରେ ଆଖିଏ ସ୍ୱପ୍ନ
କରେ ତାର ପିଛା ।

କେତେବେଳେ ସପନ ତା
ହେବ ତାର ସତ
ଜାଣେ ନାହିଁ ନିଜେ ସିଏ
ହେବାଠାରୁ ଜାତ ।

ତଥାପି ମନରେ ତାର
ରଖିଅଛି ଆଶା
ଆକାଶକୁ ଛୁଇଁବ ସେ
ଦେଇ ମୁଖେ ଭାଷା ।

ଥଟା କଲେ କରୁ କିଏ
ଯାଏ ଆସେ ନାହିଁ
ପରିହାସ ପାଇଁ ତାର
ଜମା ଭୟ ନାହିଁ ।

ଗୋଟିଏ ତା ଲକ୍ଷ୍ୟ ଆଉ
ଗୋଟିଏ ତା ଭାଷା
ଉଡୁଥିବି ଉଡୁଥିବି
ରଖି ମନେ ଆଶା ।

+ଭୂତସରସିଙ୍ଗି,ଗଞ୍ଜାମ

## ତୈଳଦର ବୃଦ୍ଧିରେ କରୋନା ଛାଟ


ଶ୍ରୁତକୀର୍ତ୍ତି ତ୍ରିପାଠୀ
ବିବେକାନନ୍ଦ ମାର୍ଗ,
ଭୁବନେଶ୍ୱର
ମୋ: ୬୩୭୦୫୧୬୪୭୮


ଗୋବଲ୍ ପେଟ୍ରୋଲ୍ ପ୍ରାଇସେସ୍ ଅନୁଯାୟୀ ଦକ୍ଷିଣ ଏସିଆର ସବୁ ଦେଶ ଭିତରେ ଭାରତରେ ସବୁଠାରୁ ଅଧିକ ଦରରେ ତେଲ ବିକ୍ରି ହେଉଛି। ଭାରତର କିଛି ରାଜ୍ୟ ଆସାମ, ମେଘାଳୟ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଲଗେଇଥିବା VAT ହ୍ରାସ କରାଯାଇଛି। ମାତ୍ର ଆମ ରାଜ୍ୟ ସରକାର ଓଡ଼ିଶାରେ ଉଚ୍ଚ ହାରରେ (୨୪.୫୮%) VAT ଲଗେଇଛନ୍ତି।

ଏବେ ଆଲୋଚନାର ବିଷୟ ତେଲ ଦର ବୃଦ୍ଧି କାହାକୁ କେମିତି ପ୍ରଭାବିତ କରିଛି ? ଏହି ଦର ବୃଦ୍ଧି ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଚାଷୀ, ବ୍ୟବସାୟୀ, ଚାକିରିଆ ସମସ୍ତଙ୍କୁ ପ୍ରଭାବିତ କରିଛି। ରେଳ ଓ ପରିବହନ କ୍ଷେତ୍ରରେ ତେଲ ଦର ବଢ଼ିବା, ରେଳଭଡା ଓ ବସଭଡା ବୃଦ୍ଧିର ମୁଖ୍ୟ କାରଣ।

କରୋନା ମହାମାରୀ ଯୋଗୁଁ ହୋଇଥିବା ଅନେକ ସମସ୍ୟା ଭିତରୁ ଏକ ଗୁରୁତର ସମସ୍ୟା ହେଉଛି ତୈଳଦର ବୃଦ୍ଧି। କ୍ରମାଗତ ଭାବରେ ପେଟ୍ରୋଲ୍ ଏବଂ ଡିଜେଲ୍ ଦର ବୃଦ୍ଧି ଦ୍ୱାରା ଗରିବ ଓ ମଧ୍ୟବିତ୍ତ ବର୍ଗ ସର୍ବାଧିକ ପ୍ରଭାବିତ ହୋଇଛନ୍ତି। ଏହାପଛର ମୂଳ କାରଣ ହେଉଛି କେନ୍ଦ୍ର ଓ ରାଜ୍ୟ ସରକାର ଲଗାଇଥିବା ଟିକସ୍। ଭୁଶୁଡ଼ି ପଡିଥିବା ଅର୍ଥନୀତିର ଭାରସାମ୍ୟ ରକ୍ଷା କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଟିକସ୍ କମେଇବା ପାଇଁ ଇଚ୍ଛୁକ ନୁହଁନ୍ତି । ଭାରତ ତାର ତୈଳ ଆବଶ୍ୟକତା ସାଉଦି ଆରବ, ଇରାକ ଆଦି ଦେଶରୁ ଆମଦାନୀ ଜରିଆରେ ପୂରଣ କରିଥାଏ। ଭାରତ କିଣୁଥିବା ଅଶୋଧିତ ତୈଳର ଗତବର୍ଷ ବ୍ୟାରେଲ୍ ପିଛା ଦର ୪୦.୧ ଡଲାର୍ ଥିଲା, ଯାହା ଗତବର୍ଷ ଅକ୍ଟୋବରରୁ ବୃଦ୍ଧି ପାଇ ଏବେ ୬୩.୭ ଡ଼ଲାର୍ ରେ ପହଞ୍ଚିଛି। ଅନେକ ଦେଶର ତୈଳଦର ମହାମାରୀ ପରେ ତାର ପୂର୍ବ ଅବସ୍ଥାକୁ ଫେରିଥିଲେ ମଧ ଭାରତରେ ଏହା ଆକାଶଛୁଆଁ।

ତେବେ ସମସ୍ତେ ଜାଣି ନ ଥିବେ ଭାରତକୁ ଅନ୍ୟଦେଶରୁ ତେଲର ଆମଦାନୀ ହୁଏ କିପରି ? ଭାରତ ସାଉଦି ଆରବ, ଇରାକ, ଇରାନ, ଋଷିଆ ଭଳି ଦେଶରୁ ଅଶୋଧିତ ତୈଳ କିଣି ଜାହାଜ ଜରିଆରେ ସମୁଦ୍ରପଥରେ ଭିତରକୁ ଆଣିଥାଏ । ଏହାପାଇଁ ଜାହାଜର ବୀମା, ପରିବହନ ଶୁଳ୍କ ଖର୍ଚ୍ଚ ଦେବାକୁ ହୁଏ । ତେଲ ଜାହାଜ ବନ୍ଦରରେ ପହଞ୍ଚିବା ପରେ ଅଶୋଧିତ ତୈଳ ବିଶୋଧନାଗାରକୁ ଯିବା ପାଇଁ ପୁଣି ପରିବହନ ଖର୍ଚ୍ଚ ରହିଛି । ବିଶୋଧନାଗାରରେ ବିଶୋଧନ ପରେ ବାହାରିଥିବା ପେଟ୍ରୋଲ୍ ଓ ଡିଜେଲ୍‌କୁ ପୁଣିଥରେ ପରିବହନ କରି ଟ୍ରେନ୍ କିମ୍ବା ଟ୍ୟାଙ୍କର୍ ଜରିଆରେ ବିଭିନ୍ନ କମ୍ପାନୀକୁ ପଠାଯାଏ। ସେହି କମ୍ପାନୀରୁ ତେଲ କିଣି ପେଟ୍ରୋଲ୍ ପମ୍ପ ପର୍ଯ୍ୟନ୍ତ ଆଣିବା ପରେ ପେଟ୍ରୋଲ୍ ପମ୍ପର ତେଲଭଣ୍ଡାରରେ ତେଲ ସଂଗୃହୀତ ହୁଏ। ପେଟ୍ରୋଲ୍ ପମ୍ପରେ ପେଟ୍ରୋଲ୍ / ଡିଜେଲ୍ ପହଞ୍ଚିବା ପରେ ତାହା ଉପରେ ଲାଗିଥାଏ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ୍ ଏବଂ ତା ସହିତ ଯୋଡ଼ିହୁଏ ପେଟ୍ରୋଲ୍ ପମ୍ପ ଡିଲର୍‌ଙ୍କ କମିଶନ୍ ଟଙ୍କା। ଆମ ଦେଶର ୩ ସରକାରୀ ତେଲ କମ୍ପାନୀ ଅଶୋଧିତ ତେଲର ମୂଲ୍ୟ ଓ ଡ଼ଲାର୍ ତୁଳନାରେ ଟଙ୍କାର ବିନିମୟ ମୂଲ୍ୟକୁ ବିଚାରକୁ ନେଇ ପ୍ରତିଦିନ ତେଲଦର ନିର୍ଦ୍ଧାରିତ ହୁଏ। ସେହି ଦରରେ ଗ୍ରାହକଙ୍କୁ ତେଲ କିଣିବାକୁ ହୁଏ। ଏବେ ବିଚାରଯୋଗ୍ୟ ଯେ, ଅଶୋଧିତ ତେଲର ଦାମ୍ ବଢୁଛି କାହିଁକି ? ୨୦୨୦ ଏପ୍ରିଲ୍ ରେ ଅଶୋଧିତ ତୈଳଦରରେ ବଡ଼ ଧରଣର ହ୍ରାସ ହୋଇଥିଲା। ଏପରିକି ବ୍ୟାରେଲ୍ ପିଛା ୨୦ ଡ଼ଲାର୍ ବି ଥରେ ହୋଇଥିଲା, ହେଲେ ଏବେ ନିୟମିତ ଭାବରେ ଏହା ବୃଦ୍ଧି ପାଇବାରେ ଲାଗିଛି । କାରଣ ରପ୍ତାନି କରୁଥିବା ଦେଶ ଜାଣିଶୁଣି ତାଙ୍କ ଉତ୍ପାଦନ ହ୍ରାସ କରିଛନ୍ତି। ବଜାରରେ ତେଲ କମ୍ ରହିଲେ ଏହା ଚଢ଼ା ଦାମ୍‌ରେ ବିକ୍ରି ହେବ। ଏକ ବ୍ୟାରେଲ୍ ( ୧୨୦ ଲିଟର୍ ) ତେଲର ଦର ଚଳିତ ମାସ ୪୪୮୬. ୪୭ ଟଙ୍କା। ଲିଟର୍ ପିଛା ଅଶୋଧିତ ତୈଳର ଦାମ ୩୭.୩୮ ଟଙ୍କା। ତେବେ ତେଲ ସାଧାରଣ ଲୋକଙ୍କ ପାଖକୁ ପହଞ୍ଚିଲା ବେଳକୁ ତାର ଦର ଏତେ ମାତ୍ରାରେ ବଢ଼ିଯିବାର କାରଣ ବି ଜାଣିବା ଜରୁରୀ।

ଭାରତ ସରକାର ତୈଳଦର ନିର୍ଦ୍ଧାରିତ କରିବାର ଅନୁମତି ତେଲ କମ୍ପାନୀ ଗୁଡ଼ିକ ଉପରେ ନ୍ୟସ୍ତ କରିଛନ୍ତି। ଯାହା ଡ଼ଲାର୍ ମୂଲ୍ୟ ଏବଂ ଅନ୍ତର୍ଜାତୀୟ ତେଲ ବିନିମୟ ଦର ଉପରେ ନିର୍ଭର କରେ। ଆମ ଦେଶରେ ପ୍ରତିଦିନ କ୍ରମବର୍ଦ୍ଧିଷ୍ଣୁ ତୈଳଦର ପଦ୍ଧତି ( The Dynamic Fuel Price Method ) ଅନୁଯାୟୀ ତେଲଦର ବଦଳୁଥାଏ । ଏପରି କରିବା ପଛରେ କାରଣ ହେଉଛି, ବିଶ୍ୱ ସ୍ତରରେ ତୈଳଦରରେ ଏକ ଛୋଟ ପରିବର୍ତ୍ତନର ଲାଭାଂଶ ପେଟ୍ରୋଲ୍ / ଡିଜେଲ୍ ବ୍ୟବହାରକାରୀ ଏବଂ ଯୋଗାଣକାରୀ ଉପଭୋଗ କରନ୍ତୁ। ସେଥିପାଇଁ ପ୍ରତିଦିନ ରାତିରେ ତୈଳଦର ପରିବର୍ତ୍ତନ କରାଯାଏ, ଯାହା ପରଦିନ ସକାଳଠାରୁ ପୁରା ଦିନ ପାଇଁ ଲାଗୁ ହୁଏ । ତେଲଦର ବୃଦ୍ଧି ପାଇଁ ଅନେକ ଉପାଦାନ ଯେପରିକି, ଅଶୋଧିତ ତୈଳଦର, ଡ଼ଲାର୍ ମୂଲ୍ୟ ବିନିମୟରେ ଟଙ୍କାର ମୂଲ୍ୟ, ତେଲର ଚାହିଦା ଆଦି ଦାୟୀ। ଯୋଗାଣକାରୀଙ୍କ କମିଶନ, ଉତ୍ପାଦ ଶୁଳ୍କ ଏବଂ ମୂଲ୍ୟଯୁକ୍ତ କର (VAT)କୁ ନେଇ ତୈଳଦର ନିର୍ଦ୍ଧାରଣ କରାଯାଏ। ପ୍ରତି ରାଜ୍ୟର VAT ମଧ ଭିନ୍ନ, ତେଣୁ କହିବା ବାହୁଲ୍ୟ ଯେ, ଏତେ ସବୁ ଟିକସ ଲାଗିବା ପରେ ଲୋକଙ୍କ ପାଖକୁ ପେଟ୍ରୋଲ୍ ଆସିଲା ବେଳକୁ ଏହାର ଦାମ ଦୁଇଗୁଣା ହୋଇଯାଇଥାଏ। ଗୋବଲ୍ ପେଟ୍ରୋଲ୍ ପ୍ରାଇସେସ୍ ଅନୁଯାୟୀ ଦକ୍ଷିଣ ଏସିଆର ସବୁ ଦେଶ ଭିତରେ ଭାରତରେ ସବୁଠାରୁ ଅଧିକ ଦରରେ ତେଲ ବିକ୍ରି ହେଉଛି। ଭାରତର କିଛି ରାଜ୍ୟ ଆସାମ, ମେଘାଳୟ, ପଶ୍ଚିମବଙ୍ଗ ଓ ରାଜସ୍ଥାନରେ ପେଟ୍ରୋଲ୍ ଓ ଡିଜେଲ୍ ଉପରେ ଲଗେଇଥିବା VAT ହ୍ରାସ କରାଯାଇଛି। ମାତ୍ର ଆମ ରାଜ୍ୟ ସରକାର ଓଡ଼ିଶାରେ ଉଚ୍ଚ ହାରରେ (୨୪.୫୮%) VAT ଲଗେଇଛନ୍ତି।

ଏବେ ଆଲୋଚନାର ବିଷୟ ତେଲ ଦର ବୃଦ୍ଧି କାହାକୁ କେମିତି ପ୍ରଭାବିତ କରିଛି ? ଏହି ଦର ବୃଦ୍ଧି ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ଚାଷୀ, ବ୍ୟବସାୟୀ, ଚାକିରିଆ ସମସ୍ତଙ୍କୁ ପ୍ରଭାବିତ କରିଛି। ରେଳ ଓ ପରିବହନ କ୍ଷେତ୍ରରେ ତେଲ ଦର ବଢ଼ିବା, ରେଳଭଡା ଓ ବସଭଡା ବୃଦ୍ଧିର ମୁଖ୍ୟ କାରଣ। ଟ୍ରକ୍ ଜରିଆରେ ପରିବହନ ହେଉଥିବା ପନିପରିବାଠାରୁ ଆରମ୍ଭ କରି ପ୍ରାୟ ସବୁ ପ୍ରକାର ଜିନିଷର ଦାମ ବି ବଢିଛି। ଜେନେରେଟର, ଡ଼ି, ଜି. ସେଟ୍, ଚାଷୀଙ୍କ ପାୱାର ଟିଲର୍, ଟ୍ରାକ୍ଟର ଚାଲିବା ପାଇଁ ଡିଜେଲ୍‌ର ଆବଶ୍ୟକତା ବଢିବା ସହିତ ଅନ୍ୟ ଉପକରଣର ଦାମ ସମାନ୍ତରାଳ ଭାବରେ ବଢିଛି। ଏହା ଛଡ଼ା ଦୂରଦୂରାନ୍ତର ସ୍ଥାନକୁ ଗାଡ଼ିରେ ଯାତ୍ରା କରୁଥିବା ଲୋକଙ୍କ ଜୀବନ ଏବଂ ଖର୍ଚ୍ଚ ମଧ ପ୍ରଭାବିତ ହୋଇଛି। ତେଲ ଦରବୃଦ୍ଧି, ଗାଡ଼ି ବିକ୍ରିକୁ ମଧ ପ୍ରଭାବିତ କରିଛି। ଏହା ସହିତ ବଡ଼ କମ୍ପାନୀ ଓ ସେମାନଙ୍କୁ ଉପକରଣ ଯୋଗାଉଥିବା କ୍ଷୁଦ୍ର ଓ ମଧ୍ୟମ ଧରଣର କମ୍ପାନୀରେ କାର୍ଯ୍ୟ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି। ଯାହା ପରବର୍ତ୍ତୀ ସମୟରେ ପ୍ରତ୍ୟେକ ପରିବାରର ଖର୍ଚ୍ଚକୁ ଅଧିକ ଏବଂ ସଞ୍ଚୟକୁ କମ କରିଦେବ । ପରିଣାମ ସ୍ୱରୂପ ପ୍ରତ୍ୟେକ ରାଜ୍ୟ ଏବଂ ସାମୂହିକ ଭାବରେ ଭାରତର ଅଭିବୃଦ୍ଧିଶୀଳ ଅର୍ଥନୀତିର ପ୍ରଗତି ବାଧାପ୍ରାପ୍ତ ହେବ।

ତେଲଦର ବଢ଼ିବା ପ୍ରତ୍ୟେକ ନାଗରିକ ପାଇଁ ଚିନ୍ତାର ବିଷୟ , କିନ୍ତୁ ଦର ବଢ଼ିବା ପଛର କାରଣକୁ ମଧ୍ୟ ଅଣଦେଖା କରିହେବ ନାହିଁ। କହିବାକୁ ଗଲେ ଏବର୍ଷର ବଜେଟ୍ ତିଆରି କରିବା ହିଁ ସରକାରଙ୍କ ପାଇଁ କଷ୍ଟକର ଥିଲା। ସବୁ ଜିନିଷକୁ ଆଖି ଆଗରେ ରଖି ଦେଖିଲେ ଜଣାପଡିବ ତେଲଦରକୁ ହ୍ରାସ କରିବା ଆଦୌ ସହଜ ବିଷୟ ହେବନାହିଁ। କରୋନାର ମାଡ଼ରେ ପ୍ରଭାବିତ ଏହି ତେଲଦରକୁ ପୂର୍ବାବସ୍ଥାକୁ କିମ୍ବା ସ୍ୱଚ୍ଛଳ ଅବସ୍ଥାକୁ ଫେରିବାକୁ ସମୟ ତ ଲାଗିବ ନିଶ୍ଚୟ ! ତେବେ ବଢୁଥିବା ଦରଦାମ ଏବଂ ଖର୍ଚ୍ଚକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ତଥା ରାଜ୍ୟ ସରକାର ଖୁବ ଶୀଘ୍ର ଦରବୃଦ୍ଧି ଉପରେ ରୋକ ଲଗେଇବେ ବୋଲି ଆଶା କରାଯାଇପାରେ। କ୍ରମବର୍ଦ୍ଧିଷ୍ଣୁ ତେଲଦରରେ ମହାମାରୀ କରୋନାର ଛାଟ ଲୋକଙ୍କୁ ଆଉ କେତେ ହନ୍ତସନ୍ତ କରିବ, ସେୟା ଦେଖିବାକୁ ବାକି ରହିଲା।

## ବିଜୟା ବା ପଙ୍କୋଦ୍ଧାର ଏକାଦଶୀ




ଶ୍ରୀହରି ପଣ୍ଡା
ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
ମୋ.୯୮୫୩୧୯୮୪୫୮


ଫାଲଗୁନ କୃଷ୍ଣପକ୍ଷ ଏକାଦଶୀର ନାମ ବିଜୟା ଏକାଦଶୀ । ନୃପତିମାନଙ୍କୁ ଜୟ ପ୍ରଦାନ କରୁଥିଲା ବୋଲି ଉକ୍ତ ଏକାଦଶୀର ନାମ ବିଜୟା ଏକାଦଶୀ । ଏହି ଏକାଦଶୀ କରି ରାବଣ ଦ୍ୱାରା ଅପହୃତା ସୀତାଙ୍କୁ ଶ୍ରୀରାମ ଉଦ୍ଧାର କରିଥିବା କାରଣରୁ ଏହି ଏକାଦଶୀର ମାହାତ୍ମ୍ୟ ଅଧିକ । ବିଜୟା ଏକାଦଶୀ କରି ରାବଣକୁ ପରାଜିତ କରି ଶ୍ରୀରାମ ବିଜୟଲାଭ କରିଥିଲେ । ପଞ୍ଚବଟୀ ବନରୁ ରାବଣ ସୀତାଙ୍କୁ ହରଣ କରିନେବା ପରେ ମ୍ରିୟମାଣ ରାମ ସୀତାଙ୍କୁ ଅନ୍ୱେଷଣ କରୁଥିବା ସମୟରେ ଜଟାୟୁ ପାଖରୁ ଖବର ପାଇବା ପରେ ସୁଗ୍ରୀବଙ୍କ ସହିତ ମିତ୍ରତା ସ୍ଥାପନ ଏବଂ ହନୁମାନଙ୍କ ଲଙ୍କାଯାତ୍ରା ଓ ସୀତାଙ୍କୁ ରତ୍ନମୁଦି ପ୍ରଦାନ ଆଦି କର୍ମ ସମାପନ ପରେ ପ୍ରତ୍ୟାବର୍ତ୍ତନ କରି ସମସ୍ତ ଖବର ଶ୍ରୀରାମଙ୍କୁ ଅବଗତ କରଇଲେ । ଶ୍ରୀରାମଙ୍କ ସହିତ ଅନ୍ୟମାନେ ସମୁଦ୍ର ତୀରକୁ ଯାଇ ଜଳଜୀବରେ ପରିପୂର୍ଣ୍ଣ ଅଗାଧ ସମୁଦ୍ରକୁ କିପରି ପାର କରାଯିବ ବୋଲି ଶଂସୟ ସମୟରେ ଲକ୍ଷ୍ମଣ ନିକଟସ୍ଥ ଦ୍ୱୀପରେ ବକଦାଲଭ୍ୟ ମୁନିଙ୍କ ଆଶ୍ରମ ଏବଂ ତାଙ୍କର ପରାମର୍ଶ ନେବାକୁ ଅନୁରୋଧ କଲେ । ଏହାପରେ ସମସ୍ତେ ବକଦାଲଭ୍ୟ ଋଷିଙ୍କ ଆଶ୍ରମରେ ପହଞ୍ଚି ନତମସ୍ତକ ପୂର୍ବକ ଆସିବାର ଅଭୀପ୍ସା ଜଣାଇଲେ । ଋଷି ଅତ୍ୟନ୍ତ ପ୍ରୀତ ହେବା ସହ ଶ୍ରୀରାମଙ୍କୁ ବିଜୟା ନାମକ ଏକାଦଶୀ ପାଳନ କରିବାକୁ ପରାମର୍ଶ ଦେଲେ । ଏହି ବ୍ରତ ପାଳନରେ ଆପଣଙ୍କର ଅନାୟସରେ ବିଜୟ ହେବ ଏବଂ ସମସ୍ତ ସୈନ୍ୟଙ୍କ ସହ ସମୁଦ୍ର ପାର ହୋଇଯିବେ ବୋଲି କହିଲେ । ଏହି ବ୍ରତର ବିଧାନ ମଧ ବତାଇଦେଲେ ।

ବ୍ରତର ବିଧି ଅନୁସାରେ ଦଶମୀଦିନ ସୁବର୍ଣ୍ଣ, ରଜତ, ତମ୍ବା ଅଥବା ମୃଣ୍ମୟ କୁମ୍ଭ ସଂଗ୍ରହ କରି ସେଥିରେ ଜଳ ଓ ଆମ୍ରପତ୍ର ପ୍ରଦାନ କରି ଏହାକୁ ଚନ୍ଦନାଦି ଦ୍ୱାରା ଶୋଭିତ କରି ତା'ଉପରେ ସୁବର୍ଣ୍ଣ ନିର୍ମିତ ନାରାୟଣ ମୂର୍ତ୍ତି ସ୍ଥାପନ କରିବେ । ଏକାଦଶୀ ଦିନ ଯାଥାବିଧି ପ୍ରାତଃସ୍ନାନ କରି ଉକ୍ତ କୁମ୍ଭ ବା କଳସର କଣ୍ଠକୁ ପୁଷ୍ପମାଲ୍ୟ ଓ ଚନ୍ଦନାଦି ଦ୍ୱାରା ଭୂଷିତ କରି ଉତ୍ତମ ସ୍ଥାନରେ ସ୍ଥାପନ କରିବେ ଏବଂ ଗୁଆ ଓ ନଡିଆ ଫଳ ପ୍ରଦାନ କରି ପୂଜା କରିବେ । ସପ୍ତଧାନ୍ୟ ଓ ଯବ ସହ ସେହି ଘଟ ଉପରେ ବିନ୍ୟାସ କରିବେ । ଗନ୍ଧ, ପୁଷ୍ପ, ଧୂପ, ଦୀପ, ନୈବେଦ୍ୟ ଆଦି ଦ୍ୱାରା ପୂଜା ପୂର୍ବକ ସେହି କୁମ୍ଭ ନିକଟରେ ସତ୍ କଥା କୀର୍ତ୍ତନରେ ସମସ୍ତ ଦିନ ଯାପନ କରିବେ । ରାତ୍ରି ସମୟରେ ମଧ ଜାଗ୍ରତ ରହି ବ୍ରତର ଅଖଣ୍ଡତ୍ୱ ବିଧାନ ନିମିତ୍ତ ଘୃତଦୀପ ପ୍ରଜ୍ୱଳିତ ରଖିବେ । ଦ୍ୱାଦଶୀଦିନ ସୂର୍ଯ୍ୟୋଦୟ ପରେ ସେହି କୁମ୍ଭକୁ ବିସର୍ଜନ କରିବା ନିମିତ୍ତ ନଦୀ ବା ପୁଷ୍କରିଣୀ ନିକଟରେ ଯଥାବିଧି ପୂଜାକରି ମୂର୍ତ୍ତି ସହିତ କୁମ୍ଭ ; ବେଦରେ ପାରଙ୍ଗମ ବ୍ରାହ୍ମଣକୁ ଦାନ କରିବେ । ଏହି ବ୍ରତ ପ୍ରଭାବରେ ନିଶ୍ଚୟ ଆପଣଙ୍କର ବିଜୟ ହେବ । ଋଷିବାକ୍ୟାନୁସାର ଶ୍ରୀରାମ ଏହି ବ୍ରତ ଆଚରଣ କରିବା ଦ୍ୱାରା ଲଙ୍କାଜୟ, ରାବଣ ମରଣ, ସୀତା ଉଦ୍ଧାର ଆଦି ସୁଗମ ହୋଇଥିଲା । ଏହି ଏକାଦଶୀକୁ ମଧ ପଙ୍କୋଦ୍ଧାର ଏକାଦଶୀ ବୋଲି ମାନ୍ୟତା ପ୍ରଦାନ କରାଯାଇଛି । ଏହି ଏକାଦଶୀଠାରୁ ତିନିଦିନପରେ ଅର୍ଥାତ୍ ଚତୁର୍ଦ୍ଦଶୀରେ ଶିବରାତ୍ରୀ ଅନୁଷ୍ଠିତ ହୋଇଥାଏ । ଏଣୁ ପ୍ରତ୍ୟେକ ଶିବାଳୟରେ ପଙ୍କୋଦ୍ଧାର କାର୍ଯ୍ୟ କରାଯାଇ ମନ୍ଦିର ଭିତରେ ପରିଷ୍କାର କରାଯାଇଥାଏ । ପୁରୀ ଲୋକନାଥ ମନ୍ଦିରରେ ଏହି ଉଦ୍ଦେଶ୍ୟରେ ଏକ ବିଶାଳଯାତ୍ରା ଅନୁଷ୍ଠିତ ହୋଇଥାଏ। ଲକ୍ଷଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ।

॥ ଜୟ ଜଗନ୍ନାଥ ॥

## ଫାଲ୍‌ଗୁନ କୃଷ୍ଣପକ୍ଷ: ପଙ୍କୋଦ୍ଧାର ବା ବିଜୟା ଏକାଦଶୀ




ବିପିନ ବିହାରୀ ମହାନ୍ତି
ବିପିନ ବିହାରୀ ପାଠାଗାର,ଜଟଣୀ
ଦୂରଭାଷ : ୯୯୩୮୩୪୪୧୩୮


ଯୁଧିଷ୍ଠିରଙ୍କୁ ଶ୍ରୀ କୃଷ୍ଣ ଫାଲଗୁନ ମାସ କୃଷ୍ଣ ପକ୍ଷ ଏକାଦଶୀ ସଂପର୍କରେ ଯାଇ କୁହନ୍ତି ଯେ ଏହାର ନାମ ପଙ୍କୋଦ୍ଧାର ବା ବିଜୟା ଏକାଦଶୀ। ଏହି ଏକାଦଶୀ ପାଳନ କାରଣରୁ ସବୁଥିରେ ବିଜୟ ହୁଏ ଏବଂ ଜଣେ ପଂକ ବା ଆବିଳ ଅଥବା ବିପଦରୁ ଉଦ୍ଧାର ପାଏ ବୋଲି ଏହାର ନାମ ପଙ୍କୋଦ୍ଧାର ରଖାଯାଇଛି। ଏହାର ମହାତ୍ମ୍ୟ ପଠନ ଓ ଶ୍ରବଣ ଦ୍ୱାରା ବ୍ରତୀର ମଧ୍ୟ ସମସ୍ତ ପାପ ବିନାଶ ହୁଏ। ନାରଦ ପୁଛନ୍ତେ ବ୍ରହ୍ମା ଏହି ଏକାଦଶୀ ବ୍ରତ ସଂପର୍କରେ ତାଙ୍କୁ ଏହାର ମହାତ୍ମ୍ୟ ବୁଝାଇଥିଲେ। ସେ କହିଥିଲେ କୌଣସି ଆଚରି ଥିବା ତତ୍‌କ୍ଷଣିକ ପାପ ତଥା ବିପଦ ମୁକ୍ତ ପାଇଁ ଏହି ଏକାଦଶୀ ବ୍ରତ ହିଁ ପ୍ରଯୁଜ୍ୟ।

ତ୍ରେତୟା ଯୁଗରେ ଶ୍ରୀ ରାମଚନ୍ଦ୍ର ଯେତେବେଳେ ବନବାସ କରୁଥିଲେ, ପତ୍ନୀ ସୀତାଙ୍କୁ ରାବଣ ଅପହରଣ କରି ନେଲା। ସୀତାଙ୍କ ଉଦ୍ଧାର ନିମନ୍ତେ ରାମଚନ୍ଦ୍ର ଭ୍ରାତା ଲକ୍ଷ୍ମଣ ଏବଂ କପି ବଳ ସହ ଯାତ୍ରା ଆରମ୍ଭ କରି ପ୍ରଥମେ ରାମେଶ୍ୱରଠାରେ ପହଂଚିଲେ ନିକଟରେ ଦାଲଭ୍ୟ ମୁନିଙ୍କର ଆଶ୍ରମ ଥିଲା। ଏହି ଆଶ୍ରମରେ ଥିବା ଚିରଂଜୀବି ମୁନିଙ୍କ ଦର୍ଶନ ନିମନ୍ତେ ରାମଚନ୍ଦ୍ର ସଦଳ ବଳେ ସେଠାରେ ପହଂଚିଲେ ସେ ମୁନିଙ୍କୁ ଯଥା ସମ୍ମାନ ପୂର୍ବକ ସୁମୁଦ୍ର କିପରି ପାର ହୋଇ ଲଙ୍କାକୁ ଯିବେ ଏବଂ ସୀତାଙ୍କୁ ଉଦ୍ଧାର କରିବେ ତା'ର ଉପାୟ ପଚାରିଲେ।

ମୁନି କହିଲେ: ଆସନ୍ତା କାଲି ବିଜୟା ବା ପଙ୍କୋଉଦ୍ଧାର ଏକାଦଶୀ ଅଛି। ତୁମେ ତୁମ ସେନା ସହିତ ଏହି ବ୍ରତ କର। ସମୁଦ୍ରପାରିହେବା ଏବଂ ଲଙ୍କା କୁ ଜିତିବା ଏକମାତ୍ର ହେଉଛି ଏହି ବିଜୟା ଏକାଦଶୀ ପାଳନ କରିବାର ଫଳ। ତାଙ୍କ ଉପଦେଶମତେ ତା' ପରଦିନ ରାମଚନ୍ଦ୍ର ସସୈନ୍ୟ ଏହି ବ୍ରତ ପାଳନ କଲେ ଏବଂ ଏହି ବ୍ରତର ଆରାଧ୍ୟଦେବ ରାମେଶ୍ୱର ବା ଶ୍ରୀ ନାରାୟଣଙ୍କ ପୂଜା କଲେ। ଏହି ବ୍ରତ ପ୍ରଭାବରୁ ସେ ସମୁଦ୍ର ପାରିହେଲେ; ଲଂକାକୁ ଧ୍ୱଂସ କଲେ; ରାବଣ ବଦ୍ଧକଲେ ଏବଂ ସୀତାଙ୍କୁ ଉଦ୍ଧାର କଲେ। ଏହି ବ୍ରତର ମହାତ୍ମ୍ୟ ପ୍ରଥମେ ନାରାଦ ବ୍ରହ୍ମାଙ୍କୁ ଠାରୁ ଶୁଣିଥିଲେ ଏବଂ ଏହାକୁ ନାରଦ ଯୁଧିଷ୍ଠିରଙ୍କୁ ଶୁଣାଇ ଥିଲେ। କାରଣ ଯୁଧିଷ୍ଠିର ଧର୍ମାତ୍ମା ଥିଲେ। କୌଣସି ପାପାତ୍ମା ଏ ପ୍ରକାର ଉପଦେଶକୁ ଗ୍ରହଣ କରନ୍ତି ନାହିଁ ବୋଲି ଏ ଏକାଦଶୀ ମହାତ୍ମ୍ୟ ସେମାନଙ୍କୁ ଶୁଣାଇବା ଏକ ପ୍ରକାର ବ୍ୟର୍ଥ। ତଥାପି ଶ୍ରୀ ନାରାୟଣଙ୍କର ଶରଣାଗତ ହେଲେ ପାପୀ ଏବଂ ଅପାପୀ ସମସ୍ତେ ନିର୍ବାଣ ଲଭନ୍ତି ବୋଲି, ଏ ବ୍ରତ ପାଳନାର୍ଥେ କାହାକୁ ମନା କରିହେବ ନାହିଁ।

ପୂଜା ବା ଉପାସନା ଏକ ନିଷ୍ଠା । ନିଷ୍ଠାବାନ ପୁରୁଷ ତା' ଲକ୍ଷ୍ୟସ୍ଥଳରେ ପହଂଚିବାରେ ଦୃଢ ପ୍ରତିଜ୍ଞ କାରଣରୁ ତା' ପ୍ରଚେଷ୍ଟା ଅସଫଳ ନୁହେଁ । ଏଥିପାଇଁ ଉଭୟ ଶାରୀରିକ ଏବଂ ମାନସିକ ବଳର ଆବଶ୍ୟକତା ଅଛି। କେବଳ ସାମର୍ଥ୍ୟବାନ୍ ପୁରୁଷ ତଥା ବିଜ୍ଞ ଶରୀରତତ୍ତ୍ୱବୀତ୍ ଏ ସଂପର୍କରେ ସଚେତନ ଥଆନ୍ତି। ଏମିତି ଅନେକ ସ୍ୱାସ୍ଥ୍ୟ ତଥା ଏ ଏକାଦଶୀ ପାଳନର ଯଥାର୍ଥତା ଅଛି।




## ଅଛବ ଘରର ଝିଅ ...

ବୃନ୍ଦାବନ ଦାସ

ଚଳା ଚଳା ଚହଲା ପାଣିରେ
ଦିହକୁ ଘସିମାଜି
ମୁହଁକୁ ଦେଖେ ସିନା
ବଢନ୍ତା ଜହ୍ନରେ
କେବେ ନିଜମୁହଁ
ତଉଲେଇବାର ସାହସ
କରିଛି କି ନାହିଁ
ଜୋଛନାରେ ହଜିଛି କି ହଜିନି
ସେ କହିବ ।

ଗୋଡ କାଢେ ସେ
ବିଲକୁ ବାଡିକୁ
ମାଟି କାଦୁଅରେ ଗୋଳେଇ ହୁଏ
ଅଲରା କେଶରୁ ତା'
ଝାଳ ନିଗଡେ
ପତ୍ର ମେଲାଏ ଛନଛନ ଚାରା
ହେଲେ
କେଉଁ ମଣିଷରେ ଗଣା କି' ସେ !

କେବେ ଦିଅଁ ଦରଶନରେ
ଖିଡିକି ଏପଟୁ ଥାଇ
ହାତପାତି ମାଗେ କେତେକଣ ,
ଅଜାଡେ ଲୁହଭିଜା ଦୀର୍ଘଶ୍ୱାସ ଯେ
ଠାକୁର ମଥାରୁ
ଖସିପଡେ ଫୁଲ
ଫେରେ ଆଶୀଷର
କାନିଭର୍ତ୍ତି ସନ୍ତୋଷରେ ।

ତା'ଠୁ ବେଶି କିଏ ଖୁସି ହୁଏ କି !
କେବେ କେବେ ଗାଁ ଯାତକୁ
ଗଭାରେ ଫୁଲ ଖୋସି
ଘେରାଏ ବୁଲି ଆସେ
ଅଣ୍ଟା ବଙ୍କେଇ ଅଲକ୍ଷରେ
କେତେ ଆଖିରେ ଚମକେ ବିଜୁଳି
ସିଜିଯାଏ ନାକସବୁ ସୁଗନ୍ଧ ନିଆଁରେ ।

ସେ ଭାରି ବାସେ ନା' କଣ !
ଦୁଆର ଟପିଲେ ପାଦ
ହଜାର ଆଖି
ପହଁରି ଯାଆନ୍ତି ତା'
ଓଠଠୁଁ ସୁଉଚ ଛାତି
ଭଅଁର ହେଇ
ଚୁମିଯାଆଁନ୍ତି ତା' ସାରା ଦିହ
ବାସେ ବୋଲିତ' ସେ
ଆଖିରେ ଆଖିରେ କିଏ କେତେ
ଲେଖେ ଗୀତ ।

ତା'ଠାରୁ ବେଶି କିଏ ବୁଝିଛି
ବା ଇଙ୍ଗିତକୁ !
ତା' ପାଦତଳେ ମଥା ପିଟୁଥିବା
କା' ହିଂସ୍ର କାମନାକୁ !

ସେ ଧରା ଦିଏନି କି
ଫାଶରେ ପଡେନି
ଜାଣେ , କାମନାର ନିଆଁରେ
ତାକୁ ପୋଡିବାକୁ ସକସକ
କେତେ ମନ
ଜାତି ଯିବନି ସେଥିରେ କା'ର ,
ହେଲେ ସେ ଶୋଭା ପାଇବନି କା'
ଅଳନ୍ଧୁ ଘେରା ଫୁଲଦାନିରେ
ଅଛବ ବୋଲି ।

ଏବେ ସେ ଦେଖେ
ବହୁ ପ୍ରଚାରିତ ଗୋଟେ
ନୂଆ ଦୁନିଆକୁ
ବସା ବାନ୍ଧେ ବି ସ୍ୱପ୍ନ ତା' ଆଖିରେ
କେଉଁ ରାଜପୁତ୍ରର ,
ସାହସ ବାନ୍ଧିଲାଣି ବି
ଏବେ ପଶିଯିବାକୁ ଅନାୟସରେ
କେଉଁ ଅର୍ଗଳିର ବନ୍ଦୀ
ଈଶ୍ୱର ପାଖକୁ
ଅର୍ଘ୍ୟର ଡାଲାଧରି ।

ସେ ଖୁସି ହୁଏକି ?
ତଥାପି ,ହଜାର ପରଳବନ୍ଧା
ଆଖିର ନିରବ ପ୍ରତିବାଦ ତାକୁ ଘେରେ
ନାକଟେକା ହେୟ
ତା'କୁ ଅଣନିଃଶ୍ୱାସୀ କରେ ,
ସେ ଭାଙ୍ଗିକି ଭାଙ୍ଗେନା
ସିନା କେମିତି
ସହଜ ହୋଇପାରନ୍ତା !

ସେ ଜାଣେ , ତା' ନିଟୋଳ ଦିହର
ପ୍ରତି ପାଖୁଡାର
ଉଷ୍ମ ଆବେଦନ ଉଚ୍ଚ ପାହାଚର ସେଇ
ବିକଳ ଆଖିଙ୍କ ପାଇଁ
ଖାଲି ମହମହ ନୁହେଁ
ସ୍ୱର୍ଗର ଅମୃତ
ସେତେବେଳେ ନା' ଥାଏ ଜାତି
ନା' ଥାଏ ଭୀତି ।

ତେଣୁ କାଳକାଳ
ଏତେ ବିଭେଦ ଏତେ
ପାଚେରୀକୁ ଭାଙ୍ଗିଦେବାକୁ
ତା' ନିଜ ଭିତରୁ
ଏବେ ତାକୁ କିଏ ପ୍ରତ୍ୟୟର
ଅସ୍ତ୍ର ଧରେଇଦିଏ
କେଉଁଗୁଣରେ ସେ କମ୍ କି !

ଧିକ୍କାର କରେ ତାଙ୍କୁ
ସମୟକୁ କ୍ରିଡନକ ସଜେଇଥିବା
ସେଇମାନଙ୍କୁ ଧିକ୍..ଶତ ଧିକ୍...
ସେ କାହିଁକି ହେବ
ଅଛବ ଘରର ଝିଅ !!

+ ରାଜନୀତି ବିଜ୍ଞାନ ବିଭାଗ
ଡେରାବିଶ କଲେଜ , ଡେରାବିଶ
କେନ୍ଦ୍ରାପଡା -୭୫୪୨୮୯
ମୋ-୯୭୭୭୮୪୩୦୩୧

# ଗଞ୍ଜାମ ଜିଲ୍ଲା ଶିକ୍ଷା ବିଭାଗ ଓ ସରକାର

ପଙ୍କଜ କୁମାର ପାଣିଗ୍ରାହୀ
ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ.
ଦୂରଭାଷ: ୯୪୩୭୩୭୪୯୦୭

ଗଞ୍ଜାମ ରାଜ୍ୟର ଗୋଟିଏ ବହୁ ଚର୍ଚ୍ଚିତ ପ୍ରଖ୍ୟାତ ଜିଲ୍ଲା ଭାବେ ଖୁବ୍ ପରିଚିତ । ଏହି ଜିଲ୍ଲାର ଜନସଂଖ୍ୟା, ଆୟତନ, ପ୍ରାଚୁର୍ଯ୍ୟ, ଐତିହ୍ୟ, ତଥା ଅନେକ ଉଚ୍ଚକୋଟୀର ଜ୍ଞାନୀ, ଗୁଣି ଲୋକଙ୍କ ଜନ୍ମସ୍ଥାନ ଭାବେ ରାଜ୍ୟରେ ଗୋଟିଏ ଆଖିଦୃଷ୍ଟିଆ ସ୍ଥାନ ଅଧିଗ୍ରହଣ କରିଥିବା ସମସ୍ତଙ୍କୁ ଜଣା । ଏହି ଜିଲ୍ଲାର ଅନେକ ଜ୍ଞାନୀଗୁଣୀ ଲୋକ ରାଜ୍ୟ, ଦେଶ ତଥା ବିଦେଶରେ ବିଶେଷ ସୁଖ୍ୟାତି ଅର୍ଜନ କରିଥିବାବେଳେ ରାଜ୍ୟର ଶାସନ ଭାର ତୁଲାଇବାରେ ପ୍ରାୟତଃ ଗଞ୍ଜାମର ନାମ ଶୀର୍ଷରେ । ହେଲେ ଯେଉଁ ସବୁ ପ୍ରତିଭାବାନ ମଣିଷ ଏହି ଜିଲ୍ଲାରୁ ବାହାରିଛନ୍ତି ସେମାନେ କେବଳ ନିଜସ୍ୱ ପ୍ରଚେଷ୍ଟାରୁ ହୋଇଥିବା ଖୁବ୍ ଅନୁମେୟ । କାରଣ ଏହି ଜିଲ୍ଲାର ଶିକ୍ଷା ବିଭାଗ ପ୍ରତି ଆଖିଦୃଷ୍ଟିଆ ଆଗ୍ରହ ରାଜ୍ୟ ଶିକ୍ଷା ବିଭାଗର ନଥିବା ଅନୁମାନ ନୁହେଁ ବରଂ ସତ୍ୟ ।

କିଛି ଅନୁଭୂତି, ଚର୍ଚ୍ଚା,
ଆଖିଦେଖା ସତ୍ୟତାର ପ୍ରତିବିମ୍ବ
ଗଞ୍ଜାମ ଜିଲ୍ଲା ଶିକ୍ଷା ବ୍ୟବସ୍ଥାର ଭୂତ,
ବର୍ତ୍ତମାନ, ଭବିଷ୍ୟତ !

ଗଞ୍ଜାମ ରାଜ୍ୟର ଗୋଟିଏ ବହୁ ଚର୍ଚ୍ଚିତ ପ୍ରଖ୍ୟାତ ଜିଲ୍ଲା ଭାବେ ଖୁବ୍ ପରିଚିତ । ଏହି ଜିଲ୍ଲାର ଜନସଂଖ୍ୟା, ଆୟତନ, ପ୍ରାଚୁର୍ଯ୍ୟ, ଐତିହ୍ୟ, ତଥା ଅନେକ ଉଚ୍ଚକୋଟୀର ଜ୍ଞାନୀ, ଗୁଣି ଲୋକଙ୍କ ଜନ୍ମସ୍ଥାନ ଭାବେ ରାଜ୍ୟରେ ଗୋଟିଏ ଆଖିଦୃଷ୍ଟିଆ ସ୍ଥାନ ଅଧିଗ୍ରହଣ କରିଥିବା ସମସ୍ତଙ୍କୁ ଜଣା । ଏହି ଜିଲ୍ଲାର ଅନେକ ଜ୍ଞାନୀଗୁଣୀ ଲୋକ ରାଜ୍ୟ, ଦେଶ ତଥା ବିଦେଶରେ ବିଶେଷ ସୁଖ୍ୟାତି ଅର୍ଜନ କରିଥିବାବେଳେ ରାଜ୍ୟର ଶାସନଭାର ତୁଲାଇବାରେ ପ୍ରାୟତଃ ଗଞ୍ଜାମର ନାମ ଶୀର୍ଷରେ । ହେଲେ ଯେଉଁ ସବୁ ପ୍ରତିଭାବାନ ମଣିଷ ଏହି ଜିଲ୍ଲାରୁ ବାହାରିଛନ୍ତି ସେମାନେ କେବଳ ନିଜସ୍ୱ ପ୍ରଚେଷ୍ଟାରୁ ହୋଇଥିବା ଖୁବ୍ ଅନୁମେୟ । କାରଣ ଏହି ଜିଲ୍ଲାର ଶିକ୍ଷା ବିଭାଗ ପ୍ରତି ଆଖିଦୃଷ୍ଟିଆ ଆଗ୍ରହ ରାଜ୍ୟ ଶିକ୍ଷା ବିଭାଗର ନଥିବା ଅନୁମାନ ନୁହେଁ ବରଂ ସତ୍ୟ । ଆଜିକୁ ଅନ୍ୟୁନ ୩୦ ବର୍ଷ ପୂର୍ବରୁ ଅଦ୍ୟାବଧି ଏହି ଜିଲ୍ଲାର ଶିକ୍ଷକ ସମାଜ ଏବଂ ଜିଲ୍ଲା ଶିକ୍ଷା ବିଭାଗକୁ ତର୍ଜମା କଲେ ଜାଣିହେବ ଯେ......

କୌଣସି ବିଭାଗର ମୁଖ୍ୟଙ୍କ କାର୍ଯ୍ୟକଳାପର ନିର୍ମଳ ପ୍ରତିବିମ୍ବରେ ହିଁ ସମ୍ପୃକ୍ତ ବିଭାଗୀୟ ଉନ୍ନତି ହେବା ନିର୍ଭର କରେ, କେହି ଅସ୍ୱୀକାର କରିପାରିବେ ନାହିଁ । ତେଣୁ ଯେକୌଣସି ସଂସ୍ଥାନ ହେଉକି ସରକାରୀ କଳର ଉତ୍ତରୋତ୍ତର ଉନ୍ନତି କେବଳ ସମ୍ପୃକ୍ତ ମୁଖିଆ, ବିଭାଗୀୟ ମୁଖ୍ୟଙ୍କ କାର୍ଯ୍ୟକଳାପ ଜନିତ ହେଉଥିବା ସର୍ବାଦୌ ଗ୍ରହଣୀୟ । ସମ୍ପୃକ୍ତ ମୁଖ୍ୟ ଅଧିକାରୀଙ୍କ ବ୍ୟକ୍ତିଗତ ଚରିତ୍ର, ଭାବଧାରା ତଥା କାର୍ଯ୍ୟଶୈଳୀ ଉପରେ ନିର୍ଭର କରିଥାଏ ବିଭାଗୀୟ ଭଲ, ମନ୍ଦର ସମସ୍ତ ହିସାବ । ଚରିତ୍ରବାନ ମଣିଷଟିଏ କୌଣସି ବିଭାଗୀୟ ଅଧିକାରୀ ଭାବେ ନିୟୋଜିତ ହେଲେ ସମାଜର ମଙ୍ଗଳ ହୋଇଥାଏ ତଥା ପାରିପାର୍ଶ୍ୱିକ ପରିବେଶ ଉଲ୍ଲସିତ ହେବା ଅତ୍ୟନ୍ତ ସତ୍ୟ । କିନ୍ତୁ ଅମାନବୀୟ ଚରିତ୍ର, ଚେହେରାଟିଏ କୌଣସି ବିଭାଗର ମୁଖ୍ୟ ଭାବେ ନିୟୋଜିତ ଥାଇ ସମ୍ପୃକ୍ତ ବିଭାଗ ତଥା ସାଧାରଣ ମଣିଷ ସମାଜକୁ ନିମ୍ନଗାମୀ କରୁଥିବା ସମସ୍ତଙ୍କ ଦ୍ୱାରା ସ୍ୱୀକାର୍ଯ୍ୟ । ଅନୁରୂପ ଗଞ୍ଜାମ ଜିଲ୍ଲାର ଶିକ୍ଷା ବିଭାଗ ଉପରେ ଗୋଟିଏ ନଜର ପକାଇ ସମ୍ପୃକ୍ତ ଜିଲ୍ଲା ଶିକ୍ଷାଧିକାରୀ ମାନଙ୍କ କାର୍ଯ୍ୟକଳାପ ଗୁଡିକୁ ତର୍ଜମା କରାଯାଇ ଉପସ୍ଥାପିତ ଆଲେଖଟି ସର୍ବସାଧାରଣଙ୍କ ଗୋଚରାର୍ଥେ ଉପସ୍ଥାପନ କରାଗଲା ।

ପୂର୍ବରୁ ଅନେକ ଜିଲ୍ଲା ଶିକ୍ଷାଧିକାରୀ ଏହି ଜିଲ୍ଲାରେ ଅବସ୍ଥାପିତ ହୋଇ କାର୍ଯ୍ୟ ନିର୍ବାହ କରିଛନ୍ତି ଯେଉଁମାନଙ୍କ ମଧ୍ୟରୁ କେତେକଙ୍କ ସମୟରେ ଶିକ୍ଷକ ମାନଙ୍କ ଦ୍ୱାରା ସେମାନଙ୍କ ପ୍ରତି ଏତେ ବୈମାତୃକ ଭାବ ପ୍ରଦର୍ଶନ କରାଯାଇଥିଲା ଯେ ସ୍ଥଳ ବିଶେଷରେ ସେମାନଙ୍କ କୁଶପୁତ୍ତଳିକା ଦାହ କରାଯିବା ସହିତ ସେମାନଙ୍କୁ ତୁରନ୍ତ ବଦଳୀ କରାଯିବା ପାଇଁ ସରକାରଙ୍କ ପାଖରେ ଦୃଢ଼ ଦାବୀ ଉପସ୍ଥାପନ କରାଯାଇଥିଲା ! ତଥାପି ସରକାରୀ ଶାସନ କଳର କୌଣସି କ୍ଷିପ୍ର ପ୍ରତିକ୍ରୀୟା ଦେଖାନଯିବା ହେତୁ ବିଭିନ୍ନ ସମୟରେ ଅନଶନ, ପ୍ରତିବାଦ ଆଦି କରାଯାଉଥିଲା । କେତେକ କେଳେଙ୍କାରୀ ଶିକ୍ଷାଧିକାରୀ ସେମାନଙ୍କ ନିଜସ୍ୱ ସ୍ୱାର୍ଥ ପାଇଁ ସମଗ୍ର ଶିକ୍ଷକ ସମାଜକୁ ତଳିତଳାନ୍ତ କରିଥିବା ଏବଂ ଶିକ୍ଷକ ମାନଙ୍କ ସାମାଜିକ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିଥିବା ମଧ୍ୟ ଖୁବ ଚର୍ଚ୍ଚା ହୁଏ ଶିକ୍ଷକ ସମାଜରେ ! ଏମିତି ମଧ୍ୟ ଦେଖିବାକୁ ମିଳୁଥିଲା ଯେ କେତେକ ଶିକ୍ଷାଧିକାରୀ ନିଜସ୍ୱ ସ୍ୱାର୍ଥ ତଥା ଦକ୍ଷତା ପ୍ରତିପାଦନ କରିବାକୁ ଚେଷ୍ଟାକରି ସମଗ୍ର ଶିକ୍ଷକ ସମାଜ ତଥା କର୍ମଚାରୀଙ୍କ ଦ୍ୱାରା ଦୃଢ଼ ପ୍ରତିବାଦର ସମ୍ମୁଖୀନ ହୋଇଥିବା ବେଳେ ସେମାନଙ୍କ ଆନ୍ତରିକ ଘୃଣାର ପାତ୍ର ହୋଇଥିଲେ ମଧ୍ୟ ଆର୍ଥିକ ଏବଂ ରାଜନୈତିକ ପ ପ୍ରୟୋଗ କରି ଅନେକ ଦିନ ଧରି ନିଜର କୁଶାସନ ଚଳାଇ ଆସୁଥିଲେ ! ସେଥିରେ ଶିକ୍ଷକ ସମାଜ କ୍ଷୁବ୍ଧ ତଥା ପ୍ରତାରିତ ହୋଇ ସେମାନଙ୍କ ମାନସିକ ସନ୍ତୁଳନ ହରାଉଥିବା ବେଳେ ଶିକ୍ଷାଦାନ ପ୍ରଣାଳୀରେ ବ୍ୟାପକ ବାଧା ସୃଷ୍ଟି ହେଉଥିବା ପ୍ରକାଶ କରନ୍ତି ଅନେକ ଶିକ୍ଷକ । ଏମିତିକି ବିଭିନ୍ନ ସମୟରେ ରାଜ୍ୟ ଉଚ୍ଚାଧିକାରୀଙ୍କ ପାଖରେ ସେମାନଙ୍କ କୁକର୍ମ ଜନିତ ଅଭିଯୋଗ ସାଙ୍ଗକୁ ରାସ୍ତାରେ ଶୋଭାଯାତ୍ରା କରାଯାଇ ଅଭିଯୋଗ ପତ୍ର ଦାଖଲ କରାଯାଇଥିବା ବିଷୟ ମଧ୍ୟ ଅନେକ ଖବର କାଗଜରେ ଦେଖିବାକୁ ମିଳୁଥିଲା । କିନ୍ତୁ ସମ୍ପୃକ୍ତ ଅଧିକାରୀ ସେଇଥିରେ ଲଜ୍ଜା ଅନୁଭବ କରି ନିଜକୁ ସୁଧାରିବା ବିପରୀତେ ନିରୀହ ଶିକ୍ଷକ ମାନଙ୍କୁ ବ୍ୟାପକ ଅମାନୁଷିକ ବ୍ୟବହାର, ତଥା ଅଯୌକ୍ତିକ ବିର କରି ଦଣ୍ଡିତ କରିଥିବା ପ୍ରକାଶ କରନ୍ତି ଅନେକ ଶିକ୍ଷକ । ପ୍ରକାଶ ଥାଉକି ଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକ, କର୍ମଚାରୀ ତଥା ସର୍ବାଦୌ ଶିକ୍ଷାଧିକାରୀ ଯଦି ମାନବିକ ଚରିତ୍ର ପ୍ରବାହ କରିବା ବିପରୀତେ ହିଟଲର ଭଳି ମନମୁଖୀ କାର୍ଯ୍ୟ କରିବେ ତାହେଲେ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେବା ନିଶ୍ଚିତ, ଯାହା ଘଟିଥିବା ମଧ୍ୟ ଅନେକ ପ୍ରାଂଜ୍ୱଳ ଉଦାହରଣ ଦେଖିବାକୁ ମିଳୁଥିଲା । କେତେକ କ୍ଷୀଣ ମାନସିକତା ପ୍ରବଣ ଶିକ୍ଷାଧିକାରୀଙ୍କ କ୍ଷେତ୍ରରେ ଏହିଭଳି ଘଟଣା ଘଟୁଥିବା ବେଳେ ଅନେକ ଉତ୍ତମ ଚରିତ୍ରବାନ ଶିକ୍ଷାଧିକାରୀ ମଧ୍ୟ ଏହି ଜିଲ୍ଲାରେ ନିୟୋଜିତ ହୋଇ କାର୍ଯ୍ୟ କରିଯାଇଛନ୍ତି ଯେଉଁମାନଙ୍କୁ ଆଜିପର୍ଯ୍ୟନ୍ତ ଶିକ୍ଷକ ସମାଜ ଭୁଲିପାରୁନାହାନ୍ତି । ସେମାନଙ୍କ ମାନବୀୟ ଭାବଧାରା ସମଗ୍ର ଶିକ୍ଷକ ସମାଜ ତଥା କର୍ମଚାରୀଙ୍କ ହୃଦୟରେ ଲିପିବଦ୍ଧ ହୋଇ ରହିଛି ଯାହା ସମୟ ସମୟରେ ଆଲୋଚନାରେ ପ୍ରସ୍ଫୁଟିତ ହୁଏ ସେମାନଙ୍କ ଚରିତ୍ର । ସେଥିମଧ୍ୟରୁ ପୂର୍ବତନ ଶିକ୍ଷାଧିକାରୀ ଶ୍ରୀ ତ୍ରିନାଥ ଚୌଧୁରୀ, ଶ୍ରୀ ଶିବରାମ ରଥଙ୍କ ଭଳି ଅତିଉତ୍ତମ ଚରିତ୍ରର ଚେହେରା ପଦାକୁ ଆସୁଥିବା ବେଳେ ଶ୍ରୀ ନିମାଇଁ ଚରଣ ସ୍ୱାଇଁଙ୍କ ଭଳି ଶାନ୍ତ ଶୀତଳ ଚେହେରା ଅନ୍ୟତମ । ଏମିତି ମଧ୍ୟ ଶ୍ରୀ ସଂଜୀବ କୁମାର ସିଂ, ଶ୍ରୀ ସୁଧାନନ୍ଦ ପରିଡା ଇତ୍ୟାଦି କେତେକଙ୍କ ନାମ ନିରପେକ୍ଷ ଭାବେ ଶିକ୍ଷକ ମହଲରେ ଖୁବ ଚର୍ଚ୍ଚିତ । ହାତଗଣତି କେତେକ କେଳେଙ୍କାରୀ ଶିକ୍ଷାଧିକାରୀଙ୍କ ସମୟରେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ତଥା ଶିକ୍ଷକ, କର୍ମଚାରୀଙ୍କ ଅସନ୍ତୋଷ ଦେଖିବାକୁ ମିଳୁଥିଲା ଯାହା ଅବର୍ଣ୍ଣନୀୟ ! ସେମାନଙ୍କ ସମୟରେ ବିଭାଗୀୟ ଅନିୟମିତତା ସାଙ୍ଗକୁ ବିଭାଗୀୟ କର୍ମଚାରୀଙ୍କୁ ପ୍ରତାରିତ କରାଯିବା, ବ୍ୟାପକ ଲାଞ୍ଚ କାରବାର, ସରକାରୀ ଅର୍ଥ, କାର୍ଯ୍ୟରେ ଅନିୟମିତତା ହେବା ତଥା ଶିକ୍ଷକ ମାନଙ୍କୁ ଅମାନୁଷିକ ବ୍ୟବହାର ପ୍ରଦର୍ଶନ କରାଯାଉଥିବା ଅଭିଯୋଗ ଅତ୍ୟନ୍ତ ମର୍ମସ୍ପର୍ଶୀ ! ତଥାପି ବର୍ଷ ବର୍ଷ ଧରି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆନଯାଇ ସେମାନଙ୍କୁ ଘଣ୍ଟ ଘୋଡାଇ ରଖାଯାଇଥିବା ହେତୁ ଜିଲ୍ଲା ଶିକ୍ଷା ବିଭାଗ ତଥା ଶିକ୍ଷାଦାନ ପ୍ରକ୍ରିୟା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ଅଭିଯୋଗ କରନ୍ତି ଶିକ୍ଷକ ସମାଜ । ଏମିତିକି କେତେକଙ୍କ ଚେହେରା କେବଳ ଜିଲ୍ଲାର ଶିକ୍ଷକ ସମାଜ କାହିଁକି ବରଂ ସମଗ୍ର ଜନସାଧାରଣଙ୍କ ମନ ମାନସରେ ଘୃଣାଭାବ ସୃଷ୍ଟି କରିଥିଲା ଯାହାଙ୍କ ନାମ ପଡିଲେ ସାଧାରଣ ଲୋକେ ମଧ୍ୟ ଅନେକ ଧିକ୍କାର କରୁଥିବା ଦେଖିବାକୁ ମିଳିବ ଅନୁସନ୍ଧାନ କଲେ । ସରକାର ଠିକଣା ସମୟରେ ସେଥିପ୍ରତି ଉପଯୁକ୍ତ ଦୃଷ୍ଟି ନିକ୍ଷେପ କରୁନଥିବା ହେତୁ ସେହିଭଳି ହୋଇ ଆସୁଥିବା ମତବ୍ୟକ୍ତ କରନ୍ତି ଶିକ୍ଷକ, ବିଭାଗୀୟ କର୍ମଚାରୀ । କିନ୍ତୁ ବର୍ତ୍ତମାନ ଓଡିଶା ସରକାରଙ୍କ ୫ଟି ବିଭାଗ ପୂର୍ବତନ ଶିକ୍ଷାଧିକାରୀ ମାନଙ୍କ କାର୍ଯ୍ୟ ପ୍ରଣାଳୀ ଗୁଡିକୁ ସମୀକ୍ଷା କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ ପୂର୍ବକ ଜଣେ ଉତ୍ତମ ଚରିତ୍ର ବିଶିଷ୍ଟ ଶିକ୍ଷାଧିକାରୀ ନିୟୋଜିତ କରିଥିବା ହେତୁ ଜିଲ୍ଲା ଶିକ୍ଷା

ବିଭାଗ ଗୋଟିଏ ପ୍ରକାର ଶାନ୍ତ, ସରଳ ପରିବେଶ ମଧ୍ୟରେ ଗତି କରୁଥିବା ଦେଖିବାକୁ ମିଳୁଛି ।

ଯାହାହେଉ ଆରମ୍ଭରୁ ଅଦ୍ୟାବଧି ନିୟୋଜିତ ଅନେକ ଶିକ୍ଷାଧିକାରୀଙ୍କ ଭଲ ମନ୍ଦର ବହୁଚର୍ଚ୍ଚିତ କେତେକ ଚେହରା ମଧ୍ୟରୁ ଉତ୍ତମ ରିତ୍ରିକ କେତେକଙ୍କ ହେତୁ ଜିଲ୍ଲା ଶିକ୍ଷା ବ୍ୟବସ୍ଥା କିଛି ମାତ୍ରାରେ ତାହାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିପାରିଥିଲା । କେବଳ ହାତଗଣତି କେତେକ ଦୁଃସରିତ୍ରିକ, ଅମାନବୀୟ ଚିନ୍ତାଧାରା ପ୍ରବାହ କରିଥିବା ରାକ୍ଷସ ଚେହେରା କେତେକାଂଶରେ ବିଭାଗୀୟ ମର୍ଯ୍ୟାଦା କ୍ଷୁର୍ଣ୍ଣ କରିବାରେ ସକ୍ଷମ ହୋଇଥିଲେ ମଧ୍ୟ ଅନ୍ତତଃ ରସାତଳଗାମୀ ହୋଇନାହିଁ ଶିକ୍ଷା ବ୍ୟବସ୍ଥା କେବଳ ଜିଲ୍ଲାର ଶିକ୍ଷକ ସମାଜ, ସାଧାରଣ ଲୋକଙ୍କ ଦୃଢ଼ତା ହେତୁ । ଅନେକ ବର୍ଷର ଅପେକ୍ଷା ପରବର୍ତ୍ତୀ ବର୍ତ୍ତମାନର ନିୟୋଜିତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଅମୁଲ୍ୟ କୁମାର ପଧାନଙ୍କ ସୁନ୍ଦର, ସାବଲୀଳ ରିତ୍ରିକ ଚେହେରା ସାଙ୍ଗକୁ ମର୍ଯ୍ୟାଦାପୂର୍ଣ୍ଣ ବ୍ୟବହାର ତଥା ଶିକ୍ଷକଙ୍କ ପ୍ରତି ସଦ୍‌ଭାବନା ଖୁବ୍ ଚର୍ଚ୍ଚାରେ ! ସମ୍ପୃକ୍ତ ମହାଶୟ କିଛି ମାସ ହେବ ଗଞ୍ଜାମରେ ନିୟୋଜିତ ହୋଇଥିବାବେଳେ ତାଙ୍କର କୌଣସି ସମୟୋଚିତ୍ତ ଆଖିଦୃଷ୍ଟିଆ ପଦକ୍ଷେପ ଲୋକ ଲୋଚନକୁ ଆସିନଥିଲେ ମଧ୍ୟ ଶିକ୍ଷକ, କର୍ମଚାରୀଙ୍କ ଆନ୍ତରିକ ଘୃଣା କିମ୍ୱା ଅଭିଯୋଗ ଶୁଣିବାକୁ ମିଳୁନାହିଁ ତାଙ୍କ ବିରୁଦ୍ଧରେ ! ଅନ୍ତତଃ ପକ୍ଷେ ଯେକୌଣସି ଲୋକଙ୍କ ସହିତ ଏତେ ମାନବୀୟ ଢଙ୍ଗରେ କଥାବାର୍ତ୍ତା କରନ୍ତି ସେ ଯେ, କହିବାକୁ ଗଲେ ପ୍ରାୟତଃ ଜିଲ୍ଲାର ସମସ୍ତ ବିଭାଗୀୟ କର୍ମଚାରୀ, ଶିକ୍ଷକଙ୍କ ସମେତ ଅଭିଭାବକ ହୁଅନ୍ତୁକି ସାଧାରଣ ଜନତା ସମସ୍ତେ ତାଙ୍କ ବ୍ୟବହାରରେ ଅତ୍ୟନ୍ତ ସନ୍ତୁଷ୍ଟ ଥିବା ଶୁଣିବାକୁ, ଦେଖିବାକୁ ମିଳୁଛି ! ଅନ୍ତତଃ ପକ୍ଷେ ସେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ତଥା ଶିକ୍ଷା ବିଭାଗକୁ କିଛି ଅଭିନବ ରୂପରେ ସୁଗଠିତ କରିବେ ବୋଲି ସମସ୍ତେ ଆଶା ଓ ମତ ବ୍ୟକ୍ତ କରୁଥିବା ବେଳେ କିଛି ନକଲେ ମଧ୍ୟ ବିଭାଗୀୟ କର୍ମଚାରୀଙ୍କ ପ୍ରତି ଆନ୍ତରିକ ଭାବ ପୋଷଣ କଲେ ଶିକ୍ଷାଦାନ ତଥା ବିଭାଗୀୟ ଉତ୍ତରୋତ୍ତର ଉନ୍ନତି ସମ୍ଭବ ହୋଇପାରିବ ବୋଲି ମତ ବ୍ୟକ୍ତ କରନ୍ତି ସାମାଜିକ କର୍ମୀ, ବୁଦ୍ଧିଜୀବୀ ତଥା ଜିଲ୍ଲା ଶିକ୍ଷକ ସମାଜ । ପ୍ରକାଶ ଥାଉକି ସମ୍ପୃକ୍ତ ଉପସ୍ଥିତ ଶିକ୍ଷାଧିକାରୀ ପୂର୍ବରୁ ନିୟୋଜିତ ଥିବା କେତେକ କେଳେଙ୍କାରୀ ଶିକ୍ଷାଧିକାରୀମାନଙ୍କ ଦ୍ୱାରା ପ୍ରେରିତ କେତେକ କର୍ମଚାରୀଙ୍କ ଠାରୁ ନିଜକୁ ଦୁରେଇ ରଖି ଉତ୍ତମ ରିତ୍ରିକ କର୍ମଚାରୀଙ୍କ ଦ୍ୱାରା ବିଭାଗୀୟ କାର୍ଯ୍ୟ ପରିଳନା କରିବା ଲକ୍ଷ ରଖିଲେ ନିଶ୍ଚିତଯେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ତଥା ବିଭାଗୀୟ ଉନ୍ନତ୍ତି ହେବା ସଂଗେ ସଂଗେ ନିଜର ସୁପ୍ରତିଭା ବିକଶିତ କରିବାରେ ସିଦ୍ଧହସ୍ତ ହୋଇପାରିବେ ସେଇଥିରେ ତିଳେହେଲେ ଦ୍ୱିମତ ନାହିଁ । କିନ୍ତୁ ନିର୍ଭର କରୁଛି ତାଙ୍କ ନିଜସ୍ୱ ବିରଧାରା ଉପରେ ।

ଇତି ମଧ୍ୟରେ ଉପସ୍ଥିତ ଜିଲ୍ଲାପାଳ ଶ୍ରୀ ବିଜୟ ଅମୃତ କୁଲାଙ୍ଗେ ମହୋଦୟ ଜଣେ ଶିକ୍ଷାପ୍ରେମୀ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାର ତଥା ବିଭାଗୀୟ ରାଜ୍ୟସ୍ତରୀୟ ଉଚ୍ଚାଧିକାରୀଗଣ ଉପସ୍ଥିତ ଶିକ୍ଷାଧିକାରୀଙ୍କୁ ଯଥେଷ୍ଟ ସୁବିଧା, ସୁଯୋଗ ଦେଇ ବିଭାଗୀୟ କାର୍ଯ୍ୟ କ୍ଷେତ୍ରରେ ସହଯୋଗ କଲେ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାଯେ ଅଗ୍ରଗାମୀ ହୋଇପାରିବ ସେଇଥିରେ କୌଣସି ସନ୍ଦେହ ନାହିଁ ବୋଲି ଆମ ବିଚାରରେ ଆପଣଙ୍କ ମତବ୍ୟକ୍ତ କରିବେ ବୋଲି ଆଶା....................!!

॥ ଧନ୍ୟବାଦ ॥

# କେଶକୁ ଘନ ଏବଂ ମଜବୁତ୍ କରେ ନିମ୍ବ

ନିମ୍ବରେ ଅନେକ ଔଷଧିୟ ଗୁଣ ରହିଥାଏ । ଏହା ସ୍ୱାସ୍ଥ୍ୟ ପାଇଁ ଯେତିକି ଉପକାରୀ ଚର୍ମ ପାଇଁ ମଧ୍ୟ ବରଦାନ ସଦୃଶ । ଏହାକୁ ଆମ ତ୍ୱଚାରେ ଅନେକ ଉପାୟରେ ବ୍ୟବହାର କରାଯାଏ । କ'ଣ ଆପଣ ଜାଣିଛନ୍ତି କି, ନିମ୍ବ ଆମ କେଶ ପାଇଁ ବହୁତ ଫାଇଦା ଦେଇଥାଏ । ଯଦି ଆପଣ କେଶକୁ ସୁନ୍ଦର ଏବଂ ଘନ କରିବାକୁ ଚାହୁଁଛନ୍ତି, ତାହାଲେ ବାହାରେ ମିଳୁଥିବା ବିଭିନ୍ନ ପ୍ରକାର ତେଲ ଏବଂ ସାମ୍ପୁ ବ୍ୟବହାର ନ କରି ଘରୋଇ ଉପାୟରେ ଏହି ପ୍ରାକୃତିକ ଜିନିଷ ବ୍ୟବହାର କରନ୍ତୁ ।



- ନିମ୍ବ କେଶକୁ ଝଡ଼ିବାକୁ ଦିଏ ନାହିଁ । ଘନ କରିଥାଏ । କେବଳ ଏତିକି ନୁହେଁ ଏହା କେଶରେ ରୂପି ସମସ୍ୟା ମଧ୍ୟ ଦୂର କରିଥାଏ ।
- ତାହାଲେ ଆସନ୍ତୁ ଜାଣିବା ଏହାକୁ ଆପଣ କିପରି ବ୍ୟବହାର କରି ସୁଫଳ ପାଇ ପାରିବେ ।
- ଆପଣ କିଛି ତାଜା ନିମ୍ବ ପତ୍ର ଆଣି ଭଲରେ ଧୋଇ ଦିଅନ୍ତୁ । ଏହା ପରେ ଏହି ପତ୍ରକୁ ଭଲରେ ଗ୍ରାଇଣ୍ଡ କରି ଦିଅନ୍ତୁ । ଏହାକୁ ଏବେ କେଶରେ ଲଗାଇ ୧୦ରୁ ୧୫ ମିନିଟ୍ ? ପର୍ଯ୍ୟନ୍ତ ରଖନ୍ତୁ । ଆଉ ପରେ ପାଣିରେ ଧୋଇ ଦିଅନ୍ତୁ । ଏହା କେଶକୁ ମଜବୁତ୍ କରିବା ସହ ପ୍ରାକୃତିକ କଣ୍ଡିସନର ଭଳି କାମ ଦେବ ।
- ଯଦି କେଶ ଶୁଷ୍କ ହୋଇଯାଇଛି ତାହାଲେ ତାଜା ନିମ୍ବ ପତ୍ର ଆଣି ଖରାରେ ଶୁଖାଇ ଦିଅନ୍ତୁ । ପତ୍ର ଶୁଖିଗଲା ପରେ ଗ୍ରାଇଣ୍ଡ କରି ଦିଅନ୍ତୁ । ଏହା ପରେ ଆପଣ ନିମ୍ବ ପତ୍ର ଗୁଣ୍ଡକୁ ମହୁରେ ମିଶାଇ କେଶରେ ଲଗାନ୍ତୁ । ଏବଂ କିଛି ସମୟ ପରେ କେଶ ଧୋଇ ଦିଅନ୍ତୁ । ତେଲରେ ମିଶାଇ ମଧ୍ୟ ଆପଣ ଏହାକୁ ଲଗାଇ ପାରିବେ ।
- ଏହା କଲେ କେଶ ମଜବୁତ୍ ହେବ । ଏହା କେଶକୁ ସୁନ୍ଦର ଏବଂ ଘନ ମଧ୍ୟ କରିଥାଏ । ଏହା ସହ ଆପଣଙ୍କ କେଶରେ କୌଣସି ସମସ୍ୟା ହେବାକୁ ଦେବ ନାହିଁ ।

# ପନୀର୍ ପତ୍ରପୋଡ଼ା

**ଆବଶ୍ୟକ ସାମଗ୍ରୀ:** ପନିର, ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ, ଅଦାରସୁଣ ପେଷ୍ଟ, ଟମାଟୋ ପେଷ୍ଟ, ସୋରିଷ ବଟା, କଞ୍ଚା ଲଙ୍କା ଓ ରିଫାଇନ ତେଲ, ଶାଳ ପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପନିରକୁ ଛୋଟ ଛୋଟ କାଟି ରଖନ୍ତୁ । କଟା ପନିରରେ ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ, ଅଦାରସୁଣ ପେଷ୍ଟ, ଟମାଟୋ ପେଷ୍ଟ, ସୋରିଷ ବଟା, କଞ୍ଚା ଲଙ୍କା ଓ ରିଫାଇନ ତେଲ, ଲୁଣ ପକାଇ ଗୋଳାଇ ଦିଅନ୍ତୁ । ଶାଳପତ୍ରରେ ସୋରିଷ ମସଲା ଗୋଳା ପନିର ରଖି



ଗୁଡ଼ାଇ ବାନ୍ଧି ଦିଅନ୍ତୁ । ଏହାପରେ ନିଆଁ ଅଙ୍ଗାରରେ ପନିର ମସଲା ଗୁଡ଼ା ପତ୍ରକୁ ରଖି ତା' ଉପରେ ଆଉ କିଛି ନିଆଁ ଅଙ୍ଗାର ରଖନ୍ତୁ । ୧୫ରୁ ୨୦ ମିନିଟ୍ ପରେ ପ୍ରସ୍ତୁତ ହୋଇଯିବ ପନିର ପତ୍ରପୋଡ଼ା ।

# ସକାଳ ଜଳଖିଆରେ ଖାଆନ୍ତୁ ଦହି ଓ ଚିନି

ଭଲ କାମରେ ବାହାରକୁ ଗଲେ ଦହି ଓ ଚିନି ଖାଇବା ଶୁଭ ବୋଲି କୁହାଯାଏ । ସେହିପରି ଦହିରେ ଚିନି ମିଶାଇ ଉଭୟ ଶାରୀରିକ ଓ ମାନସିକ ସ୍ତରରେ ଫାଇଦା ମିଳେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହନ୍ତି । ଦହିକୁ ସୁପରଫୁଡ୍ ବୋଲି ମଧ୍ୟ କୁହାଯାଇଥାଏ । ଏଥିରେ କ୍ୟାଲସିୟମ୍, ଭିଟାମିନ୍ ବି୨, ଭିଟାମିନ୍ ବି ୧୨, ମ୍ୟାଗ୍ନେସିୟମ୍ ଓ ପୋଟାସିୟମ୍ ଭଳି ଭିଟାମିନ୍ ରହିଛି । ଗରମ ଦିନରେ ଦହିରେ ଚିନି ମିଶାଇ ଖାଇ ବାହାରକୁ ବାହାରିଲେ ଶରୀରକୁ ଆବଶ୍ୟକ ମାତ୍ରାର ଗ୍ଲୁକୋଜ ମିଳିଥାଏ ଓ ଏନର୍ଜି ଉତ୍ପନ୍ନ ହୋଇଥାଏ । ତା'ହେଲେ ଆସନ୍ତୁ ଜାଣିବା ସକାଳ ଜଳଖିଆରେ ଦହି ଓ ଚିନି ଖାଇଲେ କ'ଣ ସବୁ ଫାଇଦା ମିଳିଥାଏ ।



- ଦହି ପାଚନ କ୍ରିୟାକୁ ମଜବୁତ୍ କରିଥାଏ । ତେଣୁ ଏହାକୁ ଖାଇଲେ ଶରୀରରେ ଭଲ ବ୍ୟାକ୍ଟେରିଆ ସୃଷ୍ଟି ହେବା ସହ ଇମ୍ୟୁନିଟି ପାୱାର ବଢ଼ିଥାଏ ।
- ସକାଳ ଜଳଖିଆରେ ଦହି, ଚିନି ଖାଇଲେ ପେଟ ଥଣ୍ଡା ରହିଥାଏ । ଆୟୁର୍ବେଦ ଅନୁସାରେ ସକାଳେ ଦହି, ଚିନି ଖାଇଲେ ପିତ୍ତ ଦୋଷ କମ୍ ହୋଇଥାଏ ।
- ଦହି, ଚିନି ଖାଇଲେ ସାଇଷ୍ଟିସିସ୍ ଓ ୟୁଟିଆଇ ପରି ଶାରୀରିକ ସମସ୍ୟା ଦୂର ହୋଇଥାଏ । ଦହି ମୂତ୍ରାଶୟକୁ ଥଣ୍ଡା ରଖିଥାଏ । ଯେଉଁମାନେ କମ୍ ପାଣି ପିଉଛନ୍ତି, ସେମାନେ ଦହି ନିଶ୍ଚିନ୍ତ ଖାଆନ୍ତୁ । ଏଥିରେ ଥିବା ଭିଟାମିନ୍ ସି, ଫୋଲେଟ୍, ଭିଟାମିନ୍ ବି, ଭିଟାମିନ୍ ଏ, ଭିଟାମିନ୍ ଇ, ଭିଟାମିନ୍ ବି ୧୨, କୋରେଟିନାଇଡ୍ ଓ ପାଇରିଡୋକ୍ସିନ୍ ଭିଟାମିନ୍ ଆପଣଙ୍କୁ ଫିଟ୍ ରଖିଥାଏ ।
- ଦହି ଓ ଚିନିରୁ ମିଳୁଥିବା ଗ୍ଲୁକୋଜ୍ ଆପଣଙ୍କ ଶରୀର ଓ ମସ୍ତିଷ୍କକୁ ଖୁବ୍‌ଶୀଘ୍ର ଶକ୍ତି ପ୍ରଦାନ କରିଥାଏ । ତେଣୁ ଦହି ଓ ଚିନି ଖାଇ ଘରୁ ବାହାରିଲେ ଆପଣ ଦିନସାରା ସୁସ୍ଥ ଅନୁଭବ କରିବେ ।

# ଅଧିକ ଚିନି ବଢ଼ାଏ କର୍କଟ ଆଶଙ୍କା !

ଖାଦ୍ୟରେ ଅଧିକ ଚିନି ଖାଇବା ଦ୍ୱାରା କେବଳ ମଧୁମେହ କିମ୍ବା ମେଦ ବହୁଳତାର ଶିକାର ହେବାକୁ ପଡ଼େ ନାହିଁ, ବରଂ ସ୍ତନ ଓ ଫୁସଫୁସ୍ କର୍କଟ ଆଶଙ୍କା ବଢ଼ିବା ଏକ ନୂତନ ଅଧ୍ୟୟନରୁ ପ୍ରକାଶ । ଟେକ୍ସାସ ବି଼ବବିଦ୍ୟାଳୟର ଏମଡି ଅଣ୍ଡରସନ କ୍ୟାନସର ରିସର୍ଚ୍ଚ ସେଣ୍ଟର ଗବେଷକମାନେ ମୂଷାମାନଙ୍କ ଶରୀରରେ ପରୀକ୍ଷା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଚାରିଟି ବର୍ଗରେ ବିଭାଜିତ କିଛି ମାଇ ମୂଷାଙ୍କୁ ଚିନି ଏବଂ ଚିନି ମିଶ୍ରିତ ଖାଦ୍ୟ ଖାଇବାକୁ ଦିଆଯାଇଥିଲା । ତିରିଶ ପ୍ରତିଶତ ମୂଷାଙ୍କର କ୍ଷିର ଉତ୍ପନ୍ନକାରୀ ଗ୍ରନ୍ଥିରେ କର୍କଟାକ୍ରାନ୍ତ ଛୋଟ ଆବଚୁ ସୃଷ୍ଟି ହୋଇଥିବା ପରୀକ୍ଷାରୁ ଜଣାପଡ଼ିଥିଲା । ମିଠାଜାତୀୟ ପାନୀୟ ମଧ୍ୟ କ୍ଷତିକାରକ । ଏହା ହୃଦରୋଗ, ପୃଥୁଳତା ଏବଂ କର୍କଟ ସୃଷ୍ଟିର କାରଣ ବୋଲି ପୂର୍ବରୁ ପରୀକ୍ଷିତ ।

# ପ୍ରତିଦିନ ଖାଆନ୍ତୁ ପୋଇ

ପୋଇ ଖାଇବା ଶରୀର ପାଇଁ ଲାଭଦାୟକ ହୋଇଥାଏ । ଏହାକୁ ଲୋକମାନେ ସାଲାଡ୍, ତରକାରୀ ବା ସୁପ୍ କରି ପିଇବାକୁ ପସନ୍ଦ କରିଥାନ୍ତି । ଭିଟାମିନ୍, କ୍ୟାଲୋରୀ, ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଫ୍ୟାଟ୍, ଫାଇବର ଏବଂ ଆଇରନରେ ଭରପୂର ଥିବା ପୋଇ ଶରୀରର ଅନେକ ସମସ୍ୟାକୁ ଦୂର କରିଥାଏ । ପ୍ରତିଦିନ ଏହାକୁ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୋଇଥାଏ । ଏବେ ଆସନ୍ତୁ ଜାଣିବା ଏଥିରୁ ଶରୀରକୁ ମିଳୁଥିବା ଅନେକ ଫାଇଦା ବିଷୟରେ..

୧.କିଛି ଲୋକ ପୋଇକୁ କେବଳ ଶରୀରରେ ହେମୋଗ୍ଲୋବିନ୍ ବଢ଼ାଇବା ପାଇଁ ବ୍ୟବହାର କରାଯାଏ ବୋଲି ଭାବିଥାନ୍ତି । କିନ୍ତୁ ଏଥିରେ ଅନେକ ପ୍ରକାରର ଉପକାରୀ ଗୁଣ ରହିଛି । ଏହା ହେମୋଗ୍ଲୋବିନ୍ ବଢ଼ାଇବା ସହ ହୃଦୟକୁ ମଧ୍ୟ ସୁସ୍ଥ ରଖିଥାଏ । ପୋଇ ଆନେମିଆ ରୋଗୀଙ୍କ ପାଇଁ ଔଷଧଠାରୁ ଅଧିକ ଲାଭଦାୟକ ହୋଇଥାଏ ।

୨.ପୋଇ ଶରୀର ସହ କେଶ ପାଇଁ ଲାଭଦାୟକ ହୋଇଥାଏ । ଯେଉଁମାନଙ୍କର କେଶ ଝଡ଼ିବାର ସମସ୍ୟା ରହିଛି, ସେମାନେ ପୋଇକୁ ନିଜ ଖାଦ୍ୟରେ ସାମିଲ କରିବା ଉଚିତ୍, ଯାହା ଶରୀରରେ ଆଇରନ୍ ?ର ଅଭାବକୁ ଦୂର କରି କେଶ ଝଡ଼ିବା ରୋକିଥାଏ ।

୩. ପୋଇ ତ୍ୱଚାର ଅନେକ ସମସ୍ୟା ଦୂର କରିଥାଏ । ଚର୍ମ ଲୋଚାକୋଚା ହୋଇ ଯାଇଥିଲେ,ପୋଇ ଏବଂ ଲେମ୍ବୁ ରସରେ କିଛି ବୁନ୍ଦା ଗ୍ଲିସେରିନ୍ ମିଶାଇ ରାତିରେ ଶୋଇବା ପୂର୍ବରୁ ଲଗାନ୍ତୁ । ଧିରେ ଧିରେ ତ୍ୱଚାଜନିତ ସମସ୍ତ ସମସ୍ୟା ଦୂର ହୋଇଯିବ ।



୪.ପୋଇରେ ଫଲିକ୍ ଏସିଡ୍ ଏବଂ କ୍ୟାଲସିୟମ ଅଧିକ ମାତ୍ରାରେ ରହିଥାଏ । ଯଦି ଆପଣଙ୍କର ପାଇରିୟା ସମସ୍ୟା ରହିଛି, ତେବେ କଞ୍ଚା ପୋଇର ପତ୍ର ଚୋବାଇବା ଆରମ୍ଭ କରନ୍ତୁ ।

୫. ପୋଇ ରସରେ ଗାଜର ରସ ମିଶାଇ ପିଇବା ଦ୍ୱାରା ପେଟର ଚର୍ବି କମ ହୋଇଥାଏ । ଯଦି ଆପଣ ମୋଟାପଣ ସମସ୍ୟା ଦେଇ ଗତି କରୁଛନ୍ତି, ତେବେ ପୋଇ ରସ ସହ ଗାଜର ବା ଲେମ୍ବୁ ରସ ମିଶାଇ ପିଇ ପାରିବେ ।

## ପୋଥାଳ ସାହିରେ ଚବିଶ ପ୍ରହର ନାମଯଜ୍ଞ

ଭୁବନ,୮।୩ (ନି.ପ୍ର): ଭୁବନ ଏନଏସି ଅନ୍ତର୍ଗତ ପୋଥାଳ ସାହିରେ ଗତକାଲି ଠାରୁ ଚବିଶ ପ୍ରହର ନାମଯଜ୍ଞ ମହାସମାରୋହରେ ଅନୁଷ୍ଠିତ ହେଉଅଛି । ଶୁକ୍ରବାର ଅପରାହ୍ନରେ ଶତାଧିକ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରା କରି ପୋଥାଳସାହି ସ୍ଥିତ ଶ୍ରୀକୃଷ୍ଣ ଚୈତନ୍ୟ ଦେବ ଙ୍କ ମନ୍ଦିର ପ୍ରାଙ୍ଗଣରେ ଘଟସ୍ଥାପନ କରିଥିଲେ । ସଭାପତି ନରୋତମ ସାହୁ ଓ ସଂକୀର୍ତନ ମୁଖ୍ୟ ଗୌରାଙ୍ଗ ଚରଣ ଗୁରୁ ଙ୍କ ତତ୍ୱାବଧାନରେ ଗତକାଲି ପ୍ରାତଃ ସମୟରୁ ନାମସଂକୀର୍ତନ ଆରମ୍ଭ ହୋଇଅଛି । ୩୦ରୁ ଉର୍ଦ୍ଧ୍ୱ କୀର୍ତନମଣ୍ଡଳୀ ଏଥିରେ ଅଂଶଗ୍ରହଣ କରିଛନ୍ତି । ପ୍ରତ୍ୟହ ସଂଧ୍ୟାରେ ସାମୁହିକ ପ୍ରସାଦସେବନ ଅନୁଷ୍ଠିତ ହେଉଛି ଓ ଦୈନିକ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗଦେଇ ରାଧାରମଣ ପ୍ରଭୁଙ୍କ ଆଶୀର୍ବାଦ ଲାଭ କରୁଛନ୍ତି । ଆସନ୍ତା ମଙ୍ଗଳବାର ଦିନ ନାମଯଜ୍ଞର ପୂର୍ଣ୍ଣାହୂତୀ ଓ ନଗରକୀର୍ତନ କାର୍ଯ୍ୟକ୍ରମ ରହିଛି । ଏହି ଆଧାତ୍ମିକ କାର୍ଯ୍ୟକ୍ରମରେ ସମସ୍ତ ସାହିବାସିନ୍ଦା ସହଯୋଗ କରୁଛନ୍ତି ।

## ୬ ବଖରା ଜଳିଗଲା

ଢେଙ୍କାନାଳ,୮।୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ୍ ଅନ୍ତର୍ଗତ ସମାଟାଙ୍ଗୀ ଗ୍ରାମରେ ଅସାବଧାନତାବଶତଃ ରୋଷେଇ ଗ୍ୟାସ୍ ରୁ ଘଟିଛି ଅଗ୍ନିକାଣ୍ଡ । ଫଳରେ ୬ ବଖରା ଘର ସମେତ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ି ପାଉଁଶ ହୋଇଯାଇଛି ।

# ପ୍ରଣୟନ ହେବ ଷ୍ଟାର୍ଟଅପ୍ ନୀତିର ନୂତନ ସଂସ୍କରଣ

## ଓଡ଼ିଶା ଷ୍ଟାର୍ଟ ଅପ୍ ହବ୍ ନିର୍ମାଣ ହେଲେ ମଜବୁତ ହେବ ଏମ୍ଏସ୍ଏମ୍ଇ କ୍ଷେତ୍ର

ଭୁବନେଶ୍ୱର,୮।୩ (ନି.ପ୍ର): ଇଡ୍କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ନବମ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବାଣିଜ୍ୟ ମେଳାର ତୃତୀୟ ଦିନରେ 'ନୂତନ ଉଦ୍ୟୋଗ ପ୍ରସଙ୍ଗ' ଆଲୋଚନାଚକ୍ର ସେମିନାର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଦକ୍ଷତା ବିକାଶ କର୍ତୃପକ୍ଷର ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଆଲୋଚନା ଚକ୍ରରେ ସ୍ୱତନ୍ତ୍ର ନିମନ୍ତ୍ରିତ ବିଶେଷଜ୍ଞ ଭାବେ ଯୋଗଦେଇ ନୂତନ ଉଦ୍ୟୋଗୀମାନଙ୍କର କାର୍ଯ୍ୟଧାରାର ମାନ ବୃଦ୍ଧି ନିମନ୍ତେ ୬ଟି କୌଶଳ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ । ସେଗୁଡ଼ିକ ହେଲା ଭାବନା, କୌଶଳ, ବୁଦ୍ଧି, ପ୍ରତିଷ୍ଠା, ନିଜ କର୍ମଚାରୀଙ୍କୁ ମାପିବା ଏବଂ ପ୍ରତିକୂଳ ପରିସ୍ଥିତିକୁ ଅତିକ୍ରମ କରିବା । ସୁନ୍ଦର ରାଜନ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ସୁଗୁଣା କୁକୁଡ଼ା ଫାର୍ମର ଉଦାହରଣ ଦେଇ ତାହା ୬୦୦ କୋଟି ଟଙ୍କାର ଉଦ୍ୟୋଗ ହୋଇପାରିଥିବାର ସଫଳ କାହାଣୀକୁ ସେ ଆଲୋଚନା ଚକ୍ରରେ ଉପସ୍ଥାପନ କରିଥିଲେ । ଏକ କ୍ଷୁଦ୍ର ଉଦ୍ୟୋଗକୁ କିପରି ବିଶାଳ କରିହେବ ସେଥିପାଇଁ ଆବଶ୍ୟକ ଅଧବସାୟ ଓ ନିଜକୁ ମାର୍ଜିତ କରିବାର କୌଶଳ ଉପରେ ଗୁରୁତ୍ୱ ପ୍ରଦାନ କରି 'ମାଇଣ୍ଡ ଟ୍ରି'କୁ ବିଶ୍ୱସ୍ତରୀୟ ସଂସ୍ଥାରେ ପରିଣତ କରିବା ଭିତରେ ସେ ଅର୍ଜନ କରିଥିବା ଅନୁଭୂତି ଓ ଅଭିଜ୍ଞତା ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ । ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ କହିଥିଲେ ଯେ ରାଜ୍ୟରେ ସଂପ୍ରତି ୯୫୦ଟି ନୂତନ ଉଦ୍ୟୋଗ ପ୍ରତିଷ୍ଠା କରାଯାଇଛି । ଓଡ଼ିଶା ସରକାର ସମସ୍ତ ନୂତନ ଉଦ୍ୟୋଗକୁ ସହାୟତା ଯୋଗାଇ ଦେଉଛନ୍ତି । ଅଦ୍ୟାବଧି ୧୫ କୋଟି ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି । ଇନ୍‌ଫୋସିସ୍ ନିକଟରେ ୩ କୋଟି ଟଙ୍କା ବ୍ୟୟରେ ଓଡ଼ିଶା ଷ୍ଟାର୍ଟ ଅପ୍ କେନ୍ଦ୍ର ନିର୍ମାଣାଧୀନ ରହିଛି ତାହା ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ମଜବୁତ କରିବ । ଏଥି ସହିତ ନୂତନ ଷ୍ଟାର୍ଟ ଅପ୍ ନୀତି ଶୀଘ୍ର ପ୍ରଣୟନ କରାଯିବ ବୋଲି ସେ ସୂଚନା ଦେଇଥିଲେ । ରାଜ୍ୟର ନୂତନ ଉଦ୍ୟୋଗୀମାନଙ୍କର ସହଯୋଗରେ ଏହାର ପୂର୍ଣ୍ଣ ସଫଳତା ଲାଭ ହେବ ବୋଲି ସେ ଦୃଢ଼ ଆଶା ପୋଷଣ କରିଥିଲେ । ଆଲୋଚନା ଚକ୍ର ପ୍ରାରମ୍ଭରେ ଅରେଞ୍ଜ କ୍ରସ ହୋମ୍ ହେଲଥ୍ ପ୍ରା. ଲିଃର ମୁଖ୍ୟ ନିର୍ବାହୀ ଅଜୟ ବେହେରା କିପରି ତାଙ୍କ କାରବାର ୨୦ କୋଟି ଟଙ୍କାରେ ପହଂଚି ପାରିଛି ସେଥିରେ ଥିବା ତାଙ୍କ ଅଭିଜ୍ଞତା ବ୍ୟକ୍ତ କରିଥିଲେ । ସେହିପରି ଫ୍ରିଂଟଭ୍ୟୁ ମ୍ୟାଜିକ୍ ୱାଲର୍ଡର ସିଇଓ ସିଦ୍ଧେଶ୍ୱର ପଣ୍ଡା, ନେଚର ଏସେନ୍‌ସିଆଲ୍ ଅଏଲ୍‌ର ଡ. ଗୀତାଞ୍ଜଳି, କେସିଙ୍ଗାର ଶ୍ରୀ ସାତ୍ୱିକ ଅଗ୍ରୱାଲ, ଶିବା ଗ୍ରୀନ୍‌ର ନୀଳିମା ମିଶ୍ର, ରୋବୋଟିକ୍ କ୍ଲାସେସ୍‌ର ସାତ୍ୱିକ, ଅମର ଲ୍ୟାବ୍‌ର ସଲୋନୀ ପାତ୍ର, ପୋଷ୍ଟ ହାର୍ଭେଷ୍ଟ ଟେକ୍‌ନୋଲୋଜିସ୍‌ର ଭିଲା ମାର୍ଟର ପ୍ରତିଷ୍ଠାତା ଡ. ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ନୂତନ ଉଦ୍ୟୋଗୀ ସେମାନଙ୍କର ଉଦ୍ୟୋଗ ଯାତ୍ରାର ବିବରଣୀ ପ୍ରଦାନ କରିଥିଲେ । କିଟ୍ ଟିବିଆଇର ଡ. ମୃତ୍ୟୁଞ୍ଜୟ ସୁଆର ଷ୍ଟାର୍ଟ ଅପ୍ ପ୍ରତିଷ୍ଠା କାହାଣୀ ସମସ୍ତଙ୍କ ସହିତ ସହଭାଗୀ ହେବା ସହ ନିଜର କୌଶଳ ନିଜେ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ । ଡାଲମା ପ୍ରତିଷ୍ଠାତା ଶ୍ରୀ ଦେବାଶିଷ ପଟ୍ଟନାୟକ ନିଜ ଉଦ୍ୟୋଗ ଲୋକଲୋଚନକୁ ଆଣିବା ସହିତ ନିଜର ପ୍ରଚେଷ୍ଟା ଜାରି ରଖିବାକୁ ଆହ୍ୱାନ ଦେଇଥିଲେ । ନାଲ୍‌କୋର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତପନ କୁମାର ଚାନ୍ଦ ତାଙ୍କର ଆଲୁମିନିୟମ୍ ଶିଳ୍ପର ଅଭିନବୀକରଣ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ । ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ଡିଜିଏମ୍ ଲଲାଟେନ୍ଦୁ ୨୦୨୦ ଜୁଲାଇ ୧ ତାରିଖରେ ନୂତନ ଉଦ୍ୟୋଗୀମାନଙ୍କୁ ଅଦ୍ୟାବଧି ୭୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯାଇଥିବା ପ୍ରକାଶ କରିଥିଲେ । ଏହି କ୍ରମରେ ପ୍ରାୟ ୩୦ ହଜାର କୋଟି ଟଙ୍କା ଋଣ ଦିଆଯିବ ବୋଲି ସେ କହିଥିଲେ । ବିଗତ ୪ ବର୍ଷରେ ନୂତନ ଉଦ୍ୟୋଗ ପ୍ରତିଷ୍ଠା କ୍ଷେତ୍ରରେ ରାଜ୍ୟରେ ଉଲ୍ଲେଖନୀୟ ଅଗ୍ରଗତି ହୋଇପାରିଛି । ଆଗାମୀ ଦିନରେ ସମସ୍ତ ଜିଲ୍ଲା ଏବଂ କ୍ଷେତ୍ରୀୟ ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକମାନେ ସେମାନଙ୍କ ଅଂଚଳରେ ନୂତନ ଉଦ୍ୟୋଗୀମାନଙ୍କୁ ଉତ୍ସାହିତ କରିବାକୁ ପ୍ରମୁଖ ସଚିବ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ ।

## ଏମାର ମଠ ଜାଗା ପ୍ଲଟିଂ: ଦୁଇଟି ଜଳାଶୟ ଉଭାନ

ପୁରୀ ,୮।୩ (ନି.ପ୍ର):ପୁରୀ ସହର ଓ ସହରତଳି ଅଞ୍ଚଳରେ ଜମି ମାଫିଆଙ୍କ ଦୌରାମ୍ୟ ବଢ଼ିବାରେ ଲାଗିଛି । ଆମେ ପୁରୀ ତହସିଲ ଅଧୀନ ଶଙ୍କରପୁରୀ ମେ ?ଜାରେ ଏମାର ମଠ ଜମି ପ୍ଲଟିଂ ପ୍ରସଙ୍ଗ ଉଠାଇଥିଲୁ । ଏବେ ବି ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ନେଇନି । ସେପଟେ ତଥ୍ୟ ଖୋଲୁ ଖୋଲୁ ଏହି ଜାଗାରେ ଆଉ ଏକ ସାଂଘାତିକ ଚିତ୍ର ପଦାକୁ ଆସିଛି । ଜମି ପ୍ଲଟିଂ ପାଇଁ ଜମି ମାଫିଆ ଏଠାରେ ଗୋଟିଏ ନୁହେଁ, ଦୁଇ ଦୁଇଟି ଜଳାଶୟକୁ ପୋତି ଦେଇଛନ୍ତି । ଜମି ମାଫିଆଙ୍କ ଦୌରାମ୍ୟ ପୁରୀରେ କେତେ ଯେ ବଢ଼ିଯାଇଛି, ତାହା ଏହି ଚିତ୍ରରୁ ଜଳଜଳ ହୋଇ ଦିଶୁଛି । ଶଙ୍କରପୁର ମୌଜା ଗିନାରିବନ୍ତ ବେହେରା ସାହି ଓ ଓଁକାରେଶ୍ୱର ରାସ୍ତାକଡ଼ରେ ରହିଛି ପ୍ରାୟ ୮ ଏକର ଜାଗା ରହିଛି । ଯେଉଁଥିରେ କିଛି ସ୍ଥିତିବାନ, କିଛି ଅନାବାଦି ଓ ବାକି ମଠ ଜାଗା ରହିଛି । ଶଙ୍କରପୁର ମୌଜାର ଏହି ଜାଗାରେ ଖାତା ନମ୍ବର ୭୫ରେ ଏମାର ମଠର ୬ଟି ପ୍ଲଟ୍ ? ରହିଛି । ଯାହାର ଶାବକ ପ୍ଲଟ୍ ନମ୍ବର ହେଉଛି ୨୦୮, ୨୧୬, ୨୧୯, ୨୨୦, ୨୨୩, ୨୨୫ । ୬ଟି ପ୍ଲଟକୁ ମିଶାଇଲେ ମଠର ମୋଟ ୨.୪୪ ଏକର ଜମି ଏଠାରେ ରହିଛି । ଶାବକ ପ୍ଲଟ୍ ନମ୍ବର ଏ ଭିତରେ ହାଲ୍ ପ୍ଲଟ୍ ନମ୍ବର- ୧୨୦୭, ୧୨୧୦, ୧୨୧୨, ୧୨୧୬, ୧୨୧୮କୁ ପରିବର୍ତ୍ତନ ହୋଇଛି । କିନ୍ତୁ ଏହି ଜମି ଏବେ ଜବରଦଖଲକୁ ଚାଲିଗଲାଣି । ଏମାର ମଠର ଏହି ଜାଗାରେ ସିମେଣ୍ଟ ଖୁଣ୍ଟ ପୋତାଯିବା ସହ ରାସ୍ତା ବି ତିଆରି ହେଲାଣି । ଶଙ୍କରପୁର ମୌଜାର ଏହି ଜମିକୁ ଲାଗି ଦୁଇଟି ଜଳାଶୟ ଥିଲା । ଯାହାର ଶାବକ ପ୍ଲଟ୍ ନମ୍ବର ହେଉଛି ୨୨୩ ଓ ୨୨୪ । ଏହା ଏମାର ମଠ ଜାଗାରେ ରହିଥିଲା ।

# ନେତାଜୀ ସୁବାଷ ବୋଷ ଗତକାଲି ଓ ଆଜିର ଯୁବଶକ୍ତି-ଶୀର୍ଷକ ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା, ୦୭ ମାର୍ଚ୍ଚ (ହି.ସ.) – କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଇତିହାସ ସମ୍ମାନ ବିଭାଗର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ନେତାଜୀ ସୁବାଷ ବୋଷ ଗତକାଲି ଓ ଆଜିର ଯୁବଶକ୍ତିର ସ୍ମୃତିଚିହ୍ନ ଶୀର୍ଷକ ଆଲୋଚନା ଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଉଦ୍‌ଘାଟନ କରିଥିବା ବେଳେ ପ୍ରଫେସର ଖାରବେଳ ମହାନ୍ତି ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ । ନେତାଜୀ ସୁବାଷ ବୋଷ ଗାନ୍ଧୀ କୈନ୍ଦ୍ରୀକ ବିଚାରର ଏକ ବିକଳ୍ପ ଦେଶ ନିକଟରେ ଉପସ୍ଥାପନ କରିଥିଲେ ବୋଲି ଶ୍ରୀ ମହାନ୍ତି ବକ୍ତବ୍ୟ ରଖିଥିଲେ । ଯେତେବେଳେ ଦେଶ ଗାନ୍ଧୀଙ୍କ ଆହ୍ୱାନରେ ଆନ୍ଦୋଳନରେ ମାତିଥିଲା ସେତେବେଳେ ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ପ୍ରଭାବିତ ହୋଇଥିବା ସୁବାଷବୋଷ ଙ୍କର ଆହ୍ୱାନ ଥିଲା "ମତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧିନତା ଦେବି" । ତାଙ୍କର ଗାନ୍ଧୀଙ୍କ ସହ ବୈଚାରିକ ସ୍ତରରେ ଅମେଳ ଥିଲେବି ଅସ୍ୱର୍ଦ୍ଧା ନଥିଲା । ବ୍ରିଟିସ ସରକାର କେବଳ ଶକ୍ତିର ଭାଷା ବୁଝେବୋଲି ସେ ଜାଣିଥିଲେ ଓ ସେଥିପାଇଁ ଆଜାଦ୍ ହିନ୍ଦ ଫୌଜ ଗଠନ କରି ଲଢ଼ିବାକୁ ଜୀବନ ପଣ କରିଥିଲେ । ସେ ଏକାନ୍ତ ଭାବେ ସ୍ୱାଭିମାନୀ ଓ ଜାତୀୟବାଦୀ ନେତା ଥିଲେ । ଯାହାଙ୍କ କର୍ମମୟ ଜୀବନ ଆଜି ମଧ ଯୁବପିଢ଼ିକୁ ଉଦ୍‌ବୁଦ୍ଧ କରି ରଖିଛି । ଏହି ଆଲୋଚନା ଚକ୍ରରେ ବିଭାଗୀୟ ମୁଖ୍ୟ ଡ଼ଃ ତପନ କୁମାର ପତି ଅତିଥି ପରିଚୟ ଓ ବିଷୟ ସଂପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ଡ଼ଃ ସେକ ସମସୁର, କୈଳାସ ଚନ୍ଦ୍ର ବରାଳ, ପ୍ରାଧ୍ୟାପକ ଅମୂଲ୍ୟ କୁମାର ମଲ୍ଲିକ, ସଂଗ୍ରାମ କୁମାର ବିଶ୍ୱାଳ, ମେଜର ମନୋରଞ୍ଜନ ମହାନ୍ତି, ଅଜିତ କୁମାର ଦାସ, ରଞ୍ଜନ କୁମାର ରଥ ଓ ଅଧାପିକା ଅଞ୍ଜଳୀ ନାୟକ ପ୍ରମୁଖଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଅଧାପକ ତୁଷାର କାନ୍ତ ଭୂୟାଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆନ୍ତଃ ଜିଲ୍ଲା କ୍ଲବ ଟୁର୍ଣ୍ଣାମେଣ୍ଟ: ଚରମ୍ପା କ୍ରିକେଟ ଏକାଡେମୀ ବିଜୟୀ




ଭଦ୍ରକ,୮।୩ (ନି.ପ୍ର): ଚରମ୍ପା ରେଲୱେ ପଡ଼ିଆରେ ଚାଲିଥିବା ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ 'ଭିଜନ - ୨୦୨୪' ପରିପ୍ରେକ୍ଷୀରେ ଆନ୍ତଃ ଜିଲ୍ଲା କ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚରେ ଚରମ୍ପା କ୍ରିକେଟ ଏକାଡେମୀ ବିଜୟୀ ହୋଇଛି । ଆଜି ଜଗନ୍ନାଥ କ୍ରିକେଟ କ୍ଲବ (ଜେସିସି) ଓ ଚରମ୍ପା କ୍ରିକେଟ ଏକାଡେମୀ (ସିସିଏ) ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଜେସିସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ଦଳ ୩୦.୫ ଓଭରରେ ମାତ୍ର ୧୩୧ ରନ କରି ଅଲ୍ ଆଉଟ ହୋଇଥିଲା । ତେବେ ଦଳ ପକ୍ଷରୁ ଆଶୁତୋଷ ବେହେରା ୨୭ରନ ଓ ଆଶିଷ କୁମାର ସାହୁ ୨୦ ରନ କରିଥିଲେ । ସିସିଏ ପକ୍ଷରୁ ସତ୍ୟମ୍ କୁମାର ଓ କରୁଣାକର ବିନ୍ଧାଣୀ ୩ଟି ଲେଖାଏଁ ଉଇକେଟ ନେଇଥିଲେ । ପରେ ବ୍ୟାଟିଂ କରି ସିସିଏ ମାତ୍ର ୨ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟଇ ହୋଇଥିଲା । ସିସିଏ ପକ୍ଷରୁ ଜୀବନ ଜ୍ୟୋତି ବେହେରା ୪୪, କୁମାର ମଙ୍ଗଳମ୍ ଖେମ୍‌କା ୩୫ ଓ ଆୟୁଷ୍ମାନ ଦାସ ୨୧ ରନ କରିଥିଲେ । ଜେସିସି ପକ୍ଷରୁ ଅମିତାଂଶୁ ମଲ୍ଲିକ ଗୋଟିଏ ଉଇକେଟ ନେଇଥିଲେ । ଜୀବନ ଜ୍ୟୋତି ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ମ୍ୟାଚକୁ ଲଲାଟ କେଶରୀ ନନ୍ଦ, ସାର୍ଥକ ବିଶ୍ୱାଳ, ପ୍ରଦିପ୍ତ କୁମାର ନାୟକ, ସସ୍ମିତା ସାହୁ ପରିଚାଳନା କରିଥିଲେ ।

## ଶ୍ରୀଶ୍ରୀ ଅଭିରାମ ପରମହଂସ ଆଶ୍ରିତଙ୍କ ଏକାଦଶତମ ସମ୍ମିଳନୀ

କେନ୍ଦ୍ରାପଡ଼ା,୮।୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ପଂଚାୟତର ପୁରୁଷୋତମପୁର ଗ୍ରାମରେ ପରମହଂସ ଆଶ୍ରିତଙ୍କ ଏକାଦଶତମ ବାର୍ଷିକ ସମ୍ମିଳନୀ ଓ ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି । ଗ୍ରାମରେ ପାରମ୍ପରିକ ରୀତିରେ ଦୁଇଦିନ ଧରି ଏହି ସମ୍ମିଳନୀ ଅବସରରେ ପ୍ରତ୍ୟହ ସଂକୀର୍ତନ, ସତ୍‌ସଙ୍ଗ ଓ ସାଧୁସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶ୍ରୀ ଅଭିରାମଙ୍କ କରମଳା ଆଶ୍ରମର ନାମାଚାର୍ଯ୍ୟ ସାଧୁ ଶେଷଦେବ ମହାରାଜ, ସାଧୁ ହରିଶଙ୍କର ମହାରାଜ, ସାଧୁ ଆନନ୍ଦବାବା ମହାରାଜ ଓ ଲୋକନାଥ ବାବା ମହାରାଜ କାର୍ଯ୍ୟକ୍ରମରେ ଯୋଗ ଦେଇ ଉପସ୍ଥିତ ଶତାଧିକ ଶ୍ରଦ୍ଧାଳୁଙ୍କୁ ସତ୍‌ସଙ୍ଗ ମାଧମରେ ଆଧାତ୍ମିତ ଆଲୋଚନା କରି ପ୍ରବଚନ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଗ୍ରାମବାସୀ ଅଂଶ ଗ୍ରହଣ କରିଥିଲେ ।

## ଟାୱାର ବସାଇବା ନାଁରେ ଲକ୍ଷାଧିକ ଟଙ୍କା ଲୁଟ୍

ନୂଆପଡ଼ା,୮।୩ (ନି.ପ୍ର): ମୋବାଇଲ ଟାୱାର ବସାଇବା ନାଁରେ ଜମି ମାଲିକଙ୍କଠାରୁ ଲକ୍ଷାଧିକ ଟଙ୍କା ଲୁଟ ଅଭିଯୋଗ । ଲୁଟର ଶିକାର ହୋଇଛନ୍ତି ନୂଆପଡା କୋମନା ଥାନା ଖମାବହି ଗାଁର ସୁବାଷ ଥାପା । ଅଭିଯୋଗ ଅନୁଯାୟୀ ଜଣେ ବ୍ୟକ୍ତି ନିଜକୁ ରିଲାଏନ୍ସ ଜିଓ ଅଧିକାରୀ ବୋଲି ପରିଚୟ ଦେଇ ତାଙ୍କ ଜମିରେ ମୋବାଇଲ ଟାୱାର ବସାଇବାପାଇଁ କହିଥିଲେ । ଏଥିପାଇଁ ତାଙ୍କୁ ମାସକୁ ୫ରୁ୭ ହଜାର ମିଳିବ ବୋଲି କହିଥିଲେ । ତେବେ ଏଥିପାଇଁ ଡକ୍ୟୁମେଣ୍ଟ ସହ ୫ ହଜାର ଦାଖଲ କରିବାକୁ ପଡିବ ବୋଲି କହିଥିଲେ । ପରେ ବିଭିନ୍ନ ସର୍ତ୍ତର ଆଳ କରି ତାଙ୍କଠୁ ପରବର୍ତ୍ତୀ ସମୟରେ ମୋଟ ୧ ଲକ୍ଷରୁ ଅଧିକ ଟଙ୍କା ନେଇଯାଇଥିବା ଅଭିଯୋଗ କରିଛନ୍ତି । ସେପଟେ ଅଜଣା ଫୋନ କଲକୁ ବିଶ୍ୱାସକୁ ନନେବା ପାଇଁ କହିଛନ୍ତି ନୂଆପଡା ଏସପି ।

## ମଠକରଗୋଳା ସରପଂଚ ସୁନେଲୀ ନାୟକଙ୍କୁ କାଦମ୍ବିନୀ ସମ୍ମାନ

ଭୁବନ,୮।୩ (ନି.ପ୍ର): ଭୁବନ ବ୍ଲକ ଅନ୍ତର୍ଗତ ମଠକରଗୋଳା ସରପଂଚ ଶ୍ରୀମତୀ ସୁନେଲୀ ନାୟକ ଙ୍କୁ ଓଡିଶାର ପ୍ରଥମ ପାରିବାରିକ ମାସିକ ପତ୍ରିକା 'କାଦମ୍ବିନୀ' ତରଫରୁ ବିଶ୍ୱ ମହିଳା ଦିବସରେ ସମ୍ମାନୀତ କରାଯାଇଛି । ସରପଂଚ ଶ୍ରୀମତୀ ନାୟକ ସମାଜସେବା ସହିତ ରାଜନୀତରେ ସକ୍ରିୟ ରହି ନିଜ ଦକ୍ଷତାର ପ୍ରମାଣ ଦେଇଥିବା ଯୋଗୁ ତାଙ୍କୁ 'କାଦମ୍ବିନୀ ସମ୍ମାନ'ରେ ସମ୍ମାନୀତ କରାଯାଇଛି । 'କାଦମ୍ବିନୀ' ସମ୍ପାଦିକା ଡ.ଇତି ସାମନ୍ତ ଓ ପ୍ରତିଷ୍ଠାତା ତଥା ସାଂସଦ ଡ. ଅଚ୍ୟୁତ ସାମନ୍ତ ସରପଂଚ ଶ୍ରୀମତୀ ନାୟକଙ୍କୁ ପ୍ରଶଂସାପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ।

## ଚିକିତ୍ସା ଅବହେଳାରୁ ଆଖି ବୁଜିଲା ରୋଗୀ: ଉତ୍ତେଜନା

ବଲାଙ୍ଗିର,୮।୩ (ନି.ପ୍ର): ଚିକିତ୍ସା ଅବହେଳାରୁ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗରେ ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଉତ୍ତେଜନା ଦେଖାଦେଇଛି । ଅଭିଯୋଗ ଅନୁଯାୟୀ, ଗତକାଲି ସଦର ଥାନା ଭୁର୍ଷିପାଲି ଗାଁର ୨୪ ବର୍ଷ ବୟସ୍କ ମିଟୁ ବେହେରା ଅସୁସ୍ଥ ହେବାରୁ ତାଙ୍କୁ ମେଡିସିନ ୱାର୍ଡରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ହିମୋଗ୍ଲୋବିନ କମିଯାଉଥିବା କହିଥିଲେ । ହେଲେ ଆଜି ସକାଳୁ ମିଟୁଙ୍କ ମୃତ୍ୟୁ ହୋଇଛି । ଚିକିତ୍ସା ଅବହେଳାରୁ ମିଟୁର ମୃତ୍ୟୁ ହୋଇଥିବା ଅଭିଯୋଗ କରି ହସ୍ପିଟାଲରେ ପାଟିତୁଣ୍ଡ କରିଛନ୍ତି ପରିବାର ଓ ସମ୍ପର୍କୀୟ । ବଲାଙ୍ଗିର ଟାଉନ ପୁଲିସ୍ ? ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛି । ତେବେ ଏନେଇ ମେଡିକାଲ କର୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନି ।

## ବନ୍ଦ କାରଖାନାରେ ଅଗ୍ନିକାଣ୍ଡ

ଝାରସୁଗୁଡ଼ା,୮।୩ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ ଅନ୍ତର୍ଗତ ସାହାଜବାହାଲରେ ଏକ ବନ୍ଦ କାରଖାନାରେ ଘଟିଛି ଅଗ୍ନିକାଣ୍ଡ । ନିକଟସ୍ଥ ବୁଦାରୁ ନିଆଁ ବ୍ୟାପୀ ଥିବା ସୂଚନା ମିଳିଛି ।

# ଗାନ୍ଧୀଙ୍କ ୧ମ ଓଡ଼ିଶାଗସ୍ତର ଶତ ବାର୍ଷିକ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଓ କମିଟି ଗଠନ




ଭଦ୍ରକ,୮।୩ (ନି.ପ୍ର): ଗାନ୍ଧିଜୀଙ୍କ ୧ମ ଓଡ଼ିଶା ଗସ୍ତ ଅବସରରେ ରାଷ୍ଟ୍ରମାତା କସ୍ତୁରବାଙ୍କ ସହିତ ୧୯୨୧ ମାର୍ଚ୍ଚ ମାସ ୨୫ ତାରିଖରେ ଭଦ୍ରକ ଆସିଥିଲେ । ରେଳ ଷ୍ଟେସନରୁ ବିରାଟ ଶୋଭାଯାତ୍ରାରେ ଯାଇ ଓକିଲ, ବ୍ୟବସାୟୀଙ୍କ ସହିତ ଆଲୋଚନା ପରେ ଗାନ୍ଧୀ ପଡ଼ିଆଠାରେ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇଥିଲେ । ଏହା ବ୍ୟତୀତ ଗାନ୍ଧିଜୀ ବିଭିନ୍ନ ସମୟରେ ଭଦ୍ରକକୁ ଆହୁରି ୩ଥର ଗସ୍ତ କରିଥିଲେ । ତେବେ ଏହି ସବୁକୁ ମିଶାଇ ଗାନ୍ଧିଜୀ ଭଦ୍ରକରେ ମୋଟ ୯ଦିନ ରହଣି କରିଥିଲେ । ଏହି ସମସ୍ତ ସ୍ମୃତିକୁ ବହନ କରୁଥିବାରୁ ଭଦ୍ରକରେ ଜିଲ୍ଲା ବ୍ୟାପୀ ୨୦୨୧ ମାର୍ଚ୍ଚ ୨୫ ତାରିଖରୁ ୨୦୨୨ ମାର୍ଚ୍ଚ ୨୪ତାରିଖ ପର୍ଯ୍ୟନ୍ତ ବର୍ଷ ତମାମ ପାଳନ କରାଯିବ । ଏଥି ନିମନ୍ତେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଭଦ୍ରକ ଶାଖା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଭାଗବତ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବରିଷ୍ଠ ଅଧିବକ୍ତା ତଥା ସମାଜସେବୀ ନିରାକାର ଜେନା ପୌରୋହିତ୍ୟ କରିଥିଲେ । ଉକ୍ତ ବୈଠକରେ ବାସୁଦେବପୁର, ଚାନ୍ଦବାଲି, ତିହିଡ଼ି, ଭଣ୍ଡାରିପୋଖରୀ, ବନ୍ତ, ଆଗରପଡ଼ା, ଭଦ୍ରକ ପ୍ରଭୃତି ଅଞ୍ଚଳର ଗାନ୍ଧୀବାଦୀ ଅନୁଷ୍ଠାନ, ଗାନ୍ଧୀପ୍ରେମୀ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ପ୍ରାଥମିକ କାର୍ଯ୍ୟକ୍ରମରେ ମାର୍ଚ୍ଚ ୨୫ ତାରିଖରେ ସକାଳ ୮ଟା ସମୟରେ ଏକ ବିରାଟ ଶୋଭାଯାତ୍ରା ଭଦ୍ରକ ରେଳ ଷ୍ଟେସନରୁ ବାହାରି ସହର ପରିକ୍ରମା କରିବା ପରେ ଗାନ୍ଧୀପଡ଼ିଆରେ ପହଞ୍ଚିବ ସେଠାରେ ଏକ ସଭା ଅନୁଷ୍ଠିତ ହେବା ସହିତ ଗାନ୍ଧୀବାଦୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ଏଥି ନିମନ୍ତେ ଏକ କମିଟି ଗଠନ ହୋଇଛି । କମିଟିର ଅଧ୍ୟକ୍ଷ ଭାବେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ ରହିଥିବା ବେଳେ ଉପାଧ୍ୟକ୍ଷ ଭାବେ ଭଦ୍ରକ ବିଧାୟକ ସଂଜିବ ମଲ୍ଲିକ ରହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ନିରାକାର ଜେନା, ଇଂ ଅଖିଳ କୁମାର ପାଢୀ, ଏସ୍.ଏମ୍. ଫାରୁକ, ଶାନ୍ତନୁ କୁମାର ରାଉତ, ସେକ୍ ଫିରୋଜ, ଅତିସ୍ ବେହେରା, କ୍ଷୀରୋଦ ଥାଟୋଇ, ବୈଲୋଚନ ଜେନା, ଅଜିତ ଦାସ, ପରମେଶ୍ୱର ବାରିକ, ତ୍ରିଲୋଚନ ପଣ୍ଡା, ଲକ୍ଷ୍ମୀପ୍ରିୟା ନାୟକ, ପବନ ଶର୍ମା, ଗୌରାଙ୍ଗ ପଣ୍ଡା, ଶିଶିର ମିଶ୍ର, ଅସରଫ୍ ଅଲ୍ଲୀ, ଦିଲିପ ମହାପାତ୍ର, ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ, ଅନ୍ନପୂର୍ଣ୍ଣା ସାହୁ, ବାବୁଲାଲ ଦାସ, କୁଳମଣି ବେହେରା, ସାହେଲ ଅହମ୍ମଦ, ଜୁଲଫିକର ଅଲ୍ଲୀ, ଲଲାଟେନ୍ଦୁ ମହାନ୍ତି, ନାସିର ବକ୍ସ, ଆଶିଷ ମହାନ୍ତି, ପ୍ରଦୀପ କୁମାର ନାୟକ, ପ୍ରକାଶଜ୍ୟୋତି ମହାକୁଡ, ସଂଗ୍ରାମ କେଶରୀ ମହାନ୍ତି, ଦିବ୍ୟସିଂହ ନାୟକ, ଚାରୁଲତା ମହାପାତ୍ର, ପୂର୍ବତନ ସାଂସଦ ମୁରଲୀଧର ଜେନା, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତିର ସମ୍ପାଦକ ଉପେନ୍ଦ୍ର ପାଢୀ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି । ଜିଲ୍ଲା ସଂଯୋଜକ ଭାବେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସମ୍ପାଦକ ତୁଷାରକାନ୍ତି ମହାନ୍ତି ମନୋନୀତ ହୋଇଛନ୍ତି । ବୈଠକରେ ପ୍ରକାଶଜ୍ୟୋତି ମହାକୁଡ଼ ମଞ୍ଚ ଆବାହନ, ନାସିର ବକ୍ସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଏସ୍.ଏମ. ଫାରୁକ ଧନ୍ୟବାଦ ଅର୍ପଣ କରିଥିଲେ । ନୂତନ କମିଟି ସଦସ୍ୟଙ୍କ ବ୍ୟତୀତ ଗିରିଧାରୀ ନାଥ, ଅକ୍ଷୟ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବୈଠକକୁ ଲକ୍ଷ୍ମୀକାନ୍ତ ବାରିକ, ଅଶୋକ ଦ୍ୱିବେଦୀ, ବୈଲୋଚନ ବେହୁରିଆ, ଜାହରି ଖାଁ, ଅରୁଣ ପଣ୍ଡା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ ।

# ମେଘା ଇଞ୍ଜିନିୟରିଂକୁ ୯୧୯ କୋଟି ଓ ଏଲଆଣ୍ଡଟିକୁ ୫୭୬ କୋଟିର ଠିକା କାମ

ଭୁବନେଶ୍ୱର,୮।୩ (ନି.ପ୍ର): ଜଳ ଜୀବନ ମିଶନ ଯୋଜନାରେ ରାଜ୍ୟର ଗ୍ରାମାଂଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ରାଜ୍ୟ କ୍ୟାବିନେଟ ଆଜି ମୋଟ ୧୪୯୫ କୋଟି ଟଙ୍କାର ୬ଟି ଟେଣ୍ଡରକୁ ୨ଟି ଠିକା ସଂସ୍ଥାକୁ ପ୍ରଦାନ କରିଛନ୍ତି । ହାଇଦ୍ରାବାଦସ୍ଥିତ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟକର ସଂସ୍ଥାକୁ ଯାଜପୁର, ଢେଙ୍କାନାଳ, ସମ୍ବଲପୁର ଓ କଳାହାଣ୍ଡିରେ ୪ଟି ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ୯୧୯କୋଟି ଟଙ୍କାର ଠିକା ଦିଆଯାଇଥିବାବେଳେ ଚେନ୍ନାଇସ୍ଥିତ ଏଲଆଣ୍ଡଟି ସଂସ୍ଥାକୁ କେନ୍ଦ୍ରାପଡ଼ା ଓ ଖୋର୍ଦ୍ଧାରେ ୫୭୬କୋଟି ଟଙ୍କାର ୨ଟି ପାନୀୟ ଜଳ ପ୍ରକଳ୍ପର ଟେଣ୍ଡର ଦେବାକୁ ରାଜ୍ୟ କ୍ୟାବିନେଟ ଅନୁମତି ଦେଇଛନ୍ତି । ରାଜ୍ୟ କ୍ୟାବିନେଟ ବୈଠକ ପରେ ଗଣମାଧ୍ୟମକୁ ଦିଆଯାଇଥିବା ସୂଚନା ଅନୁସାରେ କେନ୍ଦ୍ରାପଡ଼ା ଜିଲ୍ଲାର ୪ଟି ବ୍ଲକ ଆଳି, ରାଜନଗର, ପଟ୍ଟାମୁଣ୍ଡାଇ ଓ ରାଜକନିକାର ମୋଟ ୬୫ଟି ଫଂଚାୟତର ୨୭୪ଟି ଗାଁରେ ଏହି ପାନୀୟ ଜଳ ସୁବିଧା ମିଳିବ । ଏଥିଯୋଗୁ ୨.୭୪ଲକ୍ଷ ଲୋକ ଉପକୃତ ହେବେ । ଏଥିରେ ୨୨୭.୯୧କୋଟି ଟଙ୍କା ବ୍ୟୟ ହେବ ଓ ଠିକା ସଂସ୍ଥା ଏଲଆଣ୍ଡଟି ଏହି କାର୍ଯ୍ୟକୁ ୨୪ମାସ ମଧ୍ୟରେ ଶେଷ କରିବ । ସେହିପରି ଖୋର୍ଦ୍ଧାର ୬ଟି ବ୍ଲକ ଟାଙ୍ଗୀ, ବାଣପୁର, ଚିଲିକା, ଜଟଣୀ, ଖୋର୍ଦ୍ଧା ଓ ବେଗୁନିଆର ମୋଟ ୭୭ଟି ଫଂଚାୟତର ୫୦୫ଟି ଗାଁର ୪.୯୭ଲକ୍ଷ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳିବ । ଏଥିପାଇଁ ୩୪୮.୧୦କୋଟି ଟଙ୍କା ଖର୍ଚ୍ଚ ହେବ ଓ ଠିକା ସଂସ୍ଥା ଏଲଆଣ୍ଡଟି ଏହାକୁ ୨୪ମାସ ମଧ୍ୟରେ ଶେଷ କରିବ । ଯାଜପୁରର ୪ଟି ବ୍ଲକ ର ୫୩ଟି ଫଂଚାୟତର ୨୮୦ଟି ଗାଁର ୩.୨୩ଲକ୍ଷ ଲୋକଙ୍କୁ ପାନୀୟ ଜଳ ସୁବିଧା ଦେବା ପାଇଁ ୨୪୫.୯୮କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ । ଏଥିପାଇଁ ଠିକା ସଂସ୍ଥା ମେଘା ଇଞ୍ଜିନିୟରିଂକୁ ଟେଣ୍ଡର ଦିଆଯାଇଛି ଓ ସେ ଏହାକୁ ୨୪ମାସ ମଧ୍ୟରେ ସାରିବ ବୋଲି କ୍ୟାବିନେଟ ବୈଠକରେ କୁହାଯାଇଛି । ସେହିପରି ଯାଜପୁରର ୪ଟି ବ୍ଲକ ଭୁବନ, ଗଁଦିଆ, କାମାକ୍ଷାନଗର ଓ ସଦର ବ୍ଲକର ୬୮ଟି ଫଂଚାୟତରେ ପ୍ରାୟ ସାଢ଼େ ୩ଲକ୍ଷ ଲୋକଙ୍କୁ ପାନୀୟ ଜଳ ଯୋଗାଣ ନିମନ୍ତେ ୨୯୬.୯୩କୋଟି ଟଙ୍କାର ଠିକା କାର୍ଯ୍ୟ ମେଘା ଇଞ୍ଜିନିୟରିଂକୁ ପ୍ରଦାନ କରାଯାଇଛି । କଳାହାଣ୍ଡିର ଗୋଲମୁଣ୍ଡା ବ୍ଲକରେ ୨୮ଟି ଫଂଚାୟତକୁ ଜଳଯୋଗାଣ ନିମନ୍ତେର ୧୭୭.୮୩କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଠିକା ସଂସ୍ଥା ମେଘା ଇଞ୍ଜିନିୟରିଂକୁ ଦିଆଯାଇଛି ।

## ଶ୍ୱଶୁର ଘର ଆଗରେ ଧାରଣାରେ ବସିଲେ ବୋହୂ

ବ୍ରହ୍ମପୁର ,୮।୩ (ନି.ପ୍ର): ଶ୍ୱଶୂର ଘର ଆଗରେ ଧାରଣା ଦେଇଛନ୍ତି ବୋହୂ । ଆଜି ବିଶ୍ୱମହିଳା ଦିବସରେ ଏପରି ଚିତ୍ର ଗଞ୍ଜାମ ଜିଲ୍ଲାରେ ଦେଖିବାକୁ ମିଳିଛି । ବାହାଘର ସମୟରେ ଶାଶୁ ପାଇଁ ସୁନା ଆଣିନଥିବାରୁ ବୋହୂକୁ ଏପରି ଦଶା ଭୋଗିବାକୁ ପଡ଼ିଛି ବୋଲି ଅଭିଯୋଗ ହେଉଛି । ପୂରା ଘଟଣାଟି ଏମିତି । ୨୦୧୫ ମସିହାରେ ରଣ୍ଡା ଅଞ୍ଚଳର ନିବେଦିତା ସାହୁ ଖୋଡ଼ାସିଙ୍ଗି ବାଞ୍ଛାନିଧି ଅଞ୍ଚଳର ଡା. ଶାନ୍ତି ଭୂଷଣ ପାଠୀଙ୍କୁ ବିବାହ କରିଥିଲେ । ବୈଦିକ ରୀତିନୀତିରେ ବିବାହ ହୋଇଥିଲା । ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା । କିନ୍ତୁ ଶାଶୁଙ୍କ ପାଇଁ ସୁନା ନ ଆଣିବାରୁ ନିବେଦିତାଙ୍କୁ ବାରମ୍ବାର ନିର୍ଯାତନା ଦିଅଯାଉଥିବା ଅଭିଯୋଗ ହୋଇଛି । ଏପରିକି ରନ୍ଧାରେ ଟିକେ ଭୁଲ ହେଲେ କାନ ଧରି ଉଠବସ୍ କରାଉଥିବା ନେଇ ଅଭିଯୋଗ କରିଛନ୍ତି ନିବେଦିତା । ନିବେଦିତା ଏନେଇ ଥାନାରେ ଅଭିଯୋଗ କରିଥିଲେ । ଏହା ପରେ ତାଙ୍କ ଶ୍ୱଶୂର ଘରୁ ବାହାର କରି ଦିଆଯାଇଥିଲା । ଏହା ପରେ ସେ ତାଙ୍କ ବାପ ଘରକୁ ଚାଲି ଯାଇଥିଲେ । ଆଜି ନିବେଦିତା ଶାଶୁ ଘରକୁ ଆସିଥିଲେ । ମାତ୍ର କେହି କବାଟ ଖୋଲି ନଥିଲେ । ଶେଷରେ ନିବେଦିତା ଶ୍ୱଶୂର ଘର ସାମ୍ନାରେ ଧାରଣାରେ ବସିଛନ୍ତି । ତାଙ୍କ ସହ ମହିଳା ନେତ୍ରୀ ପ୍ରମିଳା ତ୍ରିପାଠୀ ମଧ୍ୟ ଧାରଣାରେ ବସିଛନ୍ତି ।

# "ଆଧୁନିକ ଭାରତରେ ନାରୀ" ଶୀର୍ଷକ ୱେବିନାର ଆୟୋଜିତ

ଭୁବନେଶ୍ୱର,୦୮/୦୩ (ନି.ପ୍ର): ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧିନସ୍ଥ ପତ୍ର ସୂଚନା କାର୍ଯ୍ୟାଳୟ ଏବଂ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆଜି ଆର୍ନ୍ତଜାତିକ ମହିଳା ଦିବସ ଅବସରରେ "ଆଧୁନିକ ଭାରତରେ ନାରୀ" ଶୀର୍ଷକ ୱେବିନାର ଆୟୋଜିତ ହୋଇଯାଇଛି । ମନସ୍ତତ୍ୱବିତ୍ ତଥା ସମାଜସେବୀ ରୀନା ମହାନ୍ତି ଏହି ଆଲୋଚନାରେ ଅଂଶଗ୍ରହଣ କରି କହିଛନ୍ତି ଯେ, ସୁସ୍ଥ ସମାଜ ଗଠନ କରିବାରେ ନାରୀମାନଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ନାରୀମାନେ ରାଜନୈତିକ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ଉଚିତ ଏବଂ ନାରୀମାନେ କିଭଳି ଅର୍ଥନୈତିକ ସ୍ୱାଧୀନତା ପାଇପାରିବେ ଏଥି ପ୍ରତି ସମସ୍ତେ ଦୃଷ୍ଟି ଦେବା ଆବଶ୍ୟକ । ନାରୀର ବିକାଶ ହେଲେ ଦେଶର ପ୍ରଗତୀ ଆପେ ଆପେ ଆସିଯିବ । ସେଥିପ୍ରତି ନାରୀମାନଙ୍କ ଉନ୍ନତ ଶିକ୍ଷାର ଆବଶ୍ୟକତା ଅଛି । ଆମେ ସମସ୍ତେ ମିଳିମିଶି ନାରୀମାନଙ୍କ ଶିକ୍ଷାରେ ଉନ୍ନତି ଆଣିବା ପାଇଁ ପ୍ରଚେଷ୍ଟା କରିବା ଉଚିତ । ସେ ଆହୁରି ମଧ୍ୟ କହିଛନ୍ତି, ନାରୀ ନିଷ୍ଠାର ସହିତ କାର୍ଯ୍ୟ କରେ ତେଣୁ ମହିଳାମାନଙ୍କୁ ପୁରୁଷମାନଙ୍କ ଭଳି ସମାନ ପାରିଶ୍ରମିକ ମିଳିବା ଆବଶ୍ୟକ । ଆଲୋନାରେ ଅତିଥିଭାବେ ଯୋଗଦେଇ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସଂଘମିତ୍ରା ଭଞ୍ଜ ନାରୀର ଭୋଟଦାନ ଅଧିକାର, ମୌଳିକ ଶିକ୍ଷାର ଅଧିକାର, ଗାନ୍ଧିଜୀଙ୍କ ଦୃଷ୍ଟିରେ ନାରୀ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ସେ କହିଛନ୍ତି ନାରୀ ଏବଂ ପୁରୁଷ ଏକା ଭାବେ କାର୍ଯ୍ୟ କଲେ ସମାଜ ଶୃଙ୍ଖଳିତ ହେବ ଏବଂ ନାରୀ ହେଉଛି ଅସୀମ ଅହିଂସାର ପ୍ରତୀକ, ଶାନ୍ତିର ବାର୍ତ୍ତାବାହକ, ସୃଜନଶୀଳ, ତ୍ୟାଗ ଏବଂ ଉତ୍ସର୍ଗର ଏକ ମୂର୍ତ୍ତୀ । ଅନ୍ୟତମ ଅତିଥି ଭାବେ ଅଂଶଗ୍ରହଣ କରି ଓଡିଶା ପ୍ରଶାସନ ସେବାର ଅଧିକାରୀ ଅମୃତା ପ୍ରିୟମ୍ବଦା ସମାଜରେ ନାରୀର ଦେବୀରୂପ, ମାତୃରୂପ ଆଦି ବର୍ଣ୍ଣନା କରି ସମାଜରେ ନାରୀ ଅହରହ ସଂଘର୍ଷ କରୁଥିବା କହିଛନ୍ତି । ଅଧିକାର ଭାବରେ ନାରୀ ପୁରୁଷ ଭାଗ ଅଧା ଅଧା ନ ହୋଇ ସମଭାଗୀ ଓ ସହଯୋଗୀ ମନୋଭାବ ରହିବା ଉଚିତ ବୋଲି ସେ କହିଛନ୍ତି । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଓଡିଶା ପ୍ରାନ୍ତର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଶୈଳେଶ କୁମାର ମାଲବ୍ୟ କହିଛନ୍ତି ଯେ, ଶିକ୍ଷାର ପ୍ରସାର ଦ୍ୱାରା ନାରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ହେବା ସହ ପରିବାର ଓ ସମାଜର ମଧ୍ୟ ଉନ୍ନତି ହୋଇଥାଏ । ଏହାକୁ ହୃଦୟଙ୍ଗମ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ବେଟି ବଚାଓ, ବେଟି ପଢାଓ' ନାରା ଦେଇଛନ୍ତି ଏବଂ ଏହାର ସୁଫଳ ଦେଶରେ ମିଳିବା ଆରମ୍ଭ କରିଛି । ଏହି ଆଲୋଚନାରେ ଅଂଶଗ୍ରହଣ କରି ଆଂଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର ନାରୀକୁ ପୁର୍ବରୁ ସହଯୋଗୀ ବୋଲି ଭାବିବା ଉପରେ ଗୁରୁତ୍ୱ ଦେଇଥିଲେ । ଜଣେ ନାରୀ ଗୃହିଣୀ ହୁଅନ୍ତୁ କିମ୍ବା କର୍ମଜୀବୀ ହୁଅନ୍ତୁ, ସେ ସବୁବେଳେ ପୁରୁଷଙ୍କଠାରୁ ନ୍ୟୁନ୍ ବୋଲି ଭାବିବା ଏକ ସାମାଜିକ ଭୁଲ୍ ବୋଲି କହିଥିଲେ । ୱେବିନାର ଆଲୋଚନାଚକ୍ରକୁ ଦୂରଦର୍ଶନ ସମ୍ବାଦ ଉପସ୍ଥାପିକା ଐଶ୍ୱର୍ଯ୍ୟା ଦାସ ପରିଚାଳନା କରିଥିଲେ । ଆକାଶବାଣୀ କଟକ କେନ୍ଦ୍ରର ବାର୍ତ୍ତା ସମ୍ପାଦକ ଇତିଶ୍ରୀ ସିଂହ ରାଠୋର ପ୍ରମୁଖ ଅଂଶଗ୍ରହଣ କରି ପୁରୁଷ ପ୍ରାଧାନ୍ୟ ସମାଜରେ ମହିଳାମାନଙ୍କ ସ୍ଥିତି ପାଇଁ ମାନସିକତାର ପରିବର୍ତ୍ତନ ଆବଶ୍ୟକ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ ଏବଂ କାର୍ଯ୍ୟାଳୟର କର୍ମକର୍ତ୍ତା ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ନିଜର ମତାମତ ବ୍ୟକ୍ତ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଶିମିଳିପାଳ ନିଆଁକୁ ନେଇ ....

ଅତି ଆଧୁନିକ ପ୍ରକ୍ରିୟାରେ ନିଆଁକୁ କିଭଳି ଲିଭା ଯାଇ ପାରିବ ଓ ନିଆଁ ଲାଗିବାର କାରଣ ଖୋଜିବ ଏହି କମିଟି । କିନ୍ତୁ ପ୍ରଶ୍ନ ହେଉଛି- ଜଙ୍ଗଲରେ ନିଆଁ ଲାଗିବା ଯଦି ସ୍ୱାଭାବିକ କଥା ତାହେଲେ ଟାସ୍କଫୋର୍ସ ଗଠନର ଆବଶ୍ୟକତା ଆସିଲା କେଉଁଠୁ, ଯଦି ନିଆଁ ନିୟନ୍ତ୍ରଣରେ ଅଛି, ଶିମିଳିପାଳ ଅଭୟାରଣ୍ୟ ଅଂଚଳରେ ଏତେ ବନ କର୍ମଚାରୀ କରୁଛନ୍ତି କ'ଣ ? ଜଙ୍ଗଲର ନିଆଁ ରାଜନୈତିକ ପ୍ରସଙ୍ଗ ନୁହେଁ କିମ୍ବା ଅଣଦେଖା କଲା ଭଳି ସମସ୍ୟା ନୁହେଁ । କାରଣ, ଏହା ସହ ଜଡ଼ିତ ରହିଛି, ଲକ୍ଷ ଲକ୍ଷ ଜୀବଜନ୍ତୁଙ୍କ ଜୀବନ ଏବଂ ଜୈବ ବିଭିଧତା ପ୍ରତି ସଂକଟର କଥା ।

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ....

ଯଥା ଭାରତୀୟ ପ୍ରକଳ୍ପରେ ପୁଞ୍ଜିନିବେଶ ମିଳିବା, ପ୍ରଯୁକ୍ତିବିଦ୍ୟାରେ ସହଯୋଗୀ ହେବା, ଦେଶର ଦକ୍ଷତାପୂର୍ଣ୍ଣ ମାନବସମ୍ବଳ ସେଠାରେ କାମ କରିବାର ସୁଯୋଗ ପାଇପାରିବାର କଳ୍ପନାରେ ଏହି କାର୍ଯ୍ୟାଳୟ ପ୍ରତିଷ୍ଠା କରିବାର ଲକ୍ଷ୍ୟ ରହିଥିଲା । ମଙ୍ଗୋଲିଆରେ ଏକ ବିଶୋଧନାଗାର ନିର୍ମାଣ କରୁଥିବା ନବରତ୍ନ କମ୍ପାନୀ ଇଆଇଏଲ ମଧ୍ୟ ଋଷରେ ଅନୁରୂପ ଭାବରେ ପ୍ରକଳ୍ପ ପାଇବାର ସୁଯୋଗ ପାଇବା ଲକ୍ଷ୍ୟରେ ଏହି କାର୍ଯ୍ୟାଳୟ ପ୍ରତିଷ୍ଠା କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଋଷର ଭାରତୀୟ ରାଷ୍ଟ୍ରଦୂତ ଭାରତ ଏବଂ ଋଷ ମଧ୍ୟରେ ଦ୍ୱିପାକ୍ଷିକ ଉର୍ଜା ସମ୍ପର୍କକୁ ମଜବୁତ୍ କରିବା ଉପରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ସେପ୍ଟେମ୍ବରରେ ଭ୍ଲାଡ଼ିଭୋଷ୍ଟୋକ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶାନୁସାରେ ରୋଡ଼ମ୍ୟାପ ତିଆରି ହେବା ଉପରେ ନିଜର ମତ ରଖିଥିଲେ । ଋଷର ଏହି ଭାରତୀୟ ରାଷ୍ଟ୍ରଦୂତ ଋଷ ସହିତ ଉର୍ଜା ସହଯୋଗକୁ ପରିଚାଳନା କରିବା, ଉର୍ଜା କାର୍ଯ୍ୟାଳୟ ସ୍ଥାପନା କରିବାର ଆଇଡ଼ିଆ ଏବଂ ରେକର୍ଡସଂଖ୍ୟକ ସମୟରେ କାର୍ଯ୍ୟାଳୟ ଖୋଲିବାକୁ ଦୃଢ଼ ସହଯୋଗ ଦେଇଥିବାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଦେଇଥିଲେ । ସୂଚନାଯୋଗ୍ୟ, ବିଗତ ୫ ବର୍ଷ ମଧ୍ୟରେ ଭାରତର ତୈଳ ରାଷ୍ଟ୍ରାୟତ ଉଦ୍ୟୋଗ ଋଷର ତୈଳ କ୍ଷେତ୍ରରେ ଆମେରିକୀୟ ଟଙ୍କାରେ ୫.୫ ବିଲିୟନ ଡ଼ଲାର ପୁଞ୍ଜିନିବେଶ କରିଥିବା ବେଳେ ଋଷ କମ୍ପାନୀ ରୋଜନେଫ୍ଟ ଭାରତରେ ୧୩ ବିଲିୟନ ଡ଼ଲାର ପୁଞ୍ଜିନିବେଶ କରିଛି । ବିଶେଷ ଭାବରେ ଭାରତର ସର୍ବବୃହତ ବିଦେଶୀ ପ୍ରତ୍ୟକ୍ଷ ବିନିଯୋଗ ହୋଇଥିବା ଏସାର ବିଶୋଧନାଗାରକୁ ଭାରତକୁ ଆଣିବାରେ ଅଧିକ ପୁଞ୍ଜିନିବେଶ କରିଛି ରୋଜନେଫ୍ଟ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭାରତ ଏବଂ ଋଷ ମଧ୍ୟରେ ତୈଳ, ଗ୍ୟାସ ଏବଂ ଇସ୍ପାତ୍ ଦ୍ୱିପାକ୍ଷିକ ସହଯୋଗ ପାଇଁ ୨୦୧୯ ଅଗଷ୍ଟ ଏବଂ ଅକ୍ଟୋବର ମାସରେ ଋଷ ଗସ୍ତ କରିଥିଲେ ।

### ଗହୀରମଥା ଉପକୂଳରେ ବିରଳ....

ସାରା ବିଶ୍ୱର ଉପଲବ୍ଧ ହେଉଥିବା ଅଲଭିରିଡଲେ କଇଁଛଙ୍କ ମୋଟ ସଂଖ୍ୟାର ପ୍ରାୟ ୫୦ ପ୍ରତିଶତ ଗହୀରମଥାରେ ହିଁ ସମାଗମ ହୋଇଛନ୍ତି । ୧୯୯୭ ମସିହାରୁ ରାଜ୍ୟ ସରକାର ଗହୀରମଥାକୁ ସାମୁଦ୍ରିକ ଅଭୟାରଣ୍ୟ ଘୋଷଣା କରିଥିଲେ । କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ମେ' ୩୧ ଯାଏଁ ଗହୀରମଥା ସମୁଦ୍ର ଉପକୂଳ ଠାରୁ ୨୦ କି.ମି. ଯାଏଁ ମାଛଧରାକୁ ନିଷେଧ ଘୋଷଣା କରାଯାଇଛି । ଧାମରା ମୁହାଣ ଠାରୁ ଦେବୀ ମୁହାଁଣ ଯାଏଁ ବନବିଭାଗ ପକ୍ଷରୁ କଟକଣା ଜାରି କରାଯାଇଛି । ବନବିଭାଗ, କୋଷ୍ଟଗାର୍ଡ, ମତ୍ସ୍ୟବିଭାଗ ଓ ସାମୁଦ୍ରିକ ଥାନା ପକ୍ଷରୁ ମିଳିତ ପଦକ୍ଷେପ ନିଆଯାଉଛି । ଏଥିପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । କିନ୍ତୁ ଗହୀରମଥାରେ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । ଏଠାରେ ପ୍ରତିଦିନ ଶହ ଶହ ଟ୍ରଲର ବେଧଡକ ଭାବେ ମାଛ ମାରୁଛନ୍ତି । ବନବିଭାଗ ୫/୬ ଦିନରେ ଥରେ-ଦୁଇ ଥର ନାଁକୁ ମାତ୍ର ପାଟ୍ରୋଲିଂ କରି କାମ ସାରି ଦେଉଥିବାରୁ ବିରଳ କଇଁଛଙ୍କ ଏନ୍ତୁଡିଶାଳ ଏବେ ଶ୍ମଶାନ ପାଲଟିଛି ।

### ଧାନ ବିକ୍ରି କରିନପାରି .....

ସବୁ ଦୋଷ ଛଡେଇ ଦେଉଛନ୍ତି ସେବା ସମବାୟ ସମିତି କର୍ତୃପକ୍ଷ । ତେବେ ଯଦି ଟାର୍ଗେଟ ନଥିଲା ତେବେ ଚାଷୀଙ୍କୁ କାହିଁକି ଟୋକନ ଦିଆଯାଉଛି । ଯଦି ଟୋକନ ଦିଆଯାଉଛି, ତେବେ ସେମାନଙ୍କ ଧାନ କାହିଁକି କିଣା ହେଉନାହିଁ ସେନେଇ ପ୍ରଶ୍ନ ଉଠି । ଅନ୍ୟପଟେ ଧାନ ବିକ୍ରି କରିବା ଦାବିରେ ଚାଷୀମାନେ ରାସ୍ତାରୋକ କରିଥିବା ବେଳେ ପୁଲିସ ପହଂଚି ବୁଝାସୁଝା କରିଛି ।

## ବିଜେପି ଅବଦୁଲ୍ଲାକୁଟିଙ୍କୁ କେରଳର ମାଲାପୁରମ୍ ବିଧାନସଭା ଆସନରୁ ପ୍ରାର୍ଥୀ ଭାବେ ନାମିତ କଲା

ନୂଆଦିଲ୍ଲୀ,୦୮/୦୩ (ନି.ପ୍ର): ଭାରତୀୟ ଜନତା ପାର୍ଟି କେରଳ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ପ୍ରଥମ ତାଲିକା ପ୍ରକାଶ କରିଛି । ଦଳ ଏ.ପି. ଅବଦୁଲ୍ଲାକୁଟିଙ୍କୁ ରାଜ୍ୟର ମାଲାପୁରମ୍ ବିଧାନସଭା ଆସନରୁ ପ୍ରାର୍ଥୀ କରିଛି । ବିଜେପି କେନ୍ଦ୍ରୀୟ ନିର୍ବାଚନ କମିଟି ପ୍ରାର୍ଥୀଙ୍କ ନାମ ଉପରେ ଆଲୋଚନା କରିବା ପରେ ଅବଦୁଲ୍ଲାକୁଟିଙ୍କ ନାମରେ ମୋହର ଲଗାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, କେରଳ ବିଧାନସଭାରେ ୧୪୦ଟି ଆସନ ଅଛି ଏବଂ ଏଗୁଡ଼ିକ ୬ ଏପ୍ରିଲରେ ଭୋଟ୍ ଦିଆଯିବ ।

## କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା କବି ତଥା ଗାଳ୍ପିକ ହନିଫ ସାହାଙ୍କୁ ସମ୍ବର୍ଦ୍ଧନା



ଧାମନଗର,୦୮/୦୩ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ବୟାଁଡ଼ିହ ପଞ୍ଚାୟତ ନୂଆଗାଁ ଗ୍ରାମର ଯୁବ କବି ତଥା ଗାଳ୍ପିକ ମହମ୍ମଦ ହନିଫ ସାହାଙ୍କୁ ସାହିତ୍ୟ ସାଧନା ପାଇଁ କବି ଲେଖକ ପ୍ରତିଭା ସମ୍ମାନ ୨୦୨୧ ପ୍ରଦାନ କରାଯାଇଛି । ଏହି ଅବସରରେ ଗାନ୍ଧୀ ସ୍ମୃତି ଭବନ ପରିସରରେ କେଦାର ଭାରତୀ ଯୁବ ସାହିତ୍ୟ ସଂସଦ ବାଲେଶ୍ୱର ପକ୍ଷରୁ ଉକ୍ତ ସାପ୍ତାହିକ ସାହିତ୍ୟ ପତ୍ରିକାର ବାର୍ଷିକ ବିଶେଷାଙ୍କ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାଲେଶ୍ୱର ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧାମନଗର ଅଞ୍ଚଳର ଯୁବ କବି ତଥା ଗାଳ୍ପିକ ମହମ୍ମଦ ହନିଫ ସାହାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି । ପ୍ରକାଶ ଥାଉକି ମହମ୍ମଦ ହନିଫ ଗ୍ରାମାଞ୍ଚଳର ବ୍ୟକ୍ତି ହେଲେ ମଧ୍ୟ ସେ ତାଙ୍କର ଶିକ୍ଷା ସମାପ୍ତ ପରେ ରୋଗୀସେବା କରିବା ସହିତ ସାହିତ୍ୟ ପ୍ରତି ତାଙ୍କର ଆଦର ଓ ରୁଚି ରହିଥିବାବେଳେ ଜଣେ କବି ଓ ଗାଳ୍ପିକ ଭାବରେ ନିଶା ତାଙ୍କର କବିତା ଓ ଗଳ୍ପ ଲେଖିବା । ତାଙ୍କର ଲେଖା ଗୁଡ଼ିକ ବିଭିନ୍ନ ପତ୍ରପତ୍ରିକା ସମେତ ସୋଶିଆଲମିଡ଼ିଆରେ ବହୁଳ ଭାବରେ ଆଦୃତ ହୋଇଛି । ତାଙ୍କ ଲେଖନୀରେ ସେ ନିଖୁଣ ଭାବେ କବିତା ଦ୍ୱାରା ସମାଜରେ କୁସଂସ୍କାର ଦୂର କରି, ଜନସଚେତନା ସୃଷ୍ଟି କରିବା ଓ ଜର୍ଜରିତ ଦୁଃଖି ଗରିବଙ୍କ ଦୁଃଖ ଯନ୍ତଣା ସୁନ୍ଦର ଭାବରେ ମନଛୁଆଁ ଉପସ୍ଥାପନ କରି ହୃଦୟ କିଣି ନେଇଥାନ୍ତି । ସାହିତ୍ୟ ପ୍ରତି ଅମାପ ରୁଚି ଥିବା ଏହି ଜଣାଶୁଣା ସାହିତ୍ୟ ସ୍ରଷ୍ଟାଙ୍କୁ ବିଭିନ୍ନ ଅନୁଷ୍ଠାନରୁ ୫୦ରୁ ଉର୍ଦ୍ଧ୍ୱଥର ସମ୍ମାନିତ ଓ ସମ୍ବର୍ଦ୍ଧିତ କରାଯାଇଛି ।

## ଶିମିଳିପାଳ ଜଙ୍ଗଲରେ ନିଆଁରେ କୌଣସି ଜୀବଜନ୍ତୁଙ୍କର ହୋଇନାହିଁ କ୍ଷତି : ଜଙ୍ଗଲ ଓ ପରିବେଶ ମନ୍ତ୍ରୀ

ଭୁବନେଶ୍ୱର,୦୮/୦୩(ନି.ପ୍ର): ଶିମିଳିପାଳ ଜଙ୍ଗଲରେ ନିଆଁରେ କୌଣସି ଜୀବଜନ୍ତୁଙ୍କର କ୍ଷତି ହୋଇ ନାହିଁ ବୋଲି କହିଛନ୍ତି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ । ସେ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ - ୧୫ରୁ ଜୁନ୍ ୧୫ ଯାଏଁ ଥିବା ସମୟକୁ ଅଗ୍ନି ଋତୁ ବୋଲି କୁହାଯାଏ । ଏହି ସମୟରେ ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥାଏ । ଏହାକୁ ଲିଭାଇବା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ମଧ୍ୟ ବ୍ୟାପକ ବ୍ୟବସ୍ଥା ହାତକୁ ନିଆଯାଇଛି । ସେ କହିଛନ୍ତି ଯେ ଶିମିଳିପାଳରେ ଏକ ହଜାର ଚାରିଶହ ପଏଂଟରେ ନିଆଁ ଲାଗିଥିଲା । ଆଉ ଏହାକୁ ଆୟତ କରିବା ପାଇଁ ୧୧୭୫ ଜଣଙ୍କୁ ନିୟୋଜିତ କରାଯାଇଛି । ୨୯୫ଟି ଅଗ୍ନି ନିର୍ବାପକ ଯନ୍ତ୍ର ଯୋଗାଇ ଦିଆଯାଇଛି । ୩୫୯୧ କିଲୋମିଟର ଫାଇଲ ଲାଇନ ତିଆରି କରାଯାଇଛି । ୭ ଅଫିସରଙ୍କୁ ନୋଡାଲ ଅଫିସର ଭାବେ ନିୟୋଜିତ କରାଯାଇଛି । ୪୦ ଗାଡ଼ିକୁ ନିୟୋଜିତ କରାଯାଇଥିବା ସେ ସୂଚନା ଦେଇଛନ୍ତି । ସରକାର ସଚେତନ ଅଛନ୍ତି, ବିରୋଧୀ ଦଳ ପକ୍ଷରୁ ଆସିଥିବା ସମ୍ପୂର୍ଣ୍ଣ ଭିତିହୀନ ବୋଲି ସେ କହିଛନ୍ତି ।

## ସବୁଜ ଭାରତ ତରଫରୁ ବିଶ୍ୱ ମହିଳା ଦିବସ ପାଳିତ

ଭୁବନେଶ୍ୱର,୦୮/୦୩ (ନି.ପ୍ର): ସବୁଜ ଭାରତ ତରଫରୁ ସତ୍ୟଭାମାଦେବୀ ମୁକ ବଧିର ମହାବିଦ୍ୟାଳୟ ପରିସରରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି । ସବୁଜ ଭାରତର ସଭାପତି ସତ୍ୟବ୍ରତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ଅବାହକ ରବି ନାରାୟଣ ନନ୍ଦ ଯୋଗ ଦେଇ ମହିଳାମାନେ ନିଜର ହକ୍ ଓ ଅଧିକାର ପାଇଁ ଲଢେଇ କରିବା ସହ ପୁରୁଷ ସହ ତାଳ ଦେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ବିରଜା ଦେବୀ ଯୋଗଦେଇ ନାରୀ ହେଉଛି ଈଶ୍ୱରଙ୍କ ଅନବଦ୍ୟ ସୃଷ୍ଟି । ସେ ଶକ୍ତିରୂପିଣୀ ଜନ୍ମଦାତ୍ରୀ ଓ ସଂହାରର କାରଣ । ଜଣେ ନାରୀ କନ୍ୟା, ଭଗିନୀ, ଜାୟା ଓ ଜନନୀ ରୂପେ ବିବେଚିତ ହୋଇଥାଏ । ନାରୀମାନେ ଯେତିକି ସରଳ ବିଶ୍ୱାସୀ, ସେତିକି ଅପରିଣାମଦର୍ଶୀ ମଧ୍ୟ ଯାହାଦ୍ୱାରା ସେମାନେ ବହୁ ନିର୍ଯ୍ୟାତନା ଶିକାର ହେଉଛନ୍ତି । ତେଣୁ ନିଜର ହକ ଅଧିକାର ପାଇଁ ନାରୀମାନେ ଜାଗ୍ରତ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ନିରୋଜାଲକ୍ଷ୍ମୀ ମହାପାତ୍ର, ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ପ୍ରବୀର କୁମାର ମହାନ୍ତି, ଦୁର୍ଗା ସାମନ୍ତରାୟ ପ୍ରମୁଖ ଯୋଗଦେଇ ମହିଳା ଦିବସ ତାତ୍ପର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ସମାଜର ଉଲ୍ଲେଖନୀୟ ଅବଦାନ ପାଇଁ ସଂଘମିତ୍ରା ମହାପାତ୍ର, ସୁଶ୍ରୀ ସଙ୍ଗୀତା ନାୟକ, ସୁରେଖା ସାମଲ, ସୁଧା ପଟ୍ଟନାୟକ, ସୁଚିସ୍ମିତା ସାହୁ, ସଞ୍ଜୟ କୁମାର ଚୌଧୁରୀ, ଗାୟତ୍ରୀ ସାମନ୍ତ, ମନୀଷା ରାୟ, ମୀନୁ ମହାପାତ୍ର, ପ୍ରିୟଙ୍କା ଦାସ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସମାଜସେବୀ ହରପ୍ରସାଦ ମହାପାତ୍ର ପରିଚାଳନା କରିଥିଲେ ।

## ଜଳେଶ୍ୱର ବାର୍ ଆସୋସିଏସନ୍‌ର ପ୍ରାର୍ଥୀପତ୍ର ଦାଖଲ

ଜଳେଶ୍ୱର, ୮/୩ (ନିପ୍ର) : ସମଗ୍ର ରାଜ୍ୟରେ 'ଉଆନ୍ ବାର୍, ଉଆନ୍ ଭୋଟ' ନିତୀରେ ନିର୍ବାଚନ ହେଉଥିବା ପରିପ୍ରେକ୍ଷୀରେ ଆଜି ପ୍ରାର୍ଥୀପତ୍ର ଦାଖଲ ହୋଇଛି । ଏଥିରେ ସଭାପତି ଭାବେ ଅନୀଲ ପରିଡା, ରିତା ଭୋଇ, ଉପସଭାପତିଭାବେ ମନୋରଂଜନ ମିଶ୍ର, ମଳୟ ମହାନ୍ତି, ଘନଶ୍ୟାମ ସାହୁ, ଅରୂପ କୁମାର ଜେନା ପ୍ରମୁଖ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ସଂପାଦକଭାବେ ବିନୋଦ କୁମାର ସାହୁ, ଦେବକାନ୍ତ କାସ୍ତ, ତପନ କୁମାର ଦେ, ବିଜନ କୁମାର ଦେ, ବିନୟ କୁମାର ନନ୍ଦି, ଯୁଗ୍ମ ସଂପାଦକଭାବେ ସିଦ୍ଧାନ୍ତ ଦାସ, ବିନୟ କୁମାର ନନ୍ଦି, ସହସଂପାଦକଭାବେ ସୁଶାନ୍ତ ଦାସ,ଭାବନୀ ଶଂକର ଭଂଜ, ନିଗମାନନ୍ଦ ପାତ୍ର ତଥା କୋଷାଧ୍ୟକ୍ଷଭାବେ ବିନୋଦ କୁମାର ଗିରି, ସୁଶାନ୍ତ କୁମାର ଦାସ, ବ୍ୟମକେଶ ମଣ୍ଡଳ, ବିନୟ କୁମାର ନନ୍ଦି ଲାଇବ୍ରେରୀ ସେକ୍ରେଟାରୀ ଭାବେ ସୁଶାନ୍ତ କୁମାର ଦାସ, ଅଜିତ୍ କୁମାର ସୁର, ଭବାନୀ ଶଂକର ଭଂଜ, ସହକାରୀ ଲାଇବ୍ରେରୀ ସେକ୍ରେଟାରୀ ଦିଲ୍ଲିପ କୁମାର ମହାନ୍ତ, ଅରୂପ କୁମାର ଜେନା ମନୋନୟନପତ୍ର ଦାଖଲ କରିଥିବା ବେଳେ କାର୍ଯ୍ୟକାରୀ ସଦସ୍ୟଭାବେ ୧୪ଜଣ ମନେନୟନପତ୍ର ଦାଖଲ କରିଛନ୍ତି ବୋଲି ନିର୍ବାଚନ ଅଧିକାରୀ ଇସାକ୍ ବେଗ୍ ଓ ସହକାରୀ ନିର୍ବାଚନ ଅଧିକାରୀ ଅଶୋକ କୁମାର ବେଜ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି ।

## ଆନ୍ତଃଜିଲ୍ଲା କ୍ଲବ କ୍ରିକେଟ : ଚାନ୍ଦବାଲି ସ୍ପୋର୍ଟସ୍ ଏକାଡେମୀ ବିଜୟୀ

ଭଦ୍ରକ,୦୮/୦୩(ନି.ପ୍ର): ଚରମ୍ପା ରେଲୱେ ଗ୍ରାଉଣ୍ଡରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲରେ 'ଭିଜନ -୨୦୨୪' ଜିଲ୍ଲା କ୍ରିକେଟ ଆସୋସିଏସନ ଦ୍ୱାରା ଅନୁଷ୍ଠିତ ହେଉଥିବା ଆନ୍ତ ଜିଲ୍ଲା କ୍ଲବ କ୍ରିକେଟର ଆଜିର ମ୍ୟାଚରେ ଚାନ୍ଦବାଲି ସ୍ପୋଟ୍ସ୍ ଏକାଡେମୀ ବିଜୟୀ ହୋଇଛି । ଆଜିର ମ୍ୟାଚ ସୂର୍ଯ୍ୟଶିଖା କ୍ରିକେଟ କ୍ଲବ ଓ ଚାନ୍ଦବାଲି ସ୍ପୋଟ୍ସ୍ ଏକାଡେମୀ (ସିଏସ୍ଏ) ମଧ୍ୟରେ ଖେଳା ଯାଇଥିଲା । ସିଏସ୍ଏ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ଦଳ



ନିର୍ଦ୍ଧାରିତ ୪୦ ଓଭରରେ ୯ ଉଇକେଟ ହରାଇ ୨୩୧ରନ କରିଥିଲା । ଦଳ ପକ୍ଷରୁ କୌଶିକ କୁମାର ନାୟକ ୯୩ ରନ ଓ ଶଶାଙ୍କ ଶେଖର ଦାଶ ୨୮ ରନ କରିଥିଲେ । ସୂର୍ଯ୍ୟଶିଖା ପକ୍ଷରୁ ମୃତ୍ୟୁଞ୍ଜୟ ରାଉତ, ଆଶିଷ କୁମାର ମହାପାତ୍ର, ମୟଙ୍କ ଜୟସ୍ୱାଲ ପ୍ରତ୍ୟେକେ ୨ଟି ଲେଖାଏଁ ଉଇକେଟ ନେଇଥିଲେ । ଦ୍ୱିତୀୟ ଇନିଙ୍ଗ୍ସରେ ବ୍ୟାଟିଂ କରି ସୂର୍ଯ୍ୟଶିଖା କ୍ଲବ ଘୋର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୨୪.୫ ଓଭରରେ ୯ ଉଇକେଟ ହରାଇ ମାତ୍ର ୬୯ରନ କରିବାକୁ ସକ୍ଷମ ହୋଇଥିଲା । ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ରାଉତ ଓ ମୁକେଶ କୁମାର ମଲ୍ଲିକ ଦୁଇ ଅଙ୍କରେ ପହଞ୍ଚି ଉଭୟେ ୧୧ରନ ଲେଖାଏଁ କରିଥିଲେ । ସିଏସ୍ଏ ପକ୍ଷରୁ ଅଭିଜିତ ମହାରଣା ଓ ସୌମ୍ୟ ରଂଜନ ପାଢୀ ଦୁଇଟି ଲେଖାଏଁ ଉଇକେଟ ନେଇଥିଲେ । ସିଏସ୍ଏ ଉକ୍ତ ମ୍ୟାଚକୁ ୧୬୨ ରନରେ ଜିତିଥିଲା । କୌଶିକ କୁମାର ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ମ୍ୟାଚକୁ ଲଲାଟ କେଶରୀ ନନ୍ଦ, ସାର୍ଥକ ବିଶ୍ୱାଳ, ପ୍ରଦିପ କୁମାର ନାୟକ ଅମ୍ପାୟାର ଭାବେ ପରିଚାଳନା କରିଥିଲେ ।

## ପାରାଦୀପ ସାକ୍ଷରତା ସମିତି ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ



ପାରାଦୀପ, ୦୮/୦୩ : ପାରାଦୀପ ସାକ୍ଷରତା ସସମିତି ପକ୍ଷରୁ ସମିତିର କାର୍ଯ୍ୟାଳୟ ପରିସରରେ ସମ୍ପାଦକ ଶ୍ରୀଯୁକ୍ତ ରରାମଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆନ୍ତାର୍ଜାତିକ ମହିଳା ଦିବସ ଉପଲକ୍ଷେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପାରାଦୀପ ବନ୍ଦରର ସିଏମ୍‌ଇ ଇଂ ସରୋଜ କୁମାର ଦାସ ମୁଖ୍ୟ ଅତିଥି , ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ପ୍ରହ୍ଲାଦ ପଣ୍ଡା, ମୁଖ୍ୟବକ୍ତା ଡେପୁଟି ସିଏମ୍‌ଇ ଇଂ ଦୀପକ କୁମାର ରଥ, ଡା. ଶେଲି ପ୍ରିୟା, ଡା. ରୁନୁ ସିଂ, ଇଂ ବବୁଲ୍ ସିକ୍‌ଦାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଜ ଦେଇ ଆନ୍ତର୍ଜାତିକ ମହିଳା ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ବିଶାଦ୍ ଭାବରେ ଆଲୋଚନା କରିଥିଲେ । ଏହି ଅବସରରେ କୋଭିଡ୍-୧୯ ସମୟରେ ଉଲ୍ଲେଖନୀୟ ସେବା କାର୍ଯ୍ୟ ପାଇଁ ଡା. ଶେଲି ପ୍ରିୟା, ଡା. ରୁନୁ ସିଂ, ଶ୍ରୀ ଚୁନିଲାଲ୍ ଦାସ୍ ଓ ଶ୍ରୀ ମୁରଲୀଧର ବେହେରାଙ୍କୁ ଅତିଥି ମାନେ ସାକ୍ଷରତା ସମିତି ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ସ୍ଥାନୀୟ ମହିଳା ସମିତି ଓ ଏସ୍‌ଏଚ୍‌ଜିର ସଦସ୍ୟା ମାନଙ୍କ ମଧ୍ୟରେ ପୂର୍ବରୁ ନୁଷ୍ଠିତ ବକ୍ତୃତା, କବିତା ଆବୃତ୍ତି, ଖବରକାଗଜ ପଠନ, ସ୍ଲୋଗାନ୍ ଲିଖନ ଓ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ବିତରଣ କରିଥିଲେ । ମହିଳା ସଶକ୍ତିକରଣ ଦିଗରେ ପାରାଦୀପ ସାକ୍ଷରତା ସମିତିର ବିଭିନ୍ନ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସମିତିର ମହିଳା ସହପ୍ରକଳ୍ପ ସଂଯୋଜିକା ମାନଙ୍କୁ ପାରାଦୀପ ଲେଡିଜ୍ କ୍ଲବ ତରଫରୁ ଶ୍ରୀମତୀ ଅଳକା ଦାସ, ଶ୍ରୀମତୀ ସବିତା ପଣ୍ଡା, ଶ୍ରୀମତୀ ପ୍ରୀତି ସୋଦ୍ଧି, ଶ୍ରୀମତୀ ପ୍ରୀତି ଆରତି ପରିଜା, ଶ୍ରୀମତୀ ସ୍ମିତା ରଥ ପ୍ରମୁଖ ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚରେ ଉପସ୍ଥିତ ରହି ଭୂୟସର ପ୍ରଶଂସା କରିବା ସହ ଉପହାର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ସମିତିର ପ୍ରକଳ୍ପ-ସଂଯୋଜିକ ଅଶୋକ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଜୟ, ହୃଦାନନ୍ଦ ଓ ସୁଚିତ୍ରାଙ୍କୁ ସୃଜନ ସମ୍ମାନ

ଭଦ୍ରକ,୦୮/୦୩ (ନି.ପ୍ର): ଯାଜପୁର ସ୍ଥିତ ଜାରକାଠାରେ ଅନୁଷ୍ଠିତ ଗୋକର୍ଣ୍ଣିକା ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ୪୭ତମ ବାର୍ଷିକୋତ୍ସବରେ ସଂସ୍କୃତି ବିଭାଗର ପ୍ରାକ୍ତନ ସଚିବ କଥାକାର ବିଜୟ ନାୟକଙ୍କୁ ସମ୍ମାନଜନକ 'ଗୋକର୍ଣ୍ଣିକା ସମ୍ମାନ' ସମ୍ମାନ ଏବଂ ପ୍ରାଧାପିକା କବୟିତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କୁ 'ଗୋକର୍ଣ୍ଣିକା କବିତା' ସମ୍ମାନ ପ୍ରଦାନ କରାଯାଇଛି । ଜାରକା କଳ୍ପତରୁ ଷ୍ଟାଡିୟମ୍‌ରେ ଗୋକର୍ଣ୍ଣିକାର ସମ୍ପାଦକ କବି ରମାକାନ୍ତ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତ ବିଭାଗ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବିଶିଷ୍ଟ



କବି ଫନୀ ମହାନ୍ତି, ଓଡ଼ିଶା ସାହିତ୍ୟ ଏକାଡେମୀ କାର୍ଯ୍ୟକାରୀ କମିଟ ସଦସ୍ୟ ଡ. ନୃସିଂହ ଷଡଙ୍ଗୀ, ଅର୍ଥନୀତି କମିଟି ସଦସ୍ୟା ରୀତାରାଣି ନାୟକ, କଥାକାର ବିଜୟ ନାୟକ ଏବଂ ଗାଳ୍ପିକ ପବିତ୍ର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ସେମିତି ଯାଜପୁରର ବରୁଣେଶ୍ୱର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ଐତିହ୍ୟ ସମ୍ପନ୍ନ ଅଖିଳଚକ୍ର ସାରସ୍ୱତ ଅନୁଷ୍ଠାନର ରାଜ୍ୟସ୍ତରୀୟ ଉତ୍ସବରେ ଅବସରପ୍ରାପ୍ତ ପ୍ରାଧାପକ କବି ହୃଦାନନ୍ଦ ପାଣିଗ୍ରାହୀଙ୍କୁ 'ଅଖିଳଚକ୍ର ସମ୍ମାନ' ଓ କବି ସୁଚତ୍ରା ପାଣିଗ୍ରାହୀଙ୍କୁ 'କବି ରବୀନ୍ଦ୍ର ପାଢୀ ଅଖିଳଚକ୍ର କବିତା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଛି । ଉତ୍ସବରେ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି କୁମରବର ଦାସ, ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା, କବି ହୃଦାନନ୍ଦ ପାଣିଗ୍ରାହୀ, କବି ଶ୍ରୀହରି ଧଳ, କଥାଶିଳ୍ପୀ ପବିତ୍ର ପାଣିଗ୍ରାହୀ ଓ ଅଖିଳଚକ୍ର ରାଜ୍ୟ ସଭାପତି ରାଜ୍ୟବର୍ଦ୍ଧନ ଧଳମହାପାତ୍ର ପ୍ରମୁଖ ଅତିଥି ଭାବେ ସଭାମଣ୍ଡନ କରିଥିଲେ । ଭଦ୍ରକର ଏହି ବରିଷ୍ଠ ସାରସ୍ୱତ ସାଧକ-ସାଧିକାତ୍ରୟୀଙ୍କୁ ଏଥିପାଇଁ ଭଦ୍ରକ ତଥା ରାଜ୍ୟର ବହୁ ଲେଖକ ଲେଖିକା ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।


GOVERNMENT OF ODISHA
DEPARTMENT OF WATER RESOURCES
Office of the Executive Engineer,
Jambhira Canal Division, Morada

**Mail- eejcdivisionmorada@gmail.com**

Tender Call Notice No.– 08 / 2020-21 of EE, J. C. Division, Morada

| | | |
|---|---|---|
| i | Name of Work | 1.Repair & Restoration of Service Bank from RD 75085m to RD 76630m of Jambhira Left Main Canal with Pot Hole filling and moorum spreading<br>2. Repair & Restoration of Service Bank from RD 76630m to RD 78340m of Jambhira Left Main Canal with Pot Hole filling and moorum spreading |
| ii | Estimated Cost | 1. Rs 4.91 lakh<br>2. Rs 4.79 lakh |
| iii | Period of Completion | 3 calendar months |
| iv | Availability of bid documents in single cover in specified box kept in **the O/O the Executive Engineer, Jambhira Canal Division, Morada** | 08.03.2021 at 10.00 AM to 15.03.2021 at 3.00 PM |
| v | Last date for receipt of bids | 15.03.2021 up to 4.00PM |
| vi | Date of opening of Bid | 15.03.2021 at 4.30PM |
| vii | Name & Address of the O.I.T | Executive Engineer, O/O the EE, Jambhira Canal Division, Morada, Mayurbhanj |

**OIPR : 32200/11/0009/2021**

**Executive Engineer,
Jambhira Canal Division,
Morada**

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ

ବାଲେଶ୍ୱର,୦୮/୦୩ (ନି.ପ୍ର): ଜିଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ସୋମବାର ପାଳିତ ହୋଇଯାଇଛି। ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଧ୍ୟକ୍ଷତା ପରିବାର ଓ ସମାଜ ପାଇଁ ମହିଳାଙ୍କ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। କୋଭିଡ ଭୟାବହନତା ସମୟରେ ଏହାର ମୁକାବିଲା ପାଇଁ ଯେଉଁ ମଡେଲ୍ ପ୍ରସ୍ତୁତ ହୋଇଥିଲା ତାହା ଆମ ଆଶା ଦିଦି, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ଆଖି ଆଗରେ ରଖି ପ୍ରସ୍ତୁତ ହୋଇଥିଲା । ସେମାନଙ୍କ ଉତ୍ସର୍ଗୀକୃତ ସେବା ପାଇଁ ଆମେ କୋଭିଡ୍ ମୁକାବିଲାରେ ସଫଳ ହୋଇପାରିଥିବା ସେ ପ୍ରକାଶ କରିଥିଲେ । ସେମାନଙ୍କ କାର୍ଯ୍ୟଧାରାକୁ ଜିଲାପାଳ ଶ୍ରୀ ଚକ୍ରବର୍ତ୍ତୀ ଉଚ୍ଚ ପ୍ରଶଂସା କରିଥିଲେ । ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ନିବେଦିତା ମହାନ୍ତି ଯୋଗ ଦେଇ ମା' ଓ ଭଉଣୀମାନଙ୍କ ପାଖରେ ଯେଉଁ ପ୍ରତିଭା, ଦକ୍ଷତା ଓ ସାହସିକତା ରହିଛି ତାହାକୁ ଆଗକୁ ଆଣିବା ଏବଂ ସବୁ କ୍ଷେତ୍ରରେ ସେମାନଙ୍କୁ ପ୍ରୋତ୍ସାହନ ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ଆଜି ମହିଳାମାନେ ମହାକାଶକୁ ଯାତ୍ରା କରିବା ପାଇଁ ସକ୍ଷମ ହୋଇଥିବା ବେଳେ ମାତୃଶକ୍ତିକୁ ସମସ୍ତ ଶକ୍ତିର କେନ୍ଦ୍ରସ୍ଥଳୀ ଭାବେ ସେ ବର୍ଣ୍ଣନା କରିଥିଲେ। ମହିଳାମାନଙ୍କର ଯେଉଁ ତ୍ୟାଗ ଓ ସେବା ମନୋଭାବ ରହିଛି ତାହାର ସେ ପ୍ରଶଂସା କରିବା ସହିତ ପରିବାରରେ ଶାନ୍ତି ପ୍ରତିଷ୍ଠା ପାଇଁ ସେମାନଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଜିଲ୍ଲାସ୍ତରୀୟ ସ୍ଥାନୀୟ ଅଭିଯୋଗ କମିଟିର ଅଧ୍ୟକ୍ଷା ଚାରୁଲତା ପଟ୍ଟନାୟକ ଯୋଗ ଦେଇ ମହିଳାମାନେ ପୁରୁଷମାନଙ୍କ ଠାରୁ ଅଧିକ ଦାୟିତ୍ୱବାନ ଓ କର୍ତ୍ତବ୍ୟପରାୟଣ ହୋଇଥିବା ବେଳେ ମହିଳାମାନେ ନିଜ ଅଧିକାର ପାଇଁ ସ୍ୱତଃ ପ୍ରବୃତ ଭାବେ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ନାୟକ, ପିଡି ଡିଆରଡିଏ ରବୀନ୍ଦ୍ର କୁମାର ସାହୁ, ଉପଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କର ଯେଉଁ ଅବଦାନ ରହିଛି, ଯେଉଁ ସବୁ କ୍ଷେତ୍ରରେ ମହିଳାମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇପାରିଛନ୍ତି ସେ ସବୁ ଉପରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ।

# ଉଠା ଦୋକାନୀ ଉଚ୍ଛେଦ ବିରୋଧରେ ପଥ ବିକ୍ରେତା ସଂଘର ବିକ୍ଷୋଭ




ବାଲେଶ୍ୱର,୦୮/୦୩ (ନି.ପ୍ର): ସହର ରାସ୍ତାପାର୍ଶ୍ୱରୁ ବାଲେଶ୍ୱର ପୌରପାଳିକାର ଉଠା ଦୋକାନ ଉଚ୍ଛେଦ ପ୍ରତିବାଦରେ ଓଡ଼ିଶା ପଥ ବିକ୍ରେତା ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଓ ହୋଇଯାଇଛି। ସହରର ସମସ୍ତ ଉଠାଦୋକାନୀ ବ୍ୟବସାୟ ବନ୍ଦ ରଖିବା ସହ ଗାନ୍ଧିସ୍ମୃତି ଭବନ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ଓଡ଼ିଶା ପଥ ବିକ୍ରେତା ସଂଘର ରାଜ୍ୟ ସଭାପତି ଜୟନ୍ତ ଦାସ ଯୋଗଦେଇ ବାଲେଶ୍ୱର ଜିଲା ପ୍ରଶାସନ ଓ ପୌର କର୍ତ୍ତୃପକ୍ଷଙ୍କ ବିବିକେହୀନ କାର୍ଯ୍ୟଧାରାକୁ କଡ଼ା ସମାଲୋଚନା କରିଥିଲେ। ତତ୍କାଳୀନ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରୟ ମିନିୟମ ଆଇନ-୨୦୧୪କୁ ପୌର କର୍ତ୍ତୃପକ୍ଷ ଖୋଲା ଉଲଂଘନ କରି ଚାଲିଥିବା ସେ କହିଛନ୍ତି। ସବୁଠାରୁ ବଡ଼କଥା ହେଲା ଉଚ୍ଛେଦ ପଥ ବିକ୍ରେତାଙ୍କୁ ଥଇଥାନ ପରେ ଉଚ୍ଛେଦ ପାଇଁ ରାଜ୍ୟ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବି ପ୍ରଶାସନ ଅବମାନନା କରି ଚାଲିଛନ୍ତି ବୋଲି ସେ ଆରୋପ ଉଠାଇଛନ୍ତି। ଏମିତିକି କରୋନା ବେଳେ ସରକାରଙ୍କ ପକ୍ଷରୁ ଉଠାଦୋକାନୀଙ୍କୁ ଯୋଗାଇ ଦିଆଯାଇଥିବା ରିଲିଫ ଅର୍ଥ ବା ଆର୍ଥିକ ସହାୟତାକୁ ପୌର କର୍ତ୍ତୃପକ୍ଷ ଚଳୁ କରିଦେଇଥିବା ଶ୍ରୀ ଦାସ କହିଛନ୍ତି। ଉଚ୍ଛେଦ ଉଠା ଦୋକାନୀଙ୍କୁ ତୁରନ୍ତ ଥଇଥାନ କରିବା, ଉଚ୍ଛେଦ ପୂର୍ବରୁ ଭେଣ୍ଡିଂ କମିଟି ବୈଠକରେ ପ୍ରସ୍ତାବ ଅନୁମୋଦନ କରିବା, ସମସ୍ତ ଉଠା ଦୋକାନୀଙ୍କୁ କରୋନା ରିଲିଫ ଅର୍ଥ ପ୍ରଦାନ ଓ ଋଣ ପ୍ରଦାନ ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ନତୁବା ଆଗାମୀ ଦିନରେ ପଥ ବିକ୍ରେତା ସଂଘ ତୀବ୍ର ଆନ୍ଦୋଳନକୁ ଓହ୍ଲାଇବ ବୋଲି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି। ଏହି ପ୍ରତିବାଦ ସଭାରେ ସଂଗଠନର ଟାଉନ ଉପ-ସଭାପତି ଆବିଦ ଖାନ ପୌରୋହିତ୍ୟ କରିଥିବା ବେଳେ ସାଧାରଣ ସମ୍ପାଦକ ମୋହିନୀ ମୋହନ ପରିଡ଼ା ବିଭିନ୍ନ ଦାବି ସମ୍ପର୍କରେ ସୂଚନା ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଟାଉନ ଭେଣ୍ଡିଂ କମିଟି ସଦସ୍ୟ ଟିପିରି ସିଂ ଓ ରାମଚନ୍ଦ୍ର ପରିଡ଼ା, ସହସମ୍ପାଦିକା ଅଭିରାମ ପରିଡ଼ା, ତପନ ସିଟ, ଦେବେନ୍ଦ୍ର ଜେନା, ରାଜେଶ ପଣ୍ଡା, ଦିବାକର ଜେନା, ରାମକୃଷ୍ଣ ଦାସ, ଶେଖ ଇସଲାମ, ମନୋଜ ରଠୋର, ପୂର୍ଣ୍ଣଚନ୍ଦ୍ର ଦାସ, ଶେଖ ରିୟାଜ ପ୍ରମୁଖ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା.ହର୍ଷବର୍ଦ୍ଧନଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ଚିଠି



ନୂଆଦିଲ୍ଲୀ/ଭୁବନେଶ୍ୱର,୦୮/୦୩ (ନି.ପ୍ର): ଦେଶରେ ୪ଟି ଜାତୀୟ ଭୂତାଣୁ ବିଜ୍ଞାନ ସଂସ୍ଥାନ(ଏନଆଇଭି) ପ୍ରତିଷ୍ଠା କରିବା ପାଇଁ ଚଳିତ ସାଧାରଣ ବଜେଟରେ ଘୋଷଣା କରାଯାଇଥିବା ବେଳେ ଏଥିମଧ୍ୟରୁ ଗୋଟିଏ ସଂସ୍ଥାନ ଭୁବନେଶ୍ୱର ଠାରେ ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଦେଶର ଆୟୁର୍ବିଜ୍ଞାନ ଏବଂ ବିକାଶ ସଂସ୍ଥାନ ଯଥା ପୁନେ ସ୍ଥିତ ଜାତୀୟ ଭୂତାଣୁ ବିଜ୍ଞାନ ସଂସ୍ଥାନ କରୋନା ମହାମାରୀ ସହ ଲଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ଏହିପରି ଭୂତାଣୁ ଉତ୍ପନ୍ନ ହେବାର ସମ୍ଭାବନା ରହିଛି । ତେଣୁ ମାନବ ସମାଜକୁ ପ୍ରଭାବିତ କରୁଥିବା କରୋନା ମହାମାରୀ ଭଳି ଭୂତାଣୁ ଗୁଡିକ ସହ ଲଢ଼ିବା ପାଇଁ ପଦକ୍ଷେପ ସ୍ୱରୂପ ଚଳିତ ସାଧାରଣ ବଜେଟରେ ଦେଶରେ ଅତିରିକ୍ତ ୪ଟି ଜାତୀୟ ଭୂତାଣୁ ବିଜ୍ଞାନ ସଂସ୍ଥାନ ପ୍ରତିଷ୍ଠା କରିବା ପାଇଁ ଘୋଷଣା କରାଯାଇଛି । ପୂର୍ବ ଭାରତରେ ଆୟୁର୍ବିଜ୍ଞାନ ଗବେଷଣା ଓ ଶିକ୍ଷା କ୍ଷେତ୍ରରେ ଭୁବନେଶ୍ୱର ଏକ ପ୍ରମୁଖ ସହର ଭାବରେ ଉଭା ହୋଇଛି । ଭୁବନେଶ୍ୱରରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ(ଏମ୍ସ), ଜୀବ ବିଜ୍ଞାନ ସଂସ୍ଥାନ(ଆଇଏଲଏସ), ଆଇସିଏମଆର-ଆଂଚଳିକ ଆୟୁର୍ବିଜ୍ଞାନ ଗବେଷଣା କେନ୍ଦ୍ର ଏବଂ ଇଂଟରନ୍ୟାସନାଲ ସେଂଟର ଫର୍ ଫୁଟ୍ ଏଣ୍ଡ ମାଉଥ୍ ଡିଜିଜ୍(ଆଇସିଏଆର-ଆଇସିଏଫଏମଡି) ଭଳି ବିଶ୍ୱସ୍ତରୀୟ କେନ୍ଦ୍ର ଗୁଡିକ ରହିଛି। ତେଣୁ ଭୌଗଳିକ ଅବସ୍ଥିତି ଏବଂ ଦକ୍ଷପୂର୍ଣ୍ଣ ମାନବସମ୍ବଳ ଦୃଷ୍ଟିକୋଣରୁ ଭୁବନେଶ୍ୱର ପ୍ରସ୍ତାବିତ ୪ଟି ଜାତୀୟ ଭୂତାଣୁ ବିଜ୍ଞାନ ସଂସ୍ଥାନ ମଧ୍ୟରୁ ଗୋଟିଏ ପ୍ରତିଷ୍ଠା ହେବାର କ୍ଷମତା ରଖିଛି ।

# ଓଟି ରୋଡ୍‌ରେ ବାଇକ୍ ସହ ଟେମ୍ପୋ ଧକ୍କା : ୧ ମୃତ

ଜଳେଶ୍ୱର, ୮/୩ (ନିପ୍ର) : ରବିବାର ରାତି ୮ଟାରେ ଗୋବରଘଟା ଗାଁର ଗୋପିନାଥ ଗିରି (୨୮) ଓ ଅଜୁ ଗିରି (୨୨) ଜଳେଶ୍ୱରରୁ ନିଜଘର ଗୋବରଘଟାକୁ ଫେରୁଥିବା ବେଳେ ପଶ୍ଚିମବଂଗ ଆଡୁ ଆସୁଥିବା ଏକ ମାଲବୋଝେଇ ଟେମ୍ପୋ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଓଟିରୋଡର ଚନ୍ଦନା ନିକଟରେଏହି ଧକ୍କା ହେବା ଫଳରେ ବାଇକ୍ ଆରୋହୀ ଗୋପିନାଥ ଗିରିର ଗୋଡ ଭଂଗିଯିବା ସହିତ ଗୁରୁତର ହୋଇଥିଲା । ତାଙ୍କୁ ତୁରନ୍ତ ଅଗ୍ନିସମ ବିଭାଗ ଦ୍ୱାରା ଜିକେଭଟର ହସ୍‌ପିଟାଲକୁ ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ତାର କଟା ଗୋଡ ସହ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ତାର ମୃତ୍ୟୁଘଟିଥିବା ପରିବାର ସୂତ୍ରରୁ ପ୍ରକାଶ । ଦୁର୍ଘଟଣାଗ୍ରସ୍ତ ୨ଟି ଯାକ ଗାଡିକୁ ପୁଲିସ୍ ଜବତ୍ କରିଛି ।

# ନିଆଁ ଗିଳିଦେଲା ୫ବଖରା ଘର

ଧାମନଗର,୦୮/୦୩ (ନି.ପ୍ର): ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଖଦାଳସାହି ଗ୍ରାମର ରତ୍ନାକର ରାଉତଙ୍କ ଘରେ ରବିବାର ରାତିରେ ଅଗ୍ନିକାଣ୍ଡ ଘଟି ୫ବଖରା ଘର ଭସ୍ମିଭୁତ ହୋଇଛି। ଏହି ଅଗ୍ନିକାଣ୍ଡରେ ରତ୍ନାକରଙ୍କର ଘରର ସମସ୍ତ ଆସବାବପତ୍ର ସହ ଖାଦ୍ୟସାମଗ୍ରୀ ସମ୍ପୁର୍ଣ୍ଣ ପୋଡ଼ି ନଷ୍ଟ ହୋଇଯାଇଛି। ଅଗ୍ନିକାଣ୍ଡ ରପ୍ରକୃତ କାରଣ ଜଣାପଡ଼ିନଥିବାବେଳେ ଖବର ପାଇ ଧାମନଗର ଦମକଳ ବାହିନୀ ଘଟଣା ସ୍ଥଳରେ ପହଂଚି ନିଆଁକୁ ଆୟତ୍ତ କରିଥିବାବେଳେ ସେତବେଳକୁ ରତ୍ନାକରଙ୍କର ୫ବଖରା ଘରକୁ ନିଆଁ ଗିଳିଦେଇଥିଲା। ଏ ଦୁଃଖଦ ଖବରପାଇ ସୋମବାର ସକାଳେ ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ସ୍ଥାନୀୟ ସରପଞ୍ଚ ଜୟନ୍ତୀ ନାୟକ, ସମିତିସଭ୍ୟ ହରେକୃଷ୍ଣ ପାଢୀ, ପୂର୍ବତନ ସରପଞ୍ଚ ସୁବାଶ ମହାକୁଡ଼, ସୁଶାନ୍ତ ପଣ୍ଡା, ପୂର୍ବତନ ସମିତିସଭ୍ୟ ଶ୍ରୀକାନ୍ତ ନାୟକ ପ୍ରମୁଖ ଘଟଣା ସ୍ଥଳରେ ପହଂଚି ଅଗ୍ନିବିପର୍ଣ୍ଣଙ୍କୁ ସମବେଦନା ଜଣାଇବା ସହ ସରକାରୀ ସାହାର୍ଯ୍ୟ ଯୋଗାଇ ଦେବାପାଇଁ ଶ୍ରୀ ମଣ୍ଡଳ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଅସରାଳି ରାଜସ୍ୱ ନୀରିକ୍ଷକ ଘଟଣା ସ୍ଥଳରେ ପହଂଚି ବିପର୍ଣ୍ଣ ପରିବାରଙ୍କୁ ପଲିଥିନି ଯୋଗାଇ ଥିବାବେଳେ ଅନ୍ୟାନ୍ୟ ସରକାରୀ ସାହାର୍ଯ୍ୟ ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ତୁରନ୍ତ ରିପୋର୍ଟ ଦେବେବୋଲି କହିଛନ୍ତି।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ପାଳିତ




ଭଦ୍ରକ,୦୮/୦୩ (ନି.ପ୍ର): ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ମହିଳା ଦିବସ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ ଶୋଭାଯାତ୍ରାରେ ଶତାଧିକ ମହିଳା ସଂସ୍କୃତି ଭବନ ପରିସରରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ସ୍ୱଧାର ଗୃହର ଅନ୍ତେବାସୀମାନେ ଯୋଗ ଦେଇଥିଲେ। ଅନୁଷ୍ଠିତ ସଭାରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ତିଳୋତ୍ତମା ମହାପାତ୍ର ଅଧକ୍ଷତା କରିଥିବା ବେଳେ ଜିଲ୍ଲାପାଳ ଡ. ଜ୍ଞାନ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲିଙ୍ଗଗତ ସମାନତାକୁ ପ୍ରାଧାନ୍ୟ ଦେଇ ବକ୍ତବ୍ୟ ରଖିଥିଲେ। କର୍ମକ୍ଷେତ୍ରରେ ମହିଳାମାନଙ୍କୁ ସମାନ ପାରିଶ୍ରମିକ ମିଳିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସଭାରେ ବାସୁଦେବପୁରର ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ, ତିହିଡ଼ି ବ୍ଲକର ଶ୍ରୀ ଗଣେଶ ସ୍ୱୟଂ ଗୋଷ୍ଠୀ ଏବଂ ଚାନ୍ଦବାଲି ବ୍ଲକର ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବିଭିନ୍ନ କାର୍ଯ୍ୟର ସଫଳତା ଏବଂ କୋଭିଡ଼ ସମୟରେ ସହଯୋଗିତା ପାଇଁ ୧୫ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଏହାଛଡ଼ା ସର୍ବଶ୍ରେଷ୍ଠ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀଙ୍କୁ ନିଜୟ ସର୍ବଶ୍ରେଷ୍ଠ କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଥିଲା।

# ମହିଳା କଂଗ୍ରେସ ପକ୍ଷରୁ ଆମ୍ବଳିଅଠାରେ ରକ୍ତଦାନ ଶିବିର



ଜଳେଶ୍ୱର,୦୮/୦୩ (ନି.ପ୍ର): ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଆମବଳିଅଠା ସ୍କୁଲ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ରକ୍ତାଦାନ ଶିବିରରେ କେବଳ ମହିଳାମାନେ ରକ୍ତଦାନ କରିଥିବାରୁ ସାଧାରଣରେ ପ୍ରଶଂସା ପ୍ରକାଶ ପାଇଛି । ଏହି ରକ୍ତଦାନ ଶିବିରକୁ ସରପଂଚ ଦିପାଳୀ ଜେନା ଓ ନାରୀ ନେତ୍ରୀ ରାଧାରାଣୀ ପାତ୍ର ମିଳିତଭାବେ ଉଦ୍‌ଘାଟନ କରିଥିଲେ । ଡା. ମହେଶ କୁମାର ବିଶ୍ୱାଳ, ବିଜୟ କୁମାର ପଟ୍ଟନାୟକ, ସ୍ୱାତି ସୁଚରିତା ରାଜ ପ୍ରମୁଖ ରକ୍ତ ଗ୍ରହଣରେ ସହାୟତା କରିଥିବା ବେଳେ ଜିଲା ରକ୍ତଦାତା ସଂଘର ସଭାପତି କମଳ ଚକ୍ରବର୍ତ୍ତୀ, କଂଗ୍ରେସ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ସୁଦାମ ପାତ୍ର, ବିଭୁରେନ୍ଦ୍ର ଦେ, ସୁବିର ଜେନା, ଉତ୍ତମ କର, ହେମନ୍ତ ଗିରି, ଚିତ୍ତରଂଜନ ପରିଡା, ସୁଶାନ୍ତ ଦେ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ମୋଟ ୨୯ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା ।

# ପିସିସି ସଭାପତି ୧୦ ତାରିଖ ଦିନ କୁଟିଆ ଅଂଚଳ ଗସ୍ତ କରିବେ

ଭୁବନେଶ୍ୱର,୦୮/୦୩ (ନି.ପ୍ର): ଗତ ମାସ ୧୩ ତାରିଖରେ କୋରାପୁଟ ଜିଲ୍ଲାର କୁଟିଆ ଅଂଚଳରେ ଆନ୍ଧ୍ର ପ୍ରଦେଶ ସରକାର ଅତ୍ୟନ୍ତ ଅଗଣତାନ୍ତ୍ରିକ ଭାବରେ ପଂଚାୟତ ନିର୍ବାଚନ କରିଛନ୍ତି। ଯାହା ଆମ ରାଜ୍ୟ ପାଇଁ ଏକ ନିନ୍ଦନୀୟ ଓ ଲଜ୍ଜାକର ଘଟଣା। ରାଜ୍ୟ ଓ ଜନସାଧାରଣଙ୍କ ସ୍ୱାର୍ଥ ପ୍ରତି କଂଗ୍ରେସ ସବୁବେଳେ କାର୍ଯ୍ୟ କରିଆସିଛି। ତେଣୁ ଏହି ଘଟଣାକୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଅତ୍ୟନ୍ତ ଗୁରୁତ୍ୱର ସହ ନେଇଛନ୍ତି। ଆସନ୍ତା ୧୦.୩.୨୦୨୧ ତାରିଖ ବୁଧବାର ଦିନ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ କୁଟିଆ ଅଂଚଳ ଗସ୍ତ କରିବ। ଏଥିନିମନ୍ତେ ୧୦ ତାରିଖ ସକାଳ ୧୦ ଘଂଟା ସମୟରେ ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁନ୍ଦୁଲି ଛକ ଠାରେ ନେତୃବୃନ୍ଦଙ୍କୁ ଏକତ୍ରିତ ହେବାକୁ ପିସିସି ପକ୍ଷରୁ ଅନୁରୋଧ କରାଯାଇଛି।

# ଚରମ୍ପା ବରିଷ୍ଠ ନାଗରିକ ସଂଘର ୨ୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ପାଇଁ ପ୍ରସ୍ତୁତି ବୈଠକ



ଭଦ୍ରକ,୮।୩: ଚରମ୍ପା ବରିଷ୍ଠ ନାଗରିକ ସଂଘର ଦ୍ୱିତୀୟ ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ନିମନ୍ତେ ସଂଘପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଶ୍ରୀ ଅରବିନ୍ଦ ପାଠ ଚକ୍ର ସମ୍ମିଳନୀ ଗୃହରେ ସଂଘର ସଭାପତି ଗଗନ ବିହାରୀ ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ର ବାର୍ଷିକ ଉତ୍ସବ ପାଳନ ପାଇଁ ଉପସ୍ଥିତ ସମସ୍ତ ସଭ୍ୟଙ୍କୁ ସୂଚନା ଦେଇଥିଲେ। ସଂଘର ନିଷ୍ପତ୍ତି କ୍ରମେ ଉକ୍ତ ଉତ୍ସବରେ ମାନନୀୟା ସାଂସଦ ମଞ୍ଜୁଲତା ମଣ୍ଡଳ, ମାନନୀୟ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ପ୍ରାଧାପକ ବ୍ରଜ ମୋହନ ମିଶ୍ରଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯିବାକୁ ସ୍ଥିର ହୋଇଥିଲା। ଏଥି ପାଇଁ ଏକ କମିଟି ଗଠନ କରାଯାଇ ସଭାପତି ଭାବେ ଗଗନ ବିହାରୀ ରାଉତ, ସମ୍ପାଦକ କୈଳାଶ ମହାପାତ୍ର, ଉପଦେଷ୍ଟା ପଦ୍ମଲୋଚନ ମହାଳିକ, ସଭ୍ୟ ଅଜୟ କୁମାର ପାଢ଼ୀ, ବିଶ୍ୱନାଥ ବେହେରା, ଶଙ୍କର୍ଷଣ ସାହୁ, ବରଦା ପ୍ରସନ୍ନ ପଣ୍ଡା, ଶଶିକାନ୍ତ ପାଢ଼ୀ, ବିଜୟ କୁମାର ସେନାପତି,କୋଷାଧକ୍ଷ ସୁଦର୍ଶନ ବିଶ୍ୱାଳଙ୍କୁ ନେଇ କମିଟି କରାଯାଇଛି। ଆଜିର ବୈଠକରେ ନୂତନ ସଭ୍ୟ ବିଶ୍ୱନାଥ ପାଢ଼ୀ, ଅଜୟ ପାଣିଗ୍ରାହୀ, ଗଣପତି ପାଣିଗ୍ରାହୀ ସଂଘର ସଦସ୍ୟତା ଗ୍ରହଣ କରିଥିଲେ। ଦୀନବନ୍ଧୁ ମହାରଣା, ବାବୁଲାଲ ଦାସ, ଦାଶରଥି ବେହେରା, ଜଗବନ୍ଧୁ ମହାନ୍ତି, ନରେନ୍ଦ୍ର ପଟ୍ଟନାୟକ, ରତ୍ନାକର ହାତୀ, ସନାତନ ଜେନା, ରବିନାରାୟଣ ପଣ୍ଡା ଆଲୋଚନାରେ ଭାଗ ନେଇଥିଲେ । ନାରାୟଣ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ସାମ୍ବାଦିକଙ୍କୁ କୋଭିଡ ଟିକା ପ୍ରଦାନ ଦାବି

## ମୟୁରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ବାରିପଦା,୦୮/୦୩ (ନି.ପ୍ର): କୋଭିଡ ମହାମାରୀ ସମୟରେ କାର୍ଯ୍ୟରତ ସାମ୍ବାଦିକ ମାନେ ସମ୍ମୁଖ ଭାଗରେ ରହି କୋଭିଡ ମୁକାବିଲା କ୍ଷେତ୍ରରେ କାର୍ଯ୍ୟ କରିଆସୁଥିବା ବେଳେ, ଓଡିଶା ସରକାର ସାମ୍ବାଦିକ ମାନଙ୍କୁ କୋଭିଡ ଯୋଦ୍ଧାର ଆଖ୍ୟାଦେଇ କୋଭିଡ ସଂକ୍ରମଣରେ ସାମ୍ବାଦିକର ମୃତ୍ୟୁ ହେଲେ ୧୫ଲକ୍ଷ ଟଙ୍କାର ସହାୟତା ମଧ୍ୟ ଘୋଷଣା କରିଥିଲେ । ସାମ୍ବାଦିକ ମାନେ କୋଭିଡ ସଂକ୍ରମଣ କାଳରେ ନିଜର ତଥା ନିଜ ପରିବାର ବର୍ଗଙ୍କ ଜୀବନକୁ ବିପଦରେ ପକାଇ ଖବର ସଂଗ୍ରହ କରିବା ସହିତ ସରକାରଙ୍କ ଯୋଜନା ଓ ସଚେତନତାର ବାର୍ତ୍ତାକୁ ଲୋକମାନଙ୍କ ନିକଟରେ ପହଂଚାଇ ଥିଲେ । ତେବେ ବର୍ତ୍ତମାନ କରୋନା ଟୀକା ପ୍ରଦାନ କରାଯାଉଥିବା ବେଳେ ସାମ୍ବାଦିକ ମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସରକାରଙ୍କ ତରଫରୁ କୋରନା ଟୀକା ପ୍ରଦାନ କରାଯାଉ ନାହିଁ । ଏହି ପରିପ୍ରେକ୍ଷୀରେ ଆଜି ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ସାମ୍ବାଦିକ ମାନଙ୍କୁ ସରକାର ତୁରନ୍ତ ଅଗ୍ରାଧିକାର ଭିତ୍ତିରେ କରୋନା ଟିକା ଦେବା ଦାବୀରେ ଏକ ଦାବୀପତ୍ର ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜଙ୍କୁ ପ୍ରଦାନ କରାଯାଇଥିବାର ଜଣାଯାଇଛି । ଆଜିର ଏହି ଦାବୀପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସଂଘର କାର୍ଯ୍ୟକାରୀ ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକ, ସାଧାରଣ ସମ୍ପାଦକ ଦୀପକ କୁମାର ନାୟକ, ସଂଗଠନ ସମ୍ପାଦକ ରାଜକିଶୋର ଦାସ, କୋଷାଧ୍ୟକ୍ଷ ଅକ୍ଷୟ ଅଗ୍ରୱାଲା, ଶୃଙ୍ଖଳା କମିଟିର ସଦଶ୍ୟ ସୁକାନ୍ତ ଜୀଉ ଓ ରଞ୍ଜନ କୁମାର ଦାସ, ମିଡିଆ ସଂଯୋଜକ ସୁବ୍ରତ କୁମାର ଦାସ ଓ ରାଜ ଗୁପ୍ତା ପ୍ରମୁଖ ବାରିପଦାର ବହୁ କାର୍ଯ୍ୟରତ ସାମ୍ବାଦିକ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହିତ ଦାବୀପତ୍ର ପ୍ରଦାନ କରିଥିଲେ ।

# ଉନ୍ମୋଚିତ ହେଲା 'ସ୍ୱର୍ଣ୍ଣିମ ସ୍ୱପ୍ନର ସୁରଭି'

## ଡ. ମିତାରାଣୀ ଓ ଗଣେଶଙ୍କ ବିହାରର ୨୫ ବର୍ଷ ପୂର୍ତ୍ତିରେ ସ୍ମୃତିମଞ୍ଜରି



ବାଲେଶ୍ୱର,୮/୩(ନି.ପ୍ର) କୁଆମରା ସାରସ୍ୱତ ସ୍ନାତକ ମହାବିଦ୍ୟାଳୟର ବରିଷ୍ଠ ଅଧାପିକା ତଥା ଲେଖିକା ଡ. ମିତାରାଣୀ ଦ୍ୱିବେଦୀ ଓ ବହୁ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଗଣେଶ ନାରାୟଣ ପ୍ରହରାଜଙ୍କ ୨୫ବର୍ଷ ବୈବାହିକ ଜୀବନର ରୌପ୍ୟଜୟନ୍ତୀ ପାଳନ ଅବସରରେ ଏକ ବର୍ଣ୍ଣାଢ଼୍ୟ ପରିବେଶରେ ଉନ୍ମୋଚିତ ହୋଇଛି ସ୍ମୃତି ମଞ୍ଜରି 'ସ୍ୱର୍ଣ୍ଣିମ ସ୍ୱପ୍ନର ସୁରଭି' ନାମକ ଏକ ମନୋଜ୍ଞ ସଂକଳନ । ଉଭୟଙ୍କର ସହକର୍ମୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗଙ୍କ ଆଲେଖ୍ୟ ସହ ସେମାନେ ନିଜ ଜୀବନର ଦୀର୍ଘ ୨୫ବର୍ଷର ବୈବାହିକ ଜୀବନର ସ୍ମୃତି ଅନୁଭୂତିକୁ ଏଥିରେ ବର୍ଣ୍ଣନା କରିଛନ୍ତି । ଏହି ଅବସରରେ ଗତକାଲି ୭ ତାରିଖ ସଂଧ୍ୟାରେ ବାଲେଶ୍ୱର ଟାଉନହଲ ପରିସରରେ ଶତାଧିକ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏକ ସ୍ମୃତି ରୋମନ୍ଥନର ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉଭୟ ପରିବାରର ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶିଷ୍ଟ ସାହିତ୍ୟିକ କୁମାର ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓରିଶା ଫଲଅପ୍‌ର ବିସପ୍ ଡି.ବି. ହୃଦୟ ଯୋଗ ଦେଇଥିଲା ବେଳେ କବି ପ୍ରଶାନ୍ତ ଦାସ, ଡ. ଭାଗବତ ପ୍ରସାଦ ଦାସ, ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ 'ସ୍ୱର୍ଣ୍ଣିମ ସ୍ୱପ୍ନର ସୁରଭି' ପୁସ୍ତିକାକୁ ଉନ୍ମୋଚନ କରିଥିଲେ । ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ପ୍ରାକ୍‌କଥନ ରଖିଥିବାବେଳେ ଡା: ଶାନ୍ତନୁ କୁମାର ଦ୍ୱିବେଦୀ, ପଞ୍ଚାନନ ବେହେରା, ସୁଶୀଲ କୁମାର ଧଳ, କାର୍ତ୍ତିକ ନାରାୟଣ ପ୍ରହରାଜ, ମହେଶ ନାରାୟଣ ପ୍ରହରାଜ, ବୈଦ୍ୟନାଥ ମିଶ୍ର, କାର୍ତ୍ତିକେଶ୍ୱର ଦାଶ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ । ଇଡ଼ିଦା ଗ୍ରାମରୁ ପ୍ରତିଷ୍ଠିତ ଜମିଦାର ପ୍ରହରାଜ ପରିବାର ଓ ଦୁର୍ଗାଦେବୀ ଗ୍ରାମର ରଘୁନାଥ ଦ୍ୱିବେଦୀ ପରିବାରର ଐତିହ୍ୟ ଆଧାରରେ ପ୍ରସ୍ତୁତ ଏକ ନାଟକ ମଞ୍ଚସ୍ଥ ହୋଇଥିଲା । ନୃତ୍ୟ, ସଂଗୀତର ତାଳେତାଳେ ଏହି ମନଛୁଆଁ ଭିନ୍ନଧର୍ମୀ ଉତ୍ସବକୁ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ସମବେତ ଶତାଧିକ ଅତିଥିମାନେ ଉପଭୋଗ କରିଥିଲେ । ଓଡ଼ିଶା ପଲିଟେକ୍‌ନିକ୍, ନର୍ଥ ଓଡ଼ିଶା ସ୍କୁଲ ଅଫ୍ ଇଂଜିନିୟରିଙ୍ଗ, ଓଡ଼ିଶା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ପ୍ରଭୃତି ଅନୁଷ୍ଠାନ ସମୂହର ପ୍ରତିଷ୍ଠାତା ସଦସ୍ୟ ଗଣେଶ ନାରାୟଣ ପ୍ରହରାଜ ଓ ଅଧାପିକା ଡ. ମିତାରାଣୀ ଦ୍ୱିବେଦୀ ନିଜର ୨୫ବର୍ଷ ଦାମ୍ପତ୍ୟ ଜୀବନର ବିବିଧସ୍ମୃତି ରୋମନ୍ଥନ କରିଥିଲେ । ମଞ୍ଚସ୍ଥ ନାଟକକୁ ରଚନା କରିଥିଲେ ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ଓ ନିର୍ଦ୍ଦେଶନା ଦେଇଥିଲେ ଡା: ଶାନ୍ତନୁ କୁମାର ଦ୍ୱିବେଦୀ, ନାଟକଟି ବେଶ୍ ଉପଭୋଗ୍ୟ ହୋଇଥିଲା ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo